୬

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା | 8 Pages, ₹ 2.00

● ବର୍ଷ-୩୨ ● ସଂଖ୍ୟା-୨୯୫ ● ୨୩ ନଭେମ୍ବର ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-295 ● 23rd November 2025, Sunday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27




ପ୍ରଥମ ଦିନର ଖେଳ ଶେଷ, ଦକ୍ଷିଣ ଆଫ୍ରିକା ୨୪୭/୬

## ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ମୁଖ୍ୟମନ୍ତ୍ରୀ

# ସଂସ୍କୃତି ଓ ପରମ୍ପରାର ସୁରକ୍ଷା ସହିତ ସାମଗ୍ରୀକ ବିକାଶ ପ୍ରତି ସରକାର ପ୍ରତିବଦ୍ଧ

**ନୂଆଦିଲ୍ଲୀ, ୨୨।୧୧**

ସମୃଦ୍ଧ ସଂସ୍କୃତି ଓ ପରମ୍ପରାର ସୁରକ୍ଷା ସହିତ ସମାନ୍ତରାଳ ଭାବେ ପ୍ରଗତି ଓ ଆଧୁନିକତାକୁ ଆଦରି ନେଇ ସବୁ ବର୍ଗର ଲୋକମାନଙ୍କ ସାମଗ୍ରୀକ ବିକାଶ ପ୍ରତି ସରକାର ପ୍ରତିବଦ୍ଧ ବୋଲି ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଢୋକ୍ତି ପ୍ରକାଶ କରିବା ସହିତ ୨୦୩୬ ସୁଦ୍ଧା ବିକଶିତ ଓଡିଶା ଗଠନ ଦିଗରେ ସମସ୍ତେ ବ୍ରତୀ ହେବାକୁ ଆହ୍ୱାନ ଦେଇଛନ୍ତି ।



୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୨୦୨୫ର ନବମ ଦିବସରେ ଶନିବାର ପାଳିତ ଓଡିଶା ରାଜ୍ୟ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ, ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର ବିଷୟବସ୍ତୁ ଯଥାର୍ଥରେ ଆମ ସ୍ୱପ୍ନ ଓ ସମ୍ଭାବନାକୁ ପ୍ରତିପାଦିତ କରିବା ସହିତ ପ୍ରଯୁକ୍ତି ବିଦ୍ୟାର ସଫଳ ଉପଯୋଗ ମାଧ୍ୟମରେ ସିଲିକନ୍ ସେମିକଣ୍ଡକ୍ଟର୍ ଚିପ୍ ଭଳି ସୂକ୍ଷ୍ମାତିସୂକ୍ଷ୍ମ ଅତ୍ୟାଧୁନିକ ଉତ୍ପାଦ ପ୍ରସ୍ତୁତି କ୍ଷେତ୍ରରେ ଓଡ଼ିଶାକୁ ନୂତନ ପରିଚୟ ପ୍ରଦାନ କରିବ ବୋଲି କହିଥିଲେ । ଏହା ଆମ ଅର୍ଥନୀତିକୁ ସୁଦୃଢ କରିବ ଏବଂ ନୂତନ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରିବ । ନବୀକରଣୀୟ ବିଦ୍ୟୁତ ଶକ୍ତିର ଉତ୍ପାଦନ, ବ୍ୟାପକ ବୃକ୍ଷଚାରା ରୋପଣ ମାଧ୍ୟମରେ ପରିବେଶ ସନ୍ତୁଳନ ରକ୍ଷା ଏବଂ ପରବର୍ତ୍ତୀ ପିଢି ପାଇଁ ଏକ ସୁନ୍ଦର ପୃଥିବୀ ଛାଡିଯିବା ଆଭିମୁଖ୍ୟ ନେଇ ଆମ ନୀତି ଓ ଯୋଜନା ପ୍ରଣୟନ କରିବା ସହିତ ତାର କାର୍ଯ୍ୟାନ୍ୱୟନ ଆମର ପ୍ରାଥମିକତା ରହିଛି ବୋଲି ଉପସ୍ଥିତ ଗଣମାଧ୍ୟମକୁ ସୂଚନା ଦେଇଥିଲେ ।

ସେ କହିଥିଲେ ଯେ, ଉତ୍କର୍ଷ ଓଡ଼ିଶା : ମେକ-ଇନ-ଓଡିଶା କନକ୍ଲେଭ ମାଧ୍ୟମରେ ବିଶ୍ୱର ଶିଳ୍ପପତି ଓ ପୁଞ୍ଜିପତିମାନଙ୍କୁ ଓଡ଼ିଶା ପ୍ରତି ଆକର୍ଷିତ କରିବା ହେଉ, ଓଡିଶାର ସୁଦକ୍ଷ ଯୁବଗୋଷ୍ଠୀ ଓ ସେମାନଙ୍କ ଷ୍ଟାର୍ଟ-ଅପ ଉତ୍ପାଦକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିବାକୁ ଅଥବା ଓଡିଶାରେ ଉତ୍ପାଦିତ ଶ୍ରୀଅନ୍ନ ବିସ୍ତୃତ (ପୃଷ୍ଠା ୭ରେ)

## ବାଂଲାଦେଶୀ ଅନୁପ୍ରବେଶ ମୁଖ୍ୟ ଆସାମୀ ଗିରଫ

**ଜଗତସିଂହପୁର, ୨୨।୧୧ : ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲାରେ ବାଂଲାଦେଶୀ ଅନୁପ୍ରବେଶ ଘଟଣାରେ ମୁଖ୍ୟ ଆସାମୀ ଗିରଫ । ମୁଖ୍ୟ ଆସାମୀ ସିକନ୍ଦର ଆଲାମକୁ ଗିରଫ କରିଛି ପୁଲିସ । ଅଭିଯୁକ୍ତ ସିକନ୍ଦରକୁ ଯାଜପୁରରୁ ଗିରଫ (ପୃଷ୍ଠା ୭ରେ)

## ମାଓବାଦୀ ମୁକାବିଲା ତ୍ୱରାନ୍ୱିତ କରିବାକୁ ଡିଜିପିଙ୍କ ନିର୍ଦ୍ଦେଶ

**କନ୍ଧମାଳ, ୨୨।୧୧ : ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଦୁଇ ଦିନିଆ ବୌଦ୍ଧ, କନ୍ଧମାଳ ଓ ଗଞ୍ଜାମ ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ପ୍ରସଙ୍ଗରେ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଜିଲ୍ଲା ଗୁଡିକରେ ଆଇନ ଓ ଶୃଙ୍ଖଳା ପରିସ୍ଥିତି, ମାଓବାଦୀ ସମସ୍ୟା, ଗଞ୍ଜେଇ ଚାଷ ଓ ଚୋରାଚାଲାଣ ରୋକିବାକୁ ଏବଂ ଆଗାମୀ ଦିନରେ ଅପରାଧୀ ତଥା ମାଓବାଦୀଙ୍କ ବିରୋଧରେ ସ୍ୱତନ୍ତ୍ର ରଣନୀତି ସମ୍ପର୍କରେ ବରିଷ୍ଠ ଅଧିକାରୀଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରିଥିଲେ ।

ଶନିବାର ପୂର୍ବାହ୍ନରେ କନ୍ଧମାଳ ଜିଲ୍ଲା ଗସ୍ତ ସମୟରେ ଡିଜିପି ଶ୍ରୀ ଖୁରାନିଆ ପେନାମାଳ (ପୃଷ୍ଠା ୭ରେ)









# ନୀଳାଦ୍ରିବିହାର ଭେଣ୍ଡିଂ ଜୋନ୍ ଖୋଲିନି, ମରାମତି ଲୋଡ଼ିଲାଣି

**ଚନ୍ଦ୍ରଶେଖରପୁର, ନ୍ୟୁଜ ବ୍ୟୁରୋ**
ଉଠାଦୋକାନୀଙ୍କୁ ଥଇଥାନ କରିବାକୁ ପ୍ରାୟ ୨ କୋଟି ଟଙ୍କା ବ୍ୟୟରେ ଭେଣ୍ଡିଂ ଜୋନ୍ ନିର୍ମାଣ ହୋଇଥିଲା। ଜଳାଶୟକୁ ପୋତି ଭେଣ୍ଡିଂ ଜୋନ୍ ଭିତରେ ୩୦ରୁ ଅଧିକ ଦୋକାନ ଘର ମଧ୍ୟ ତିଆରି ହୋଇଥିଲା। ସେଠାରେ ଯେଉଁମାନେ ବେପାର କରିବେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀଗୁଡ଼ିକର ନାମ ଓ ମୂଲ୍ୟ ଉଲ୍ଲେଖ କରିବାକୁ ଚାଟ୍ ମଧ୍ୟ ଲାଗିଥିଲା। ମାତ୍ର ଆଜି ପର୍ଯ୍ୟନ୍ତ ଦୋକାନୀମାନଙ୍କୁ ଘର ଆବଣ୍ଟନ ହେଲା ନାହିଁ। ହକି ବିଶ୍ୱକପ୍ ସମୟରେ ଯେଉଁ ବ୍ୟବସାୟୀଙ୍କ ଦୋକାନ ଘର ଭଙ୍ଗାଯାଇଥିଲା, ସେମାନେ ତିନି ବର୍ଷ ହେଲା ଦୋକାନଘର ପାଇବା ଅପେକ୍ଷାରେ ଅଛନ୍ତି। ଅନ୍ୟପଟେ ଆଉ କିଛି ଉଠାଦୋକାନୀ ଏବେ ଫୁଟ୍‌ପାଥକୁ ଜବରଦଖଲ କରି ଲୋକଙ୍କ ସମସ୍ୟା ବଢ଼ାଇଲେଣି। ନୀଳାଦ୍ରିବିହାର ମଙ୍ଗଳାମନ୍ଦିର ଛକ ନିକଟ ୮ ନମ୍ବର ୱାର୍ଡରେ ନିର୍ମାଣ ହୋଇଥିବା ଭେଣ୍ଡିଂ ଜୋନ୍‌ରେ ଏଭଳି ଅବସ୍ଥା ଦେଖିବାକୁ ମିଳୁଛି। ଅଞ୍ଚଳର ବଢୁଥିବା କଳେବରକୁ ଦୃଷ୍ଟିରେ ରଖି ଗମନାଗମନ ବ୍ୟବସ୍ଥା ସଜାଡ଼ିବାକୁ ପ୍ରଥମେ ୪ ଥାକିଆ ଏକ ରାସ୍ତା ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଥିଲା। ତେଣୁ ସାଧାରଣ ପ୍ରଶାସନ ବିଭାଗ ଅଧୀନରେ ଥିବା ଏକପ୍ରାକୃତିକ ଜଳାଶୟକୁ ଧୀରେ ଧୀରେ ପୋତାଯାଇଥିଲା। ରାସ୍ତା ନିର୍ମାଣ ସରିବା କ୍ଷଣି ବିଏମ୍‌ସି ପକ୍ଷରୁ ଆରମ୍ଭ ହୋଇଯାଇଥିଲା ଉଠାଦୋକାନୀଙ୍କୁ ଥଇଥାନ ପ୍ରକ୍ରିୟା। ରାସ୍ତା ଯିବା ପରେ ବଳକା ଥିବା ସ୍ଥାନରେ ଭେଣ୍ଡିଂ ଜୋନ୍ କରିବାକୁ ଅଧିକାରୀମାନେ ପଦକ୍ଷେପ ନେଇଥିଲେ। ଜଳାଶୟକୁ ସମ୍ପୂର୍ଣ୍ଣ ଭାବେ ପୋତିବା ସହ ସେଠାରେ ୩୦ଟି ଦୋକାନଘର କରି ରାସ୍ତାପାର୍ଶ୍ୱ ବେପାରୀଙ୍କୁ ଦେବାକୁ ନିଷ୍ପତ୍ତି ହୋଇଥିଲା। ଇତିମଧ୍ୟରେ ଭେଣ୍ଡିଂ ଜୋନ୍ ନିର୍ମାଣକୁ ତିନିବର୍ଷ ବିତିଯାଇଥିଲେ ମଧ୍ୟ ଆବଣ୍ଟନ କରାଯାଇପାରୁ ନାହିଁ। ଭେଣ୍ଡିଂ ଜୋନ୍ ଖୋଲିବା ବିଳମ୍ବ ହେଉଥିବାରୁ ଏବେ ସେଠାରେ ଅସାମାଜିକଙ୍କ ଆଡ଼ା ଜମୁଛି। ରକ୍ଷଣାବେକ୍ଷଣା ଅଭାବରୁ ଭେଣ୍ଡିଂ ଜୋନ୍ ନିକଟରେ ଗଛଲତା ମାଡ଼ିଗଲାଣି। ପେଭର ବ୍ଲକ୍ ବି ଉଠିଗଲାଣି। ଭେଣ୍ଡିଂ ଜୋନ୍ ଉପରେ 'ସବୁଜ ସୁନ୍ଦର ସହର ଆମ ଭୁବନେଶ୍ୱର' ବାର୍ତ୍ତା ଲେଖାଯାଇଥିବା ବେଳେ ତା'ତଳେ ଆବର୍ଜନା ଜମା ହୋଇଛି। କେବଳ ସେତିକି ନୁହେଁ, କିଛି ଅସାମାଜିକ ଏହା ଭିତରେ ଘର କଲେଣି। ଭେଣ୍ଡିଂ ଜୋନ୍ ତାଲା ଭାଙ୍ଗି ଭିତରେ ରହିବା ସହ ଚଳପ୍ରଚଳ କରୁଛନ୍ତି। ଭେଣ୍ଡିଂ ଜୋନ୍ ପାଚେରିରେ ଲାଗିଥିବା ଲୁହା ଗ୍ରିଲ୍‌ଗୁଡ଼ିକୁ ଇତିମଧ୍ୟରେ ତାଡ଼ି ନିଆଯାଇ ଥିବା ଦେଖିବାକୁ ମିଳିଛି। ପାଖାପାଖି ବର୍ଷେ ହେଲା ଏଭଳି ସମସ୍ୟା ହୋଇଥିଲେ ମଧ୍ୟ କେହି ମୁହଁ ଖୋଲୁ ନାହାନ୍ତି। ବିଶେଷସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଭାଗବଣ୍ଟା ଛିଣ୍ଡୁ ନ ଥିବାରୁ ଭେଣ୍ଡିଂ ଜୋନ୍ ଆବଣ୍ଟନ କରାଯାଉନାହିଁ। ବିଜେଡି ସରକାରଙ୍କ ସମୟରେ ଏହି ପ୍ରକଳ୍ପ କାମ ଶେଷ ହୋଇଥିଲା। ଯେଉଁମାନଙ୍କ ଦୋକାନ ଭଙ୍ଗାଯାଇ ଥଇଥାନ କରାଯାଇଥିଲା ତାହାକୁ ତାଲିକା ପ୍ରସ୍ତୁତ ହୋଇଥିଲା। ମାତ୍ର ଏବେ ଦେଖାଯାଉଛି ଯେ ଯେଉଁମାନେ ଯୋଗ୍ୟ ସେମାନଙ୍କୁ ଦିଆ ନଯାଇ ବାହାର ଲୋକଙ୍କୁ ସାମିଲ କରିବାକୁ ବିଏମ୍‌ସି ପକ୍ଷରୁ ଉଦ୍ୟମ ହେଉଛି। କେତେଜଣ ଦଲାଲ୍ ଭେଣ୍ଡିଂ ଜୋନ୍ ଆବଣ୍ଟନରେ ହସ୍ତକ୍ଷେପ କରିବା ସହ ଅର୍ଥ ନେଇ ଅଯୋଗ୍ୟ ହିତାଧିକାରୀଙ୍କୁ ଦେବାକୁ ଚାପ ପକାଉଛନ୍ତି, ଯାହାକୁ ନେଇ ବିବାଦ ମୁଣ୍ଡ ଟେକିଛି।

# ୨୦୨୬ ଶେଷ ସୁଦ୍ଧା ୭୫ ବରପୁତ୍ରମାନଙ୍କ ନୂତନ ପ୍ରତିମୂର୍ତ୍ତି ନିର୍ମାଣ ଲକ୍ଷ୍ୟ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ପୂଜ୍ୟପୂଜା ପରମ୍ପରାକୁ ଆଉ ଟିକେ ଆଗକୁ ନିଆଯିବ। ଓଡ଼ିଶାର ଆଉ କିଛି ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସାର୍ବଜନୀନ ସ୍ଥାନରେ ପ୍ରତିଷ୍ଠା କରାଯିବ। ଫଳରେ ଉତ୍ତରପିଢ଼ି ଆମ ବରପୁତ୍ରମାନଙ୍କୁ ନେଇ ଅଧିକ ସଚେତନ ହେବେ। ଏନେଇ ଅଣ୍ଟା ଭିଡ଼ିଛି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ। ଓଡ଼ିଶାରେ ଜାତୀୟ ଓ ରାଜ୍ୟସ୍ତରୀୟ ବରପୁତ୍ରଙ୍କ ୭୫ଟି ନୂତନ ପ୍ରତିମୂର୍ତ୍ତି ନିର୍ମାଣ ଓ ସ୍ଥାପନ କରିବା ପାଇଁ ସଂସ୍କୃତି ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପ୍ରାୟ ୧୪ କୋଟି ଟଙ୍କାର ବ୍ୟୟରେ ଓଡ଼ିଶାରେ ଏହିସବୁ ପ୍ରତିମୂର୍ତ୍ତି ନିର୍ମାଣ ଓ ସ୍ଥାପନ ନିମନ୍ତେ ସରକାରଙ୍କ ତରଫରୁ ନିଷ୍ପତ୍ତି ନିଆଯାଇଛି। ଏଥିସହ ଏହି ସମସ୍ତ କାର୍ଯ୍ୟ ୨୦୨୬ ମସିହା ଶେଷ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଛି। ପୁରୀ ଜିଲ୍ଲାରେ ଭକ୍ତ ମନେଇ ସାହୁ, ଅଟଳ ବିହାରୀ ବାଜପେୟୀ, ଖୋର୍ଦ୍ଧା ଜିଲ୍ଲାରେ ସ୍ୱର୍ଗତ ବିଶ୍ୱନାଥ ଦାସ, କବି ସଚ୍ଚିଦାନନ୍ଦ ରାଉତରାୟ, କବି କୁନ୍ତଳା କୁମାରୀ ସାବତ, ବୀର ସୁରେନ୍ଦ୍ର ସାଏ, ପଦ୍ମଶ୍ରୀ ଉପେନ୍ଦ୍ର ମହାରଥୀ, ବୀର ସିଡୋ ମୁର୍ମୁ ଓ କାହ୍ନୁ ମୁର୍ମୁ, ରବି ରାୟ, ବିନାୟକ ଆଚାର୍ଯ୍ୟ, ସୁରେନ୍ଦ୍ର ମହାନ୍ତି, ରାଧାନାଥ ରଥ, ଲାଲ୍ ବାହାଦୁର ଶାସ୍ତ୍ରୀ, ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳ, ପିଣ୍ଡିକି ବାହୁବଳେନ୍ଦ୍ର, ଧରଣୀଧର ନାୟକ, ଲକ୍ଷ୍ମୀକାନ୍ତ ମହାପାତ୍ର, ବାଲେଶ୍ୱର ଜିଲ୍ଲାରେ କବିବର ରାଧାନାଥ ରାୟ, ମୁକୁନ୍ଦ ପ୍ରସାଦ ଦାସ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ରାଧାନାଥ ରାୟ, ଖୁଦିରାମ ବୋଷ, ଜଗତସିଂହପୁର ଜିଲ୍ଲାରେ ଜାତୀୟ କବି ବୀର କିଶୋର ଦାସ, ଶାରଳା ଦାସ, ଅଟଳ ବିହାରୀ ବାଜପେୟୀ, ମହେଶ ଚନ୍ଦ୍ର ସୁବାହୁସିଂହ, ନୟାଗଡ଼ ଜିଲ୍ଲାରେ ଉତ୍କଳଘଣ୍ଟ



ଯଦୁମଣି ମହାପାତ୍ର, ପଠାଣି ସାମନ୍ତ, କଟକ ଜିଲ୍ଲାରେ ଭୈରବ ମହାନ୍ତି, ସରଳା ଦେବୀ, ରାଣୀ ଶୁକଦେବୀ, କବିଚନ୍ଦ୍ର କାଳୀ ଚରଣ ପଟ୍ଟନାୟକ, ନୀଳମଣି ବିଦ୍ୟାରତ୍ନ, ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ, ଗଙ୍ଗାଧର ମେହେର, ବରଗଡ଼ ଜିଲ୍ଲାରେ କୁଞ୍ଜ ବିହାରୀ ଦାସ, ଗଙ୍ଗାଧର ମେହେର, ମନହୋର ସିଂହ, ଅନୁଗୁଳ ଜିଲ୍ଲାରେ ବି. ଆର ଆମ୍ବେଦକର, ନବକୃଷ୍ଣ ଚୌଧୁରୀ, ଢେଙ୍କାନାଳ ଜିଲ୍ଲାରେ ସାରଙ୍ଗଧର ଦାସ, ବାଜି ରାଉତ, ଭଦ୍ରକ ଜିଲ୍ଲାରେ ବିପ୍ଳବୀ ଚକ୍ରଧର ବେହେରା, ସହିଦ ନିରଞ୍ଜନ ବେହେରା, ସ୍ୱାମୀ ବିବେକାନନ୍ଦ, ଭଦ୍ରକ ଜିଲ୍ଲା ଧୂଷୁରୀରେ ଅଟଳ ବିହାରୀ ବାଜପେୟୀ, ବାଞ୍ଛାନିଧି ମହାନ୍ତି, ମୁରଲୀଧର ପଣ୍ଡା, ଲକ୍ଷ୍ମୀକାନ୍ତ ମହାପାତ୍ର, ଚାନ୍ଦବାଲିରେ ଅଟଳବିହାରୀ ବାଜପେୟୀ, ବଲାଙ୍ଗୀର ଜିଲ୍ଲାରେ ହରେକୃଷ୍ଣ ମହତାବ, ଗଙ୍ଗାଧର ମେହେର, ଗଞ୍ଜାମ ଜିଲ୍ଲାରେ ଦିବାକର ପଟ୍ଟନାୟକ, ଉପେନ୍ଦ୍ର ଭଞ୍ଜ, ବଳଦେବ ରଥ, ଜୟମଙ୍ଗଳ ରଥ, ସନ୍ଥ ଅରକ୍ଷିତ ଦାସ, ପଦ୍ମଶ୍ରୀ ଭଗବାନ ସାହୁ, ହରିହର ମର୍ଦ୍ଦରାଜ, ଚକରା ବିଷୋୟୀ, ସହିଦ ଭଗତ ସିଂ, ଶଶୀ ଭୂଷଣ ରଥ ସମ୍ବଲପୁର ଜିଲ୍ଲାରେ ଲକ୍ଷ୍ମଣାନନ୍ଦ ସରସ୍ୱତୀ, ଉତ୍କଳମଣି ଗୋପବନ୍ଧୁ ଦାସ, ବୀର ଛବିଳ ସାଏ, ଚନ୍ଦ୍ରଶେଖର ଆଜାଦ, କେନ୍ଦ୍ରାପଡ଼ା ଜିଲ୍ଲାରେ ମଧୁସୂଦନ ଦାସ, ମୟୂରଭଞ୍ଜ ଜିଲ୍ଲାରେ ପଣ୍ଡିତ ରଘୁନାଥ ମୁର୍ମୁ, ଦିନଦୟାଲ ଉପାଧ୍ୟାୟ, ଅଟଳବିହାରୀ ବାଜପେୟୀ କୋରାପୁଟ ଜିଲ୍ଲାରେ ଶ୍ୟାମା ପ୍ରସାଦ ମୁଖାର୍ଜୀ, କଳାହାଣ୍ଡି ଜିଲ୍ଲାରେ ରେଣ୍ଡୋ ମାଝୀ, କେନ୍ଦୁଝର ଜିଲ୍ଲାରେ ରମାଦେବୀ, ସୋନପୁର ଜିଲ୍ଲାରେ ଭୀମଭୋଇ ଏବଂ ରାୟଗଡ଼ା ଜିଲ୍ଲାରେ ସହିଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଓ ସ୍ଥାପନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି।

# ପୁଣି ଫେରିଲା ସପିଂ ମଲ୍ ପାର୍କିଂ ଶୋଷଣ : ବାଇକ୍ ୧୦, କାର୍୨୦ ଟଙ୍କା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ବ୍ୟବସାୟିକ ପ୍ରତିଷ୍ଠାନ ବ୍ୟବସାୟ କରିବେ ଓ କୋଟି କୋଟି ଲାଭ ନେବେ। ଅଥଚ ଯେଉଁ ଗ୍ରାହକ ଏହି ବ୍ୟବସାୟିକ ପ୍ରତିଷ୍ଠାନକୁ ଲାଭବାନ କରୁଛନ୍ତି, ସେମାନେ ପାର୍କିଂ ଫି' ଗଣିବେ। ଭୁବନେଶ୍ୱରର ଜଣାଶୁଣା ବଡ଼ ବଡ଼ ସପିଂ ମଲ୍‌ମାନେ ପାର୍କିଂ ଫି' ନାଁରେ ପୁଣିଥରେ ଗ୍ରାହକ ଶୋଷଣ ଆରମ୍ଭ କରିଛନ୍ତି। ବାଇକ୍ ପିଛା ୧୦ ଟଙ୍କା ଓ କାର୍ ପିଛା ୨୦ ଟଙ୍କା ପାର୍କିଂ ଫି' ଆଦାୟ କରାଯାଉଛି। ଏହାକୁ ନେଇ ଗ୍ରାହକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ଜୋର ଜବରଦସ୍ତ ପାର୍କିଂ ଫି' ଆଦାୟ ତୁରନ୍ତ ବନ୍ଦ କରାଯାଉ ବୋଲି ଦାବି କରିଛନ୍ତି। ଆବଶ୍ୟକ ପଡ଼ିଲେ, ଆଇନର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ବି ଦେଇଛନ୍ତି। ସେପଟେ ଏନେଇ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଓ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ନିରବତା ସନ୍ଦେହ ସୃଷ୍ଟି କରିଛି। ଅନୁସନ୍ଧାନରୁ ଜଣାପଡ଼ିଛି, ସପିଂ ମଲ୍‌ରେ ଦିନକୁ ପ୍ରାୟ ୮ହଜାରରୁ ଅଧିକ ବାଇକ୍ ଓ ୪ ହଜାରରୁ ଅଧିକ କାର ପାର୍କିଂ ହେଉଛି। ଛୁଟି ଦିନରେ ଏହି ସଂଖ୍ୟା ଢେର ଅଧିକ। ଧାର୍ଯ୍ୟ ପାର୍କିଂ ଫି'କୁ ହିସାବ ନେଲେ, ସପିଂମଲ୍ ମାନେ ଦୈନିକ ପାର୍କିଂରୁ ଦେଢ଼ ଲକ୍ଷ ଟଙ୍କାରୁ ଅଧିକ ରୋଜଗାର କରୁଛନ୍ତି। ୨୦୧୯ ମସିହାରେ ବି ସପିଂ ମଲ୍, ସିନେମା ହଲ୍‌ରେ ଗ୍ରାହକଙ୍କଠାରୁ ଏଭଳି ପାର୍କିଂ ଟଙ୍କା ନେଉଥିଲେ। ସେ ସମୟରେ ଜୋରଦାର ବିରୋଧ ହୋଇଥିଲା। ଅହମଦାବାଦ ଭଳି ରାଜ୍ୟ ପାର୍କିଂ ଫି' ଆଦାୟ ଉପରେ କଟକଣା ଲଗାଇଥିବା ବେଳେ ଓଡ଼ିଶାରେ କାହିଁକି ବୋଲି ଗ୍ରାହକ ଯୁକ୍ତି ବାଢ଼ିଥିଲେ। ସରକାର ଆକ୍ସନ୍ ମୁଡ୍‌କୁ ଆସି ପାର୍କିଂ ଫି' ବନ୍ଦ ନିର୍ଦ୍ଦେଶ ଦେଇଥିଲେ। ବାଲିଅନ୍ତାର ବିକାଶ କୁମାର ରାଉତ କହିଛନ୍ତି, ଏବେ କେତେକ ମଲ୍ ପାର୍କିଂ ଫି' ଆଦାୟ କରୁଛନ୍ତି। ଆମେ ଏଠାକୁ କିଣିବାକୁ ଆସିବୁ, ଆଉ ଯେଉଁ ସଂସ୍ଥାଠାରୁ କିଣିବୁ, ତାକୁ ପାର୍କିଂ ଫି ଦେବୁ। ତୁରନ୍ତ ପାର୍କିଂ ଫି' ଆଦାୟ ବନ୍ଦ କରାଯାଉ।



ଭୁବନେଶ୍ୱରର ବିଜୟ ଭୂଷଣ ମହାନ୍ତି କହିଛନ୍ତି, ସେ ଅଧିକାଂଶ ସମୟ ସପିଂ ମଲ୍‌ରୁ କିଣାକିଣି କରନ୍ତି। ଏବେ ପାର୍କିଂ ବାବଦରେ ଟଙ୍କା ଆଦାୟ ଅଜବ ଲାଗୁଛି। ବିଡିଏ ଉପାଧ୍ୟକ୍ଷ ଏନ୍. ଥିରୁମାଲା ନାଏକ କହିଛନ୍ତି, ସପିଂ ମଲ୍‌କୁ ପାର୍କିଂ ଫି' ଆଦାୟ ସଂପର୍କରେ ଆମେ ଜାଣିନୁ। ଏ ସଂପର୍କରେ ଆମେ ବି କୌଣସି ନିର୍ଦ୍ଦେଶନାମା ଦେଇନୁ। ଯଦି କୌଣସିଠାରେ ଲୋକଙ୍କଠାରୁ ପାର୍କିଂ ଫି' ଆଦାୟ ହେଉଛି, ଆମେ ସେମାନଙ୍କୁ ନୋଟିସ୍ କରିବୁ। କମିସନର୍ ଚଞ୍ଚଳ ରାଣା କହିଛନ୍ତି, ପାର୍କିଂ ଫି' ଆଦାୟ ନେଇ ସେଭଳି କିଛି ନିର୍ଦ୍ଦିଷ୍ଟ ନିୟମ ନାହିଁ। ବିଭିନ୍ନ ରାଜ୍ୟରେ ଭିନ୍ନ ନିୟମ ଓ କୋର୍ଟ ଆଦେଶ ରହିଛି। ହାଇକୋର୍ଟଙ୍କ କିଛି ରାୟ ରହିଛି ଓ ସୁପ୍ରିମକୋର୍ଟଙ୍କର ବି କିଛି ରାୟ ରହିଛି। ବିଡିଏ ଓ ବିଏମ୍‌ସି ବି କିଛି ନିଷ୍ପତ୍ତି ନେଇଛନ୍ତି। ତେଣୁ ସବୁ ଦିଗକୁ ତର୍ଜମା ପରେ ଆମେ ପଦକ୍ଷେପ ନେବୁ। ପାର୍କିଂର ଅପବ୍ୟବହାର କଦାପି କରିବାକୁ ଦେବୁନି। ପାର୍କିଂ ମାଗଣା ରହିବା ସ୍ୱାଭାବିକ କଥା। କିନ୍ତୁ ଅନେକ ସମୟରେ ଏହାର ଅପବ୍ୟବହାର କରାଯାଉଥିବାର ଅଭିଯୋଗ ଆସୁଛି। କିଛି ଲୋକ ମାସ ମାସ ଧରି ପାର୍କିଂରେ ଗାଡ଼ି ରଖି ପଳାଉଛନ୍ତି। ବିଏମ୍‌ସିର ପାର୍କିଂ ରେଗୁଲେଟେଡ୍ ଲିଗାଲ୍ ଅଥରିଟି ସହ ଆଲୋଚନା କରି ଚୂଡ଼ାନ୍ତ ନିର୍ଦ୍ଦେଶ ଦେବୁ। ପାର୍କିଂ ଫି' ଆଦାୟ ସଂପର୍କିତ ଅଭିଯୋଗ ପାଇବା ପରେ ସପିଂ ମଲ୍ କର୍ତ୍ତୃପକ୍ଷଙ୍କ ସହ ଆମେ ଆଲୋଚନା କରିଛୁ।

# ବଢୁଛି ଲାଲବାହିନୀର ଗତିବିଧି : ସନ୍ଦେହରେ ୨୦୨୬ ସୁଦ୍ଧା ମାଓମୁକ୍ତ କନ୍ଧମାଳ

**ଫୁଲବାଣୀ, ନ୍ୟୁଜ ବ୍ୟୁରୋ**
କନ୍ଧମାଳ ଜିଲାକୁ ସମ୍ପୂର୍ଣ୍ଣ ମାଓମୁକ୍ତ କରିବା ଲକ୍ଷ୍ୟରେ ପୁଲିସ କାମ କରୁଛି। ଜିଲା ସମେତ ସୀମାନ୍ତବର୍ତ୍ତୀ ଜିଲାରେ ମାଓ ସଂଗଠନଗକୁ ନିର୍ମୂଳ କରିବାକୁ ବିଗତ ଦିନରେ କନ୍ଧମାଳ ଜିଲାକୁ ପୁଲିସ୍ ମହାନିର୍ଦ୍ଦେଶକଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ ତୁହାକୁ ତୁହା ଗସ୍ତ କରିଛନ୍ତି। ରୁଦ୍ଧଦ୍ୱାର ବୈଠକ ସହିତ କ୍ଷେତ୍ର ପରିଦର୍ଶନ କରିଛନ୍ତି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ୨୦୨୬ ସୁଦ୍ଧା କନ୍ଧମାଳକୁ ମାଓମୁକ୍ତ କରିବା ପାଇଁ ଜିଲା ପୁଲିସ ନାନା ପଦକ୍ଷେପ ଗ୍ରହଣ କରୁଛି। ଅନେକ କୁଖ୍ୟାତ ମାଓନେତା କନ୍ଧମାଳ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। କମ୍ବିଂ ଅପରେସନ ଚାଲିଛି। ତଥାପି ଜିଲାରେ ମାଓ କାର୍ଯ୍ୟପଳାପ କମିବା ପରିବର୍ତ୍ତେ ବଢିବାରେ ଲାଗିଛି। ନିକଟର କନ୍ଧମାଳରେ ସଂଘଟିତ ମାଓ ହିଂସା କାରଣରୁ ୨୦୨୬ ସୁଦ୍ଧା ମାଓମୁକ୍ତ କନ୍ଧମାଳ ସାକାର ରୂପ ନେବ କି ନାହିଁ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

ମଙ୍ଗଳବାର କନ୍ଧମାଳ-ଗଞ୍ଜାମ ଜିଲା ସୀମାନ୍ତ ରାଇକିଆ ଥାନା ଅନ୍ତର୍ଗତ ମାଣିକେଶ୍ୱର ପଞ୍ଚାୟତଠାରୁ ୧୫ କିଲୋମିଟର ଦୂର ଗେଦିଙ୍ଗିଆ ଜଙ୍ଗଲରେ ପୁଣିଥରେ ମୁହାଁମୁହିଁ ହୋଇଥିଲେ ସୁରକ୍ଷା କର୍ମୀ ଓ ମାଓବାଦୀ। ଉଭୟ ପକ୍ଷରୁ ଗୁଳି ବିନିମୟରେ ଜଣେ ଏସଓଜି ଯବାନ ଗୁରତର ହୋଇଛନ୍ତି।



ଦୀର୍ଘ ବର୍ଷର ନିରବତା ପରେ ପୁଣିଥରେ ରାଇକିଆ ଥାନା ଅଞ୍ଚଳରେ ମାଓହିଂସା ପୁଲିସ ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଛି। କେବଳ ସେତିକି ନୁହେଁ, ସେହିଦିନ ବାଲିଗୁଡ଼ା ଥାନା ଅନ୍ତର୍ଗତ ବାରଖମା ଫାଣ୍ଡିର ସୁଦ୍ରା ପଞ୍ଚାୟତ ଯିବା ରାସ୍ତାର ଡ଼ାବୁଡ଼କା ଘାଟିର ଏକାଧିକ ସ୍ଥାନରେ ଲାଗିଥିଲା ମାଓପୋଷ୍ଟର। ଇତିମଧ୍ୟରେ କନ୍ଧମାଳ ପୁଲିସ ନିକଟରେ ୧୦ରୁ ଊର୍ଦ୍ଧ୍ୱ କୁଖ୍ୟାତ ମାଓବାଦୀ ଆତ୍ମସମର୍ପଣ କରି ସାରିଥିବାବେଳେ ଚଳିତ ବର୍ଷ ୫ ଜଣ କ୍ୟାଡର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ବର୍ତ୍ତମାନ କନ୍ଧମାଳ, ବୌଦ୍ଧ ଓ କଳାହାଣ୍ଡି ଜିଲାରେ ମାଓବାଦୀଙ୍କ ସଂଖ୍ୟା ୫୦ ତଳକୁ ଖସି ଆସିଥିବା କିଛିଦିନ ତଳେ ଫୁଲବାଣୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦକ୍ଷିଣାଞ୍ଚଳ ଆଇଜି ନୀତିଶେଖର ସୂଚନା ଦେଇଥିଲେ। ଏପଟେ ରାଇକିଆ ଏବଂ ବାରଖମା ଅଞ୍ଚଳରେ ମାଓ ଉପସ୍ଥିତି ଜଣାପଡିବା ପରେ ପୁଲିସର ଲଗାତାର ଅଭିଯାନ କାରଣରୁ ଲାଲବାହିନୀ ନିଜକୁ ସୁରକ୍ଷିତ ରଖିବା ପାଇଁ ନୂଆ ଠିକଣା ସନ୍ଧାନରେ ରହିଛି। କନ୍ଧମାଳ ଜିଲାରେ ଲାଲବାହିନୀର ଦୁଇଟି ସଂଗଠନ କେକେବିଏନ ଏବଂ ବିଜିଏନ କାର୍ଯ୍ୟ କରୁଥିଲେ ମଧ୍ୟ ଜିଲାରେ କେକେବିଏନ ସଂଗଠନ ସକ୍ରିୟ ରହିଛି। ମାଓନେତା ସବ୍ୟସାଚୀ ପୁଲିସ ହାତରେ ଧରାପଡିବା ପରେ କନ୍ଧମାଳ ଜିଲା ଦାୟିତ୍ୱ ଛତିଶଗଡ କ୍ୟାଡରଙ୍କ ହାତରେ ନ୍ୟସ୍ତ ରହିଛି। ଲାଲବାହିନୀ କନ୍ଧମାଳରୁ ବୌଦ୍ଧ ଦେଇ ଛତିଶଗଡ ପର୍ଯ୍ୟନ୍ତ ଏକ କରିଡର ପ୍ରସ୍ତୁତ କରିଛନ୍ତି। ଜାମ୍ପାନ୍ନା ଓ ତାଙ୍କ ସ୍ତ୍ରୀ ଦୁର୍ଗା ନେତୃତ୍ୱ ନେଇ ଏଠାରେ କେକେବିଏନ ସଂଗଠନ ସମ୍ଭାଳୁଥିଲେ। ସେହିଭଳି କଳାହାଣ୍ଡି – କନ୍ଧମାଳ ବର୍ଡର ଦାୟିତ୍ୱ ଗୁଡୁ ମଣ୍ଡାରୀ ଓରଫ ଦାଶରୁ ଏବଂ ବୌଦ୍ଧ – ନୟାଗଡ ବର୍ଡର ଦାୟିତ୍ୱ ନେଇଥିଲେ ଶଙ୍କର ମାଝୀ ଓରଫ ବାଦଲ। କିଛିବର୍ଷ ତଳେ ଜାମ୍ପାନ୍ନା ଓ ଦୁର୍ଗା ଆନ୍ଧ୍ର ପୁଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ୨୦୧୮ରେ କନ୍ଧମାଳ ଜିଲା ସୁଡୁକୁମ୍ପା ନିକଟରେ ପୁଲିସ ସହିତ ଗୁଳି ବିନମୟରେ ବାଦଲ ପ୍ରାଣ ହରାଇଥିଲେ। ଗତବର୍ଷ ଫେବୃୟାରୀରେ ଦୁର୍ଦ୍ଦାନ୍ତ ମାଓନେତା ଦାଶୁର ମଧ୍ୟ ପୁଲିସ ଗୁଳିରେ ନିହତ ହୋଇଥିଲା। ଏହାପରେ ପ୍ରାୟତଃ ଜିଲାରେ ମାଓ ସଙ୍ଗଠନ ଦୁର୍ବଳ ହୋଇ ପଡିଥିଲା। ପୂର୍ବରୁ କେବଳ ରାଜ୍ୟ ପୁଲିସ ମାଓ ବିରୋଧୀ ଅପରେସନରେ ସାମିଲ ଥିବାବେଳେ ପରବର୍ତ୍ତୀ ସମୟରେ ସିଆରପିଏଫ୍ ଏବଂ ବିଏସଏଫକୁ ମଧ୍ୟ ଏଥିରେ ନିୟୋଜିତ କରାଯାଇଛି। ତଥାପି ଜିଲାରେ କୌଣସି ନା କୌଣସି ସ୍ଥାନରେ ମାଓ କାର୍ଯ୍ୟକଳାପ ପରିଲକ୍ଷିତ ହେଉଛି। ଜିଲାର ଗୋଚ୍ଛାପଡା, ଫିରିଙ୍ଗିଆ ,ବାଲିଗୁଡା. ତୁମୁଡିବନ୍ଧ, ବେଲଘର ଓ ରାଇକିଆ ଥାନା ଅଞ୍ଚଳରେ ମାଓ ଗତିବିଧି ଅନେକ ସମୟରେ ପରିଲକ୍ଷିତ ହେଉଛି। ପୁଲିସର ସୂଚନା ଅନୁସାରେ ଜିଲାରେ ଆଉ ୫୦ରୁ କମ ମାଓବାଦୀ ରହିଛନ୍ତି। ସୁରକ୍ଷା ବାହିନୀର ଶକ୍ତିବୃଦ୍ଧି ଏବଂ ଯୋଜନାବଦ୍ଧ ଅଭିଯାନ ଦ୍ୱାରା ମାଓ କାର୍ଯ୍ୟକଳାପ ଲୋପ ପାଇବା ନିଶ୍ଚିତ ବୋଲି କନ୍ଧମାଳ ଆରକ୍ଷୀ ଅଧୀକ୍ଷକ ହରିଶ ବି. ସି. କହିଛନ୍ତି।

# ଲୋପ ପାଇବାକୁ ବସିଲାଣି କଂସା ବାସନ ଶିଳ୍ପ



**କାମାକ୍ଷାନଗର, ନ୍ୟୁଜ ବ୍ୟୁରୋ**
ଢେଙ୍କାନାଳ ସଦର ବ୍ଲକ ଚନ୍ଦ୍ରଶେଖର ପ୍ରସାଦ ପଞ୍ଚାୟତ ଅଉଖମା ଗ୍ରାମ, ଓଡ଼ାପଡ଼ା ବ୍ଲକର ଇନ୍ଦୁପୁର ଗ୍ରାମ ଏବଂ ଏସିଆ ମହାଦେଶର ବୃହତମ ଗ୍ରାମ ଭାବେ ସୁପରିଚିତ ଭୁବନ ଗ୍ରାମରେ ଦିନେ ଏଠି ୨୦୦ରୁ ଅଧିକ କଂସାରୀ ଶାଳ ରହିଥିଲା। ପ୍ରତ୍ୟେକ ଶାଳରେ ୫ରୁ ଅଧିକ କାରିଗର ମେଳିହୋଇ କଂସା ବାସନ ତିଆରି କରୁଥିଲେ। ଗ୍ରାମରେ ପଶିଲେ ଆଉ ଶୁଭିବାକୁ ମିଳୁନି କାରିଗରଙ୍କ ଢ଼ାଇଁ ଢାଇଁ ଶବ୍ଦ। କଞ୍ଚାମାଲ ଅଭାବ ଯୋଗୁଁ ବୁଡ଼ିବାକୁ ବସିଲାଣି ଏବେ କୌଳିକ ବୃତ୍ତି। ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଗଲେ କୌଳିକ ବୃତ୍ତି ବଞ୍ଚାଇବାରେ ସହାୟକ ହୋଇପାରନ୍ତା। ୧୯୫୩ ମସିହା ଅଗଷ୍ଟ ୧ ତାରିଖରେ କଂସା ବାସନ ସମବାୟ ସମିତି ଓ ପରେ ୧୯୭୫ ମସିହାରେ ନୂଆ ଭୁବନ କଂସା ପିତ୍ତଳ ସୋସାଇଟି ଗଠନ ହୋଇଥିଲା। ପରେ ପରେ କଂସା ବାସନ ବିକ୍ରୀ କରିବାରେ ସୁଧାର ଆସିଥିଲା। ସୁଦୂର କଲକତା ଓଡ଼ିଶାର ବାଲକାଟି, କଣ୍ଟିଲୋ, ଭଟିମୁଣ୍ଡା ଓ କବାଟବନ୍ଧ ଆଦି ସ୍ଥାନରୁ କଞ୍ଚାମାଲ ଆସୁଥିବା ବେଳେ ସମବାୟ ସମିତି ଓ ସୋସାଇଟିରୁ ମଧ୍ୟ କିଛିଟା ମାତ୍ରାରେ କଞ୍ଚାମାଲ ମିଳିଯିବାରୁ ଏହି ଶିଳ୍ପରେ କୌଣସି ସମସ୍ୟା ନଥିଲା। ହେଲେ ଧିରେ ଧିରେ ସେମାନଙ୍କ ସ୍ଥିତି ବଦଳିଗଲା। ଏବେ କାରିଗରଙ୍କ ଢାଇଁ ଢାଇଁ ଶବ୍ଦଶୁଣା ଯାଉନି କି ଆଗଭଳି କଂସା ବାସନ ତିଆରି ହେଉନି। ୧୯୮୭ମସିହା ଘରପୋଡ଼ି ପରେ ପାଖାପାଖି ୮୦ଟି କଂସାରୀ ଶାଳ ବନ୍ଦ ହେବା ସହ ଧୀରେ ଧୀରେ ଚାଇନା ପ୍ଲେଟ, ଫାଇବର ଓ ଷ୍ଟିଲ ଏହି ଶିଳ୍ପ ପାଇଁ ପ୍ରତିବନ୍ଧକ ପାଲଟିଲା। ସମବାୟ ସମିତି ଓ ସୋସାଇଟି ମଧ୍ୟ ସମାନୁକ୍ରମେ ବନ୍ଦ ହୋଇଗଲା। ଫଳରେ ନିଆଁ ସହିତ ଖେଳକରି ଅତି ଯତ୍ନରେ ପ୍ରସ୍ତୁତ କରୁଥିବା କଂସା ବାସନ ଗୁଡ଼ିକୁ ବିକ୍ରୀ କରିବାରେ ସେମାନଙ୍କ ପାଇଁ ସମସ୍ୟା ଉପୁଜିଲା। ଧିରେ ଧିରେ କଞ୍ଚା ମାଲ ଅଭାବ ପାଇଁ ବୋଝ ଉପରେ ଲଳିତାବିଡା ସଦୃଶ ପାଲଟିଲା। ଭୁବନ ଅଞ୍ଚଳରେ ୨୦୦ରୁ ଉର୍ଦ୍ଧ ଶାଳରେ କଂସା ବାସନ ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ବର୍ତ୍ତମାନ ୫ରୁ ୬ଟି ଶାଳରେ ଦୁଃଖ କଷ୍ଟରେ କାରିଗରମାନେ କାମ କରୁଛନ୍ତି। ଭୁବନ କଂସା ବାସନ ନିର୍ମାଣ କାର୍ଯ୍ୟ ବନ୍ଦ ହେବାକୁ ଯାଉଥିବା ବେଳେ ସରକାରୀ ପ୍ରୋତ୍ସାହନ ମିଳିଲେ, ଏହାକୁ ବୃଦ୍ଧି କରି ହେବ ବୋଲି କାରିଗରମାନେ କହିଛନ୍ତି। ତେବେ ସମୟକୁ ଅପେକ୍ଷା ରହିଲା କେତେ ଶିଘ୍ର ଏ କଂସା ବାସନ ଶିଳ୍ପ ସୁସ୍ଥ ହୋଇ ପାରୁଛି।

# ଟଙ୍କା ପାଇଁ ବାପା-ମାଆଙ୍କ ଜୀବନ ନେଲା ଜହ୍ଲାଦ ପୁଅ

**କଟକ, ନ୍ୟୁଜ ବ୍ୟୁରୋ**
ଟଙ୍କା ପାଇଁ ନୃଶଂସ ପାଲଟିଲା ପୁଅ, ବାପା ଓ ସାବତ ମାଆକୁ ନିର୍ମମ ହତ୍ୟା । ଗତ ଶୁକ୍ରବାର ବିଳମ୍ବିତ ରାତିରେ କଟକ ଦରଘା ବଜାର ଜେଲ କଲୋନୀରେ ଘଟିଛି ଏହି ଅଘଟଣ । ଉଭୟଙ୍କୁ ଧାରୁଆ ଅସ୍ତ୍ରରେ ଅତି ନିର୍ମମ ଭାବରେ ହତ୍ୟା କରିଛି ନୃଶଂସ ପୁଅ । ଧାର ଟଙ୍କା ସୁଝିବାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡିଛି। ମୃତକ ଦୁଇ ଜଣଙ୍କ ହେଲେ ଦୀପକ ଦାସ ଏବଂ ତାଙ୍କର ପତ୍ନୀ ଲିତାରାଣୀ ଦାସ । ପୁଅ ଆଲୋକ ଦାସ ଦୁଇ ଜଣଙ୍କୁ ହତ୍ୟା କରିଥିବା ଅଭଯୋଗ ହୋଇଥିବା ବେଳେ, ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଦୀପକ ଦାସଙ୍କ ଏକମାତ୍ର ପୁଅ ଆଲୋକ ଦାସ । ପରିବାର ମଧ୍ୟରେ ଜମିବାଡ଼ି ଓ ଟଙ୍କାକୁ ନେଇ ବିବାଦ ଲାଗି ରହିଥିଲା । ଆଉ ଏହି ବିବାଦ ଗତ ଶୁକ୍ରବାର ବିଳମ୍ବିତ ରାତିରେ ଉଗ୍ରରୂପ ନେଇଥିଲା । ଆଲୋକ ପ୍ରଥମେ ସାବତ ମାଆକୁ ହତ୍ୟା କରିବା ପରେ ବାପା ଯେତେବେଳେ ଆସି ପହଞ୍ଚିଥିଲେ ତାଙ୍କୁ ମଧ୍ୟ ଅତର୍କିତ ଆକ୍ରମଣ କରି ନୃଶଂସ ଭାବେ ହତ୍ୟା କରିଥିଲା। ଏହାପରେ ଖବର ପାଇ ଦାରଘା ବଜାର ଥାନା ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତ ପୁଅକୁ ଅଟକ ରଖିବା ସହ ଦୁଇ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଏସସିବିକୁ ପଠାଇଥିଲା । ଆଲୋକଙ୍କ ପତ୍ନୀ ତରୁଲତା ନାୟକଙ୍କ କହିବା ଅନୁସାରେ , 'ଆଲୋକ ୨୦୨୪ରେ ନିଜ ବାପା ଦୀପକଙ୍କୁ ୧୦ ଲକ୍ଷ ଟଙ୍କା ଦେଇଥିଲେ । ଏହି ଟଙ୍କା ସେ ଚିହ୍ନା ପରିଚିତ ଲୋକଙ୍କଠାରୁ ସୁଧରେ ଆଣିଥିଲେ। ପରବର୍ତ୍ତୀ ସମୟରେ ଧାର ଟଙ୍କା ସୁଝି ନ ପାରିବାରୁ ସଂପୃକ୍ତ ଲୋକ ଗାଳି ଗୁଲଜ କରୁଥିଲେ। ଏନେଇ ଆଲୋକ, ବାପାଙ୍କୁ କହିଥିଲେ ଏବଂ ଟଙ୍କା ମାଗିଥିଲେ । ମାତ୍ର ସାବତ ମାଆ ବିଭିନ୍ନ ଆଳ ଦେଖାଇ ଫୋନ କାଟି ଦେଉଥିଲେ । ଯାହାକୁ ନେଇ ଆଲୋକ କ୍ରୋଧିତ ହୋଇପଡ଼ିଥିଲେ। ଗତକାଲି ବିଳମ୍ବିତ ରାତିରେ ଆଲୋକ, ନୁଜ ବାପା ଏବଂ ସାବତ ମାଆଙ୍କୁ ହତ୍ୟା କରିଥିଲେ ।' ଏନେଇ ଆଲୋକ ଫୋନ କରି ଜଣାଇଥିଲେ ବୋଲି କହିଛନ୍ତି ତରୁଲତା । ଜୋନ୍-୨ ଏସିପି, ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି,'ଆମେ ଘଟଣା ସ୍ଥଳରୁ ଦୁଇଟି ମୃତଦେହ ଜବତ କରିଛୁ । ସେମାନେ ସ୍ୱାମୀ ଓ ସ୍ତ୍ରୀ ଅଟନ୍ତି । ଉଭୟଙ୍କୁ ତାଙ୍କ ପୁଅ ହିଁ ହତ୍ୟା କରିଥିବା ଆମେ ସନ୍ଦେହ କରୁଛୁ । ଆମେ ତାଙ୍କୁ ଅଟକ ରଖି ପଚରାଉଚରା କରୁଛୁ ।'

## ନୂଆ ଗାଡ଼ି କିଣିବେ ସରକାର: ୬୨୪୧ଟି ପୁରୁଣା ସରକାରୀ ଯାନ ସ୍କ୍ରାପିଂ ହେବ

# ଗାଡ଼ି ସ୍କ୍ରାପିଂ କରି ସରକାର ପାଇଲେଣି ୩୦୦କୋଟି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରାଜ୍ୟ ସରକାରଙ୍କ ଅଧୀନରେ ଯେତେ ୧୫ ବର୍ଷରୁ ଅଧିକ ପୁରୁଣା ଗାଡ଼ି ଅଛି ସେଗୁଡ଼ିକୁ ଅକ୍ଟୋବର ୧୫ ସୁଦ୍ଧା ସ୍କ୍ରାପିଂ କରାଯିବ। 'ବାହନ' ତଥ୍ୟ ଅନୁଯାୟୀ, ଏବେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଅଧୀନରେ ୬୨୪୧ଟି ୧୫ ବର୍ଷରୁ ଅଧିକ ପୁରୁଣା ଗାଡ଼ି ଥିବାବେଳେ ସେଗୁଡ଼ିକୁ ନିକଟସ୍ଥ ପଞ୍ଜୀକୃତ ଗାଡ଼ି ସ୍କ୍ରାପିଂ ସୁବିଧା କେନ୍ଦ୍ରକୁ ନେଇ ତୁରନ୍ତ ସ୍କ୍ରାପିଂ କରିବାକୁ କୁହାଯାଇଛି। କେଉଁ ବିଭାଗ କେତେ ଗାଡ଼ି ସ୍କ୍ରାପିଂ କଲେ ତା'ର ଏକ ରିପୋର୍ଟ ପରିବହନ ବିଭାଗକୁ ପଠାଇବେ। ଏହି ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପଠାଇଲେ ଅର୍ଥ ମନ୍ତ୍ରଣାଳୟର ସହାୟତା ମିଳିବ। ଏ ନେଇ ପରିବହନ ବିଭାଗର ପ୍ରମୁଖ ସଚିବ



ଉଷା ପାଢ଼ୀ ସମସ୍ତ ବିଭାଗ ସଚିବଙ୍କୁ ଚିଠି ଲେଖିଛନ୍ତି। ଶ୍ରୀମତୀ ପାଢ଼ୀ ଲେଖିଛନ୍ତି ଯେ ୩୧ ମାର୍ଚ୍ଚ, ୨୦୨୫ ସୁଦ୍ଧା ରାଜ୍ୟ ସରକାରଙ୍କର ପ୍ରାୟ ୪ହଜାର ପୁରୁଣା ଗାଡ଼ି ସ୍କ୍ରାପିଂ ହୋଇଛି। ଅବଶିଷ୍ଟ ଗାଡ଼ି ସ୍କ୍ରାପିଂ କଲେ ଆମକୁ କେନ୍ଦ୍ର ସରକାରଙ୍କ ସହାୟତା ମିଳିବ। କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ, ୫୦୦ ପର୍ଯ୍ୟନ୍ତ ଗାଡ଼ି ସ୍କ୍ରାପିଂ କଲେ ଗାଡ଼ି ପିଛା ୫୦ ହଜାର ଟଙ୍କା, ୫୦୧ରୁ ହଜାରେଟି ଗାଡ଼ି ସ୍କ୍ରାପିଂ କଲେ ଗାଡ଼ି ପିଛା ୬୦ ହଜାର ଟଙ୍କା, ୧୦୦୧ରୁ ୨ ହଜାରଟି ଗାଡ଼ି ସ୍କ୍ରାପିଂ କଲେ ଗାଡ଼ି ପିଛା ୭୫ହଜାର ଟଙ୍କା, ୨୦୦୧ରୁ ୪୦୦୦ଟି ଗାଡ଼ି ସ୍କ୍ରାପିଂ କଲେ ଗାଡ଼ି ପିଛା ୯୦ ହଜାର ଟଙ୍କା, ୪୦୦୧ରୁ ୬୦୦୦ଟି ଗାଡ଼ି ସ୍କ୍ରାପିଂ କଲେ ଗାଡ଼ି ପିଛା ୧ ଲକ୍ଷ ୨୦ ହଜାର ଟଙ୍କା, ୬ ହଜାରରୁ ଅଧିକ ଗାଡ଼ି ସ୍କ୍ରାପିଂ କଲେ ଗାଡ଼ି ପିଛା ୧ ଲକ୍ଷ ୫୦ ହଜାର ଟଙ୍କା ମିଳିବ। ଏବେ ରାଜ୍ୟ ସରକାରଙ୍କ ପାଖରେ ୧୫ ବର୍ଷରୁ ଅଧିକ ପୁରୁଣା ଗାଡ଼ି ୫ ହଜାରରୁ ଅଧିକ ସଂଖ୍ୟାରେ ଥିବାରୁ ସେଗୁଡ଼ିକ ସ୍କ୍ରାପିଂ ବାବଦକୁ ଭଲ ସହାୟତା ରାଶି ମିଳିବ। ଏଥିରେ ରାଜ୍ୟ ସରକାର ନୂଆ ଗାଡ଼ି କିଣିବେ।

31 YEARS
ସମ୍ବାଦ କଳିକା

# ୨୦୩୦ ସୁଦ୍ଧା ମହିଳା ବିରୋଧୀ ହିଂସା ସମାପ୍ତ

ଭାରତରେ ୩୦ ପ୍ରତିଶତ ମହିଳା ନିଜର ଜୀବନସାଥୀ ବା ସ୍ୱାମୀଙ୍କ ଦ୍ୱାରା ହିଂସାର ଶିକାର । ମୋଟାମୋଟି ଭାବେ କହିବାକୁ ଗଲେ ସେମାନେ ନିଜ ସ୍ୱାମୀଙ୍କ ଦ୍ୱାରା ଶାରୀରିକ, ମାନସିକ, ଆର୍ଥିକ ଓ ଯୌନ ନିର୍ଯାତନା ଭୋଗିଥାନ୍ତି। ୧୫ ବର୍ଷରୁ ୪୯ ବର୍ଷର ପ୍ରତି ୫ ଜଣରେ ଜଣେ ମହିଳା ଏଭଳି ହିଂସାର ଶିକାର ହୋଇଥାନ୍ତି । ଏଭଳିଭାବେ ଦେଖିଲେ ବିଶ୍ୱରେ ପ୍ରାୟ ୮୪ କୋଟିରୁ ଅଧିକ ମହିଳା ଜୀବନରେ କେବେ ନା କେବେ ଜୀବନ ସାଥୀଙ୍କ ଦ୍ୱାରା ଯୌନ ନିର୍ଯାତନା ଭୋଗିଥାନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ଜାତିସଂଘ ଏଜେନ୍ସିଗୁଡ଼ିକ ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁଯାୟୀ, ମହିଳାଙ୍କ ବିରୋଧରେ ହିଂସା ବିଶ୍ୱର ସବୁଠାରୁ ଅସମାପ୍ତ ମାନବାଧିକାର ସଙ୍କଟ ମଧ୍ୟରୁ ଗୋଟିଏ । ଗତ ଦୁଇ ଦଶନ୍ଧି ମଧ୍ୟରେ ଏଥିରେ ବହୁତ କମ୍ ପ୍ରଗତି ହୋଇଛି । ଏହି ସଙ୍କଟ ଜାରି ରହିଛି। ରିପୋର୍ଟରେ କୁହାଯାଇଛି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ୨୦୦୦- ୨୦୨୩ ମଧ୍ୟରେ ୧୬୮ଟି ଦେଶକୁ ନେଇ ସର୍ଭେ କରିବା ପରେ ଏହି ରିପୋର୍ଟ ପ୍ରସ୍ତୁତ କରିଛି । ଆସନ୍ତା ନଭେମ୍ବର ୨୫ ଆନ୍ତର୍ଜାତିକ ମହିଳା ବିରୋଧୀ ହିଂସା ନିବାରଣ ଦିବସ (ଇଣ୍ଟରନ୍ୟାସନାଲ ଡେ ଫର ଏଲିମିନେସନ ଅଫ୍ ଭାୟୋଲେନ୍ସ ଏଗେନଷ୍ଟ ଓ୍ୱିମେନ) ପୂର୍ବରୁ ଏହି ରିପୋର୍ଟ ଜାରି କରାଯାଇଛି । ଏହି ୨୩ ବର୍ଷ ଭିତରେ ମହିଳାଙ୍କ ବିରୋଧରେ ହେଉଥିବା ହିଂସା ହ୍ରାସ କରିବାକୁ ସେଭଳି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ତେଣୁ ୨୦୩୦ ସୁଦ୍ଧା ମହିଳା ବିରୋଧୀ ହିଂସା ସମାପ୍ତ କରିବା ଲାଗି ଯେଉଁ ଲକ୍ଷ୍ୟ ରଖାଯାଇଛି ତାହା ହାସଲ କରିବା କଷ୍ଟକର ହୋଇପଡିବ । ଜୀବନସାଥୀ କିମ୍ବା ସ୍ୱାମୀଙ୍କୁ ବାଦ୍ ଦେଲେ ଅନ୍ୟମାନଙ୍କ କଥା ଯଦି ଦେଖାଯିବ ତେବେ ବିଶ୍ୱରେ ୧୫ରୁ ୪୯ ବର୍ଷ ବୟସ୍କ ୮.୪ ପ୍ରତିଶତ ମହିଳା ଅନ୍ୟ ବ୍ୟକ୍ତିମାନଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇଥାନ୍ତି । ଭାରତରେ ଏହା ୪ ପ୍ରତିଶତ ରହିଛି । ୨୦୨୨ରେ ଗ୍ଲୋବାଲ ଡେଭେଲପମେଣ୍ଟ ରିଲିଫ ଫଣ୍ଡରୁ ମାତ୍ର ୦.୨ ପ୍ରତିଶତ ଅର୍ଥ ମହିଳା ବିରୋଧୀ ହିଂସା ରୋକିବା କାର୍ଯ୍ୟକ୍ରମ ଲାଗି ଆବଣ୍ଟନ କରାଯାଇଛି। ୨୦୨୫ରେ ଏହି ଅର୍ଥ ଆହୁରି କମ୍ ହୋଇଛି । କିନ୍ତୁ ଏହି ସମୟ ସୀମା ଭିତରେ ମାନବୀୟ ସଙ୍କଟ, ଯୁଦ୍ଧ ଓ ଜଳବାୟୁ ପରିବର୍ତ୍ତନ ଭଳି ବିପଦ ମହିଳାଙ୍କ ବିରୋଧରେ ହିଂସାକୁ ଆହୁରି ବୃଦ୍ଧି କରିଛି ।

# ସାଇ ଅବତାରଙ୍କ ସହିତ ଯାତ୍ରା



ବିଜୟଲକ୍ଷ୍ମୀ ପଟ୍ଟନାୟକ
ଭୁବନେଶ୍ୱର

କ୍ଷୀଣ ହେଲେ କେବେ ଧାର୍ମିକ ଶକତି
ଓହ୍ଲାଇ ଆସନ୍ତି ପ୍ରଭୁ ବିଶ୍ୱପତି
ନିତ୍ୟଧାମୁ ଛାଡି ରତ୍ନ ସିଂହାସନ
କରିବାକୁ ଧର୍ମପକ୍ଷ ସମର୍ଥନ।
(ଉତ୍କଳମଣି ଗୋପବନ୍ଧୁ ଦାସ)

ଅବତାରଙ୍କ ଅବତରଣ ଏକ ଅସାଧାରଣ ଘଟଣା । ମୁନିଋଷି ସାଧୁସନ୍ଥମାନଙ୍କର ତପସ୍ୟା, ଧରଣୀପୃଷ୍ଠରେ ଅନ୍ୟାୟ, ଅତ୍ୟାଚାର, କଷଣ, ଅଧର୍ମ ଅଧିକମାତ୍ରାରେ ହେଇଗଲେ ଭଗବାନଙ୍କୁ ଅବତାର ନେଇ ଅବତରଣ କରିବାକୁ ପଡେ । କେତେବେଳେ ପୂର୍ଣ୍ଣାବତାର, କେତେବେଳେ ଅଂଶାବତାର, କେତେବେଳେ ମହିମାବତାର ତ କେତେବେଳେ ଲୀଳାବତାର ନେଇ ଧର୍ମରକ୍ଷଣ ନିମନ୍ତେ ସେ ଆସନ୍ତି । ଆଉ ଭାରତ ହିଁ ଏକମାତ୍ର ଦେଶ ସାରା ପୃଥିବୀରେ ଯେଉଁଠି ଅବତାର ଅବତରଣ କରନ୍ତି । କାରଣ ମାଟି ପାଣି ପବନ ଆଲୋକ ପାଇଲେ ବୃକ୍ଷଟିଏ ଯେପରି ଉଧେଇଥାଏ ଠିକ୍ ସେହିପରି ଯୋଗଭୂମି, ତପୋଭୂମି, ତ୍ୟାଗଭୂମି ଭାରତରେ ହିଁ ଧର୍ମ ଉଧେଇଥାଏ ଓ ସୃଷ୍ଟିର ପ୍ରାରମ୍ଭରୁ ହେଉଛି ।

ଭଗବାନ ସତ୍ୟସାଇ କହନ୍ତି –
'ଗୋଟିଏ ମାତ୍ର ଜାତି – ମାନବ ଜାତି
ଗୋଟିଏ ମାତ୍ର ଧର୍ମ– ପ୍ରେମର ଧର୍ମ
ଏକମାତ୍ର ଭାଷା –ହୃଦୟର ଭାଷା
ଏକମାତ୍ର ଈଶ୍ୱର – ସେ ସର୍ବବ୍ୟାପୀ'

୧୯୨୬ ମସିହା ନଭେମ୍ବର ମାସ ୨୩ ତାରିଖ ଥିଲା ବିଶ୍ୱରେ ଗୋଟିଏ ଏପରି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଥିବା ଗୋଟିଏ ଦିବସ ଯେଉଁ ଦିନ ପ୍ରଭୁ ସତ୍ୟସାଇ ମାନବରୂପରେ ଜନ୍ମ ଗ୍ରହଣ କରିଥିଲେ। ସେଦିନ ଥିଲା ସୋମବାର ଭୋର । ଏହି ଅବତାରଙ୍କର ଅବତରଣ ହୋଇଥିଲା ଆନ୍ଧ୍ରପ୍ରଦେଶ ଅନନ୍ତପୁର ଜିଲ୍ଲାର ପୁଟ୍ଟପର୍ତ୍ତି ଗ୍ରାମରେ । ପିତାଙ୍କ ନାମ ପେଦା ଓ୍ୱେଙ୍କାପ୍ପା ରାଜୁ ଏବଂ ମାତାଙ୍କ ନାମ ଈଶ୍ୱରାମ୍ମା । ଉଇହୁଙ୍କା ପରିବେଷ୍ଟିତ ଏକ ଅଖ୍ୟାତ ପଲ୍ଲୀ ପୁଟ୍ଟପର୍ତ୍ତିର ଏକ ମଧ୍ୟବିତ୍ତ ଖଣ୍ଡାୟତ ପରିବାରରେ । ମାତା ଈଶ୍ୱରାମ୍ମା କୂଅରୁ ପାଣି କାଢୁକାଢୁ ଏକ ନୀଳ ଆଲୋକ ତାଙ୍କ ଗର୍ଭରେ ପ୍ରବେଶ କରିବାର ସେ ଅନୁଭବ କଲେ ଏବଂ ସେଠାରେ ଅଚେତ ହୋଇ ପଡିଗଲେ । ଗର୍ଭଧାରଣ ପରେ ତାଙ୍କ ଗୃହରେ ଥିବା ବାଦ୍ୟଯନ୍ତ୍ର ଗୁଡିକ ମନକୁମନ ବାଜିବାକୁ ଲାଗିଲା । ତାଙ୍କର ଜେଜେବାପା କୋଣ୍ଡମା ରାଜୁ ଜ୍ୟୋତିଷଙ୍କୁ ପଚାରିବାରୁ ସେ କହିଲେ 'ଭୂଦେବୀ' କାନ୍ଦୁଛନ୍ତି, ତେଣୁ ନାରାୟଣ ନର ରୂପରେ ଅବତୀର୍ଣ୍ଣ ହେଉଛନ୍ତି, ଦେବତାମାନେ ଆନନ୍ଦରେ ବାଦ୍ୟବାଦନ କରୁଛନ୍ତି, ପ୍ରସ୍ତୁତ ରୁହ।

ଶିଶୁଟି ଜନ୍ମ ନେବା ପୂର୍ବରୁ ତାଙ୍କର ଜେଜେମା ଲକ୍ଷ୍ୟାମ୍ମା ସତ୍ୟନାରାୟଣ ପୂଜାରେ ବସିଥିଲେ । ପୂଜା ଶେଷ ହେବା ପରେ ସେ ପ୍ରସାଦ ନେଇ ଘରକୁ ଗଲେ ଓ ମାତା ଈଶ୍ୱରାମ୍ମାଙ୍କୁ ଦେଲେ । ତେଣୁ ପିଲାର ନାମ ଦିଆଗଲା ସତ୍ୟନାରାୟଣ । ଜନ୍ମପରେ କାନ୍ଦ ବଦଳରେ ସ୍ମିତ ହାସ୍ୟ କରିଥିଲେ। ସେ ଥିଲେ ଅଷ୍ଟମ ଗର୍ଭର ସନ୍ତାନ । ତାଙ୍କ ଉପରେ ବଡଭାଇ ଏବଂ ଦୁଇଭଉଣୀ ଥିଲେ ଆଉ ୪ଟି ପିଲାଙ୍କର ମୃତ୍ୟୁ ହୋଇଯାଇଥିଲା ।

ମାତ୍ର ୧୪ ବର୍ଷ ବୟସରେ ଏହି ଅଲୌକିକ ବାଳକ ନିଜକୁ ସତ୍ୟସାଇ ଅବତାର ବୋଲି ଘୋଷଣା କରିଥିଲେ । ଅନେକ ଅଲୌକିକ ଘଟଣା ବିଷୟରେ ଗ୍ରାମବାସୀମାନେ ଜାଣିସାରିଥିଲେ । ଗ୍ରାମ ନିକଟରେ ଥିବା ଛୋଟ ପାହାଡ ଉପରେ ଥିବା ତେନ୍ତୁଳି ଗଛରୁ ସାଙ୍ଗମାନଙ୍କୁ ଚକୋଲେଟ, ପେନସିଲ୍, ଫଳ ଆଦି ଯିଏଯାହା ମାଗୁଥିଲା ସେ ହାତବଢାଇ ତୋଳିଆଣି ଦେଉଥିଲେ। ଗ୍ରାମ ନିକଟରେ ଥିବା ଚିତ୍ରାବତୀ ନଦୀବାଲିରେ ହାତପୁରାଇ ଠାକୁରଙ୍କ ଫଟୋ ଆଦି ବାହାର କରି ଦେଉଥିଲେ।

ଦିବ୍ୟଯାତ୍ରାର ଆରମ୍ଭ ହୋଇସାରିଥିଲା ଏବଂ ତାଙ୍କ ଅବତାରତ୍ୱର ପୂର୍ତ୍ତି ନିମନ୍ତେ ସେ ନିଜେ କ୍ଷେତ୍ର ପ୍ରସ୍ତୁତ କରି ସାରିଥିଲେ । ମାତା ଈଶ୍ୱରାମ୍ମା ତିନୋଟି କଥା ମାଗିଥିଲେ । କହିଥିଲେ ସେ ଗ୍ରାମର ଛୋଟ ଛୋଟ ପିଲାମାନେ ବହୁଦୂର ଯାଉଛନ୍ତି ପାଠପଢିବାପାଇଁ, କାରଣ ଗ୍ରାମରେ ପାଠଶାଳା ନାହିଁ, ଦ୍ୱିତୀୟରେ ପାହାଡିଆ ଅଞ୍ଚଳ ଯୋଗୁଁ ଜଳକଷ୍ଟ ଭୋଗୁଛନ୍ତି ଗ୍ରାମର ଲୋକେ। ଖରାଦିନେ ଚିତ୍ରାବତୀ ନଦୀ ଶୁଖିଯାଏ। ତେଣୁ ଜଳର ଟିକେ ସୁବିଧା କରିଦେ । ତୃତୀୟରେ ଗ୍ରାମର ଲୋକେ ହଇଜା ମହାମାରୀ ତଥା ଅନ୍ୟାନ୍ୟ ରୋଗରେ ପଡି ମରିଯାଉଛନ୍ତି । ତେଣୁ ଗୋଟେ ଡାକ୍ତରଖାନା କରିବୁ ।

ମା'ଙ୍କ କଥା ତଥା ଅବତାରତ୍ୱର ମୁଖ୍ୟ ଚାରୋଟି ଉଦ୍ଦେଶ୍ୟ ଥିଲା – କ) ବେଦ ଉଦ୍ଧାରଣ ,ଖ) ଧର୍ମର ପୁନରୁଦ୍ଧାର, ଗ)ବିଦ୍ୟୁତ ପୋଷଣ, ଘ)ଜନକଲ୍ୟାଣ ।

ଏବେ ଶ୍ରୀ ସତ୍ୟସାଇ ସଂଗଠନରେ ବେଦ ଟ୍ରେନିଂ ଦିଆଯାଇ ଛୋଟ ଛୋଟ ବାଳବିକାଶ ପିଲାମାନେ ମଧ୍ୟ ବେଦୋଚ୍ଚାରଣ କରୁଛନ୍ତି ଅତି ସୁନ୍ଦର ଭାବରେ । ମହିଳାମାନେ ରୁଦ୍ରାଭିଷେକ କରୁଛନ୍ତି ସାରା ଓଡିଶାରେ ।

ଧର୍ମ ସଂସ୍ଥାପନ ନିମନ୍ତେ ଧର୍ମ ମହାସଭା, ଆଧ୍ୟାତ୍ମିକତା ଆଧାରିତ ଅନେକ କାର୍ଯ୍ୟକ୍ରମ ସାରା ପୃଥିବୀର ୧୪୫ରୁ ଉର୍ଦ୍ଧ୍ୱ ଦେଶରେ କରାଯାଉଛି ।

ବିଦ୍ୟୁତ ପୋଷଣ ନିମନ୍ତେ ବିଦ୍ୱାନ୍ ମହାସଭା, ରାଜ୍ୟ ସମ୍ମିଳନୀ, ଜାତୀୟ ସମ୍ମିଳନୀ, ବିଶ୍ୱ ସମ୍ମିଳନୀ, ଡାକ୍ତର, ଶିକ୍ଷକ ମାନଙ୍କ ସମ୍ମିଳନୀ ସବୁ ପୁରା ଯୋଜନାବଦ୍ଧ ଭାବରେ କରାଯାଏ । ଆଉ ଅବତାରଙ୍କର ଅବତରଣର ଦିବସ, ମାସ, ବାର, ତିଥି ମୁହୂର୍ତ୍ତଗୁଡିକ ପ୍ରସ୍ଫୁଟିତ ହୋଇ ସହସ୍ର କୋଟି ହୃଦୟକୁ ଜୟକରି ଚାଲିଥିଲା। ସେ ଜୟଯାତ୍ରା ଗ୍ରାମ ରାଜ୍ୟ, ଦେଶ, ମହାଦେଶ, ସାଗର, ମହାସାଗର ଅତିକ୍ରମ କରି ପୃଥିବୀର କୋଣ ଅନୁକୋଣକୁ ବ୍ୟାପ୍ତ ହୋଇଚାଲିଥିଲା। ତାଙ୍କରି ଭାଷାରେ – Every step in the career of an Avatar is calculated .

ତାଙ୍କ ମିଶନ ବା ଉଦ୍ଦେଶ୍ୟକୁ ସେ ତିନି ଭାଗରେ ବିଭକ୍ତ କରିସାରିଥିଲେ।

'ଆଧ୍ୟାତ୍ମିକ', 'ଶିକ୍ଷା ଭିତ୍ତିକ', 'ସେବାଭିତ୍ତିକ' । ସବୁର ମୂଳଭିତ୍ତି ହେଲା ଆଧ୍ୟାତ୍ମିକତା । ଗଢିଉଠିଲା ନିଃଶୁଳ୍କ ବିଦ୍ୟାଳୟ, ସ୍କୁଲ, କଲେଜ, ବିଶ୍ୱ ବିଦ୍ୟାଳୟ , ଅନନ୍ତପୁରର ମହିଳା କଲେଜ। ଜଳ ନିମନ୍ତେ ବିଶାଳ ରୟାଲସୀମା ଜଳପ୍ରକଳ୍ପ ଆରମ୍ଭ ହେଲା, ଚେନାଇର ଜଳଗଙ୍ଗା ପ୍ରକଳ୍ପ ଆଦି। ଛୋଟ ହସପିଟାଲ ପରେ ଦୁଇଦୁଇଟି ସୁପର ସ୍ପେସିଆଲିଟି ହସପିଟାଲ ବାଙ୍ଗାଲୋର ଏବଂ ପୁଟ୍ଟପର୍ତ୍ତିରେ । ସବୁ ନିଃଶୁଳ୍କ । ହସପିଟାଲରେ ବିଲିଂ ସେକସନ ନାହିଁ । ଲୋକେ ପଚାରନ୍ତି ପଇସା କେଉଁଠି ଦେବୁ । ସବୁଠାରୁ ଅତ୍ୟାଧୁନିକ ଚିକିତ୍ସା ହୃଦୟ ଅପରେସନ ସବୁ ମାଗଣାରେ ହୁଏ। ହେଲା ଈଶ୍ୱରାମ୍ମା ଟ୍ରଷ୍ଟ, ବାସଗୃହ ପ୍ରକଳ୍ପ, ଦୀନ ଉଦ୍ଧାରଣ ଯୋଜନା। ସପିଙ୍ଗ ମଲ, ବିଶାଳ ସାଇ କୁଳବନ୍ତ ହଲ , ଭକ୍ତ ନିବାସ, ଗୋପାଳନ ନିମନ୍ତେ ଗୋକୁଳମ୍ ଗୋଶାଳା , ତିନିଟି କ୍ୟାଣ୍ଟିନ୍ , ନର୍ଥ, ସାଉଥ ଓ ଫରେନ କ୍ୟାଣ୍ଟିନ୍ । ଅନେକ ଲୋକକଲ୍ୟାଣକାରୀ ପ୍ରକଳ୍ପ କୁଶଳୀ ବୈଜ୍ଞାନିକ, ଡାକ୍ତର, ଇଞ୍ଜିନିୟର, ପ୍ରଫେସର, ବୁଦ୍ଧିଜୀବୀ ମାନଙ୍କ ଦ୍ୱାରା ଗଢି ଉଠିଲା । ସେଇ ଉଇହୁଙ୍କା ପରିବେଷ୍ଟିତ ଗ୍ରାମରେ ଏଆରପୋର୍ଟ ମଧ୍ୟ ଗଢାହେଲା । ଗୋଟିଏ ମାତ୍ର ଜୀବନକାଳ ମଧ୍ୟରେ ଏତେ କାର୍ଯ୍ୟ କେହି କୋଉଠି କରିଥିବାର ଶୁଣା ନାହିଁ। ଅଜାଡି ହୋଇପଡିଲା ଟଙ୍କା। ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସା ଏଇ ପାଞ୍ଚୋଟି ମନ୍ତ୍ରରେ ଅଭିମନ୍ତ୍ରିତ ଶ୍ରୀ ସତ୍ୟସାଇ ସେବା ସଂଗଠନ ।

ସାଇମନ୍ତ୍ର ହେଲା –
'LOVE ALL- SERVE ALL"
"HELP EVER-HURT NEVER"
"SERVICE TO MAN IS SERVICE TO GOD"

ଏ ସଂଗଠନ ନାମସହିତ ଯୋଡାହେଲା 'ସେବା' । ଶ୍ରୀ ସତ୍ୟସାଇ ସେବା ସଂଗଠନ । ଗୋଟିଏ ଛୋଟ ପୃଥିବୀର ଭ୍ରମ ସୃଷ୍ଟି ହେଲା ପୁଟ୍ଟପର୍ତ୍ତିରେ । ଦୌଡି ଆସିଲେ ଦେଶବିଦେଶରୁ ଭକ୍ତଗଣ, କୋଟିକୋଟି ଟଙ୍କା ଅଜାଡିଦେଉଥିଲେ ଏହି ସତ୍ୟ ଓ ଧର୍ମ ଆଧାରିତ 'ସେବା' ସଂଗଠନ ପାଇଁ ।

ମହିଳାମାନଙ୍କ ପାଇଁ ଶକ୍ତିସ୍ୱରୂପିଣୀ ଦିବସ, ଯୁବକମାନଙ୍କ ପାଇଁ ଯୁବବିଭାଗ ଏବଂ ସମାଜକୁ ସର୍ବଶ୍ରେଷ୍ଠ ଉପହାର 'ବାଳବିକାଶ' ଗଢାହେଲା । ବାଳବିକାଶରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସୋପାନରେ ତଥା ପ୍ରି ସେବାଦଳ ଓ ପରେ ସେବାଦଳରେ ଯୋଜନାବଦ୍ଧ ଭାବରେ, ମନସ୍ତାତ୍ତ୍ୱିକ ବିଷୟସବୁ କୋର୍ସରେ ରଖାଗଲା । ପଢେଇବା ପାଇଁ ଗୁରୁମାନଙ୍କୁ ଟ୍ରେନିଂ ଦିଆଗଲା । ସବୁର ମୂଳରେ ଥାଏ କେବଳ ଆଧ୍ୟାତ୍ମିକତା । କୌଣସି, ଜାତି, ଧର୍ମ, ବର୍ଣ୍ଣର ବିଭାଜନ ଏଠାରେ ନଥାଏ । ମାନବିକ ସୁଗୁଣାବଳୀର ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଦିଆଯାଏ ଏଠାରେ । ଚରିତ୍ର ଗଠନର ଫାଙ୍କ ରହେନାହିଁ । ଯେଉଁ ପିଲା ଏଠାରେ ୯ ବର୍ଷ ଶିକ୍ଷା ଶେଷ କରିଥିବ ଜୀବନରେ କୋଉଠି ହାରିବ ନାହିଁ। ନିଶୁଳ୍କ ଗୁରୁ, ଛାତ୍ର ଓ ଶିକ୍ଷା । କେବଳ ଜୀବନକୁ ସକାରାତ୍ମକ ଭାବରେ ଦେଖିବାକୁ, ବଡଲୋକ ନୁହେଁ ଭଲମଣିଷ ହେବାକୁ ଏ ଶିକ୍ଷା ଦିଆଯାଏ । ଜୀବନରେ ବାଳବିକାଶ ଗୁରୁହେବାର ସୁଯୋଗ ଏଠାରେ ମିଳିଥିଲା ପ୍ରାୟ ୩୦ ବର୍ଷରୁ ଉର୍ଦ୍ଧ୍ୱ ସମୟଧରି ।

ଆଜି ତାଙ୍କର ଜନ୍ମ ଶତବାର୍ଷିକୀରେ ଦୀର୍ଘ ପଚାଶବର୍ଷ ଧରି ଯାତ୍ରା ତାଙ୍କ ସହିତ ଜାରି ରହିଛି । କେତେ ଅଲୌକିକ ଘଟଣା ଘଟିଛି ଜୀବନରେ । ମୋ ସ୍ୱାମୀଙ୍କୁ ମୃତ୍ୟୁମୁଖରୁ କୋମାରୁ ଉଦ୍ଧାର କରିଛନ୍ତି ହସପିଟାଲର ବେଡପାଖରେ ଦର୍ଶନଦେଇ ଏବଂ ଆଶୀର୍ବାଦ କରି । ଆହୁରି ଅନେକଙ୍କ ଜୀବନରେ ଅନେକ ଅଲୌକିକ ଘଟଣାର ସେ ସାକ୍ଷୀ। ତାଙ୍କରି ରଙ୍ଗା ଚରଣରେ କୋଟି ପ୍ରଣତି ଓ କୃତଜ୍ଞତାର ଅଞ୍ଜଳି ବାଢି ଦେଉଛି , ଜୀବନର ଶେଷଯାତ୍ରା ପର୍ଯ୍ୟନ୍ତ ସାଥିରେ ରହନ୍ତୁ । ଜୟ ସାଇରାମ ।

'ମଙ୍ଗଳଂ ଗୁରୁଦେବାୟ
ମଙ୍ଗଳଂ ଜ୍ଞାନ ଦାୟିନେ
ମଙ୍ଗଳଂ ପର୍ତ୍ତିବାସାୟ
ମଙ୍ଗଳଂ ସତ୍ୟସାଇନେ ।



# ଜୀବନ ଦର୍ଶନ ହିଁ ବିଶ୍ୱ ଦର୍ପଣ

ଡ଼.ମନୋଜ କୁମାର ମହାନ୍ତି
ଦର୍ଶନ ବିଭାଗୀୟ ମୁଖ୍ୟ,
ବି.ଏନ.ଏମ.ଏ
ମହାବିଦ୍ୟାଳୟ, ଭଦ୍ରକ, ମୋ
୮୮୯୫୩୪୧୦୩୩

ପ୍ରତ୍ୟେକ ସଭ୍ୟତାର ପ୍ରତୀକଭାବେ ସାହିତ୍ୟ, ସଂସ୍କୃତି ଓ ଦର୍ଶନ ପ୍ରାଚୀନ ଅସ୍ତ୍ରରୂପେ ସମାଜକୁ କାଳଜୟୀ କରିବାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ବିଶ୍ୱରେ ଗଢି ଉଠିଥିବା ଅଧିକାଂଶ ସଭ୍ୟତାର ଅନ୍ତରାଳେ ସାହିତ୍ୟ, ସଂସ୍କୃତି ଓ ଦର୍ଶନର ଝଲକ ନିଶ୍ଚିତି ଦେଖିବାକୁ ମିଳେ। ଭାବନାର ପ୍ରତୀକଭାବେ ଭାଷା, ଓ ଭାଷାକୁ ସାମାଜିକ ଜୀବନରେ ବିସ୍ଥାପିତ କରିବାପାଇଁ ସାହିତ୍ୟ ସାଜିଲା ଏକମାତ୍ର ମାଧ୍ୟମ। ଏକ ନିର୍ଦ୍ଦିଷ୍ଟ ଭୌଗଳିକ ଅବସ୍ଥାନରେ ଥିବା ସାମାଜିକ ଚଳନୀ, ଜୀବନଶୈଳୀ, ରୀତିନୀତି, ପ୍ରଥା ପରମ୍ପରାକୁ ବଜାୟ ରଖିଥିବା ବିଶ୍ୱାସର ପରିପ୍ରକାଶକୁ ସଂସ୍କୃତି କୁହାଯାଏ। ସାହିତ୍ୟ ଓ ସଂସ୍କୃତିର ବିଶ୍ଳେଷଣାତ୍ମକ ତତ୍ତ୍ୱ ଜୀବନଦର୍ଶନ। ଜୀବନ ଦର୍ଶନସହ ମଣିଷ ଓତଃପ୍ରୋତଭାବେ ଜଡ଼ିତ। ଅର୍ଥାତ ଜୀବନର ମାର୍ଗଦର୍ଶକରୂପେ ଦର୍ଶନ ତାର ମହତ୍ତ୍ୱ ଜ୍ଞାନତତ୍ତ୍ୱକୁ ବ୍ୟକ୍ତିତ୍ୱର ବିକାଶରେ ନିୟୋଜିତ କରିଛି। ମାନବୀୟ ସ୍ଥିତିର ମହତ୍ତ୍ୱ ଓ ମୂଲ୍ୟବୋଧକୁ ହୃଦୟଙ୍ଗମ କରି ତା ଭିତରେ ଅନ୍ତର୍ନିହିତ ସତ୍ୟାସତ୍ୟକୁ ସମୀକ୍ଷାକରି ମାନବ ସମାଜର କଲ୍ୟାଣ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବାର ଜିଜ୍ଞାସାକୁ ଦର୍ଶନ କୁହାଯାଏ। ବିଶ୍ୱ ଚିନ୍ତାଚେତନାର ପରିବର୍ତ୍ତନର ପ୍ରଚ୍ଛଦପଟରେ ଦାର୍ଶନିକ ଚିନ୍ତାଧାରା ଏକ ବୃହତ୍ ଅସ୍ତ୍ରରୂପେ କାର୍ଯ୍ୟ କରିଆସିଛି। ବିଶ୍ୱର କୋଣଅନୁକୋଣରେ ସୃଷ୍ଟିହୋଇଥିବା ବୈପ୍ଳବିକ ସଂଗଠନରେ ଦାର୍ଶନିକମାନଙ୍କ ଭୂମିକାର ଗୁରୁତ୍ୱ ସର୍ବାଗେ। ଯେବେଯେବେ ମାନବୀୟ ମହତ୍ତ୍ୱ ଓ ମୂଲ୍ୟବୋଧର ପ୍ରସଙ୍ଗ ଆଲୋଚନାର ପରିସରକୁ ଆସେ ସେବେସେବେ ଦର୍ଶନ ମାନବ ସମାଜପାଇଁ କେନ୍ଦ୍ରବିନ୍ଦୁ ପାଲଟିଯାଏ। ସାମାଜିକ ବ୍ୟବସ୍ଥାକୁ ମଜବୁତ୍ ସହ ମଣିଷକୁ ଦିଗ୍-ଦର୍ଶନ ଦେବାରେ ଦର୍ଶନ ସଦାସର୍ବଦା ଚେଷ୍ଟିତ। ବିଶ୍ୱର ପ୍ରତ୍ୟେକ ବିକଶିତ ସଭ୍ୟତା ସହ ଦାର୍ଶନିକ ଚିନ୍ତାଚେତନା ଉଭୟ ରାଷ୍ଟ୍ରୀୟ ଓ ସାମାଜିକ ଜୀବନରେ ଜଡ଼ିତ। ଦର୍ଶନର ମୂଳତତ୍ତ୍ୱକୁ ସାମାଜିକ ମୂଲ୍ୟବୋଧର ପରିଚାୟକରୂପେ ଯୁଗେଯୁଗେ ଗ୍ରହଣ କରାଯାଇଛି। ଭାରତୀୟ ଦର୍ଶନ ଓ ପାଶ୍ଚାତ୍ୟ ଦର୍ଶନରେ ବୁଦ୍ଧିବାଦ, ଇନ୍ଦ୍ରିୟାନୁଭୂତିବାଦ, ଆତ୍ମଜ୍ଞାନବାଦ ଏବଂ ବିଚାରବାଦର ବିଚାରଧାରାକୁ ଉପଯୁକ୍ତ ତର୍କ ଓ ବୈଜ୍ଞାନିକ ପଦ୍ଧତି ମାଧ୍ୟମରେ ଉପସ୍ଥାପନ କରାଯାଇଥାଏ। ତତ୍ତ୍ୱବିଦ୍ୟା, ତର୍କବିଦ୍ୟା, ଜ୍ଞାନବିଦ୍ୟା, ନୈତିକ ବିଦ୍ୟା ଏବଂ ସୌନ୍ଦର୍ଯ୍ୟ ବିଦ୍ୟା ମାଧ୍ୟମରେ ଦର୍ଶନ ନିଜର ପରିଚୟ ଅର୍ଜନ କରେ। ପ୍ରକୃତି ଏବଂ ପଦାର୍ଥର ନିହିତ ଗୁଣକୁ ଖୋଜିବା ବିଜ୍ଞାନର ଦାୟିତ୍ୱ।ଯେଉଁଠି ଜଡ ବିଜ୍ଞାନର ପରିସୀମା ଅନ୍ତହୁଏ ସେଇଠି ତତ୍ତ୍ୱବିଦ୍ୟାରୂପକ ଦର୍ଶନ ହିଁ ପାଲଟିଯାଏ ଜଗତର ମୂଳାଧାର। କାରଣ ସବୁ ବିଜ୍ଞାନର ସୃଷ୍ଟି ମଣିଷର ଜ୍ଞାନଜଗତରୁ। ଦାର୍ଶନିକ ପ୍ଲାଟୋଙ୍କ ମତରେ ଆତ୍ମାର ଖାଦ୍ୟ ହେଉଛି ଜ୍ଞାନ। ଦର୍ଶନ ହିଁ ଜ୍ଞାନ ଏବଂ ଜ୍ଞାନବିନା ବିଜ୍ଞାନର ଅସ୍ତିତ୍ୱବା କାହିଁ ? ଅର୍ଥାତ୍ ଦର୍ଶନରେ ସବୁ ପ୍ରଜାତିର ବିଜ୍ଞାନ ନିହିତ। କାରଣ ସବୁର ଏକ ଶେଷ ସୂକ୍ଷ୍ମ ସିଦ୍ଧାନ୍ତରୂପେ ଦାର୍ଶନିକ ତତ୍ତ୍ୱ ଆବିର୍ଭାବ ହୋଇଥାଏ। ଉଭୟ ଅନ୍ତଃଜଗତ ଓ ବାହ୍ୟଜଗତର ସତ୍ୟାସତ୍ୟକୁ ଉପସ୍ଥାପନ ଦର୍ଶନର ମୂଳଲକ୍ଷ୍ୟ। ଜୀବନର ଆତ୍ମିକ ଅନୁଭୂତି, ଆତ୍ମିକ ସମୀକ୍ଷା ଏବଂ ଆତ୍ମିକ ସିଦ୍ଧାନ୍ତର ଶ୍ରେଷ୍ଠତ୍ୱକୁ ଅନୁଭବ କରିବା ହିଁ ଦର୍ଶନ। ଏହା ଜଡ ଜାଗତିକ ଅନୁଭୂତିରୁ ଆରମ୍ଭ ହୋଇ ଆଧ୍ୟାତ୍ମିକ ଜାଗରଣରେ ସମାପ୍ତ ହୁଏ। ସୃଷ୍ଟିର ଗୁଢ଼ରହସ୍ୟକୁ ଉନ୍ମୋଚନ ସହ ମଣିଷର ଚାରିତ୍ରିକ ଆଚରଣ ଓ ଉଚ୍ଚାରଣ ପରିବର୍ତ୍ତନରେ ଲୁଚିରହିଛି ଦର୍ଶନର ସତ୍ୟତା। ଚାରିତ୍ରିକ ଆଚରଣ କହିଲେ ମଣିଷର ନୈତିକ ଆଧାର ଯାହା ଅତ୍ୟାବଶ୍ୟକ ମାନବିକ ମୂଲ୍ୟବୋଧ ଉପରେ ପର୍ଯ୍ୟବେସିତ।ସମସ୍ତ ସାଂସାରିକ ଦୁଃଖଯନ୍ତ୍ରଣାର କାରଣ ନୈତିକହୀନତା ଯାହା ବୁଦ୍ଧ ତାଙ୍କ ଅଷ୍ଟାଙ୍ଗମାର୍ଗରେ ଅଭିହିତ କରିଛନ୍ତି। ମଣିଷର ଅତ୍ୟାବଶ୍ୟକ ମୂଲ୍ୟବୋଧ ଯାହା ଜୈନ ଦର୍ଶନରେ ଅଣୁ ମହାବ୍ରତ ଭାବେ ନାମିତ କରାଯାଇଛି। ଅଣୁ ମହାବ୍ରତର ଅନୁସରଣରେ ହିଁ ଶ୍ରେଷ୍ଠ ଜୀବନଦର୍ଶନ ନିହିତ। ଅହିଂସା, ସତ୍ୟ, ଆସ୍ତେୟ, ଅପରିଗ୍ରହ ଓ ବ୍ରହ୍ମଚର୍ଯ୍ୟକୁ ମହାବ୍ରତ କୁହାଯାଏ। ଏହି ସାଧନାକୁ ଯେପର୍ଯ୍ୟନ୍ତ ମାନବ ଜାତି ଆନ୍ତରିକଭାବେ ପାଳନ ନକରିଛି ସେ ପର୍ଯ୍ୟନ୍ତ ଧ୍ୟାନ ଜପ ଓ ତପରେ କୌଣସି ମୂଲ୍ୟନାହିଁ। ଏହାହିଁ ଜୀବନ ଦର୍ଶନ ଯାହାକୁ ମହାତ୍ମା ଗାନ୍ଧୀ ତାଙ୍କ ଜୀବନରେ ଅନୁସରଣପୂର୍ବକ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଅହିଂସା ଓ ସତ୍ୟକୁ ଏକ ଶ୍ରେଷ୍ଠ ହତିଆର କରିଥିଲେ। ଅହିଂସା ଏକ ମାନସିକ ଅବସ୍ଥା ଯାହା ସଦାସର୍ବଦା ଅନ୍ୟର କ୍ଷତି ନପହଞ୍ଚାଇବାରେ ଏକ ପ୍ରତିଷେଧକ ଅଟେ। ମନର ପରିକଳ୍ପନା ,ବାକ୍ୟ ଓ କର୍ମ ଉପରେ ନକାରାତ୍ମକ ନିୟନ୍ତ୍ରିତ ପରିଭାଷା ହିଁ ଅହିଂସା। ପ୍ରେମ ଓ ସକାରତ୍ମକ୍ ଭାବନା ହିଁ ଅହିଂସା। ପ୍ରତ୍ୟେକ ମଣିଷକୁ ମଣିଷ ଭଳି ବ୍ୟବହାର କରିବା ସହ ବିନା ଭେଦଭାବର ସଂକୀର୍ଣ୍ଣତାର ପୃଷ୍ଠପୋଷକତା କରିବା ଅହିଂସା ଅଟେ। ହିଂସା ମଣିଷକୁ ଓ ତା ମନକୁ ପଥଭ୍ରଷ୍ଟ କରେ, ଆତ୍ମାକୁ କଳୁଷିତ ଓ କବଳିତ କରେ। କଳୁଷିତ ଓ କବଳିତ ମଣିଷ ସର୍ବଦା ହିଂସ୍ର ସ୍ୱଭାବର। ଜୀବ ପ୍ରତି ଦୟା, ଅନୁକମ୍ପା ଓ ସେବା ଅହିଂସାର ପ୍ରତୀକ। ଅହିଂସା ମାଧ୍ୟମରେ ଗାନ୍ଧୀ ସ୍ୱାଧିନତା ଆଣିବାରେ ସଫଳ ହୋଇଥିଲେ। ଏହି ଅହିଂସାକୁ ସାହାରା କରି ଦକ୍ଷିଣ ଆଫ୍ରିକାର ପ୍ରଥମ ରାଷ୍ଟ୍ରପତି ନେଲସନ ମଣ୍ଡେଲା ମଧ୍ୟ ଇଂରେଜମାନଙ୍କ ବିରୋଧରେ ଆନ୍ଦୋଳନ କରି ତେଇଶି ବର୍ଷ କାରାବାସ କରିଥିଲେ। ଅହିଂସା ସହ ସତ୍ୟ ମଣିଷର ଆଉ ଏକ ସାଧନା ବା ବ୍ରତ। ସତ୍ୟ ହିଁ ସୁନ୍ଦର, ସତ୍ୟ ହିଁ ଚିରନ୍ତନ, ନିରାକାର, ଚିରସବୁଜ। ପ୍ରତ୍ୟେକ ବ୍ୟକ୍ତି ନିଜର ଭାବନା, ବାକ୍ୟ ଓ କର୍ମରେ ସତ୍ୟର ସମ୍ମାନ କରିବା ଉଚିତ୍। ନିଜ କର୍ମ ଓ ଜୀବିକା ପ୍ରତି ସଚେତନ ସହ କର୍ତ୍ତବ୍ୟପରାୟଣତାକୁ ଜୀବନର ଶ୍ରେଷ୍ଠ ବ୍ରତଭାବେ ପାଳନ କରିବା। ଏହାହିଁ ଜୀବନର ବାସ୍ତବତା ଓ ବାସ୍ତବତା ହିଁ ସତ୍ୟ। ସତ୍ୟପଥରେ ପଥିକ ସର୍ବଦା ସଙ୍କୋଚ ପଣିଆକୁ ଏକ ଅସ୍ତ୍ରଭାବେ ବ୍ୟବହାର କରିଥାଏ। ସତ୍ୟନିଷ୍ଠ ବ୍ୟକ୍ତିର ମାନସିକ ଅବସ୍ଥା ସୁସ୍ଥ କାରଣ ମିଥ୍ୟା ଓ ଭୟ ଉଭୟ ଶାରିରୀକ ଓ ମାନସିକ ଯନ୍ତ୍ରଣାର କାରଣ। ଆସ୍ତେୟ ପଞ୍ଚ ମହାବ୍ରତର ଏକ ଅନ୍ୟ ଏକ ଆଚରଣ ବିଧି। ଯେତେବେଳେ ଆମେ ଅନ୍ୟର ଜିନିଷକୁ ଚୋରି, ଠକି,ଶୋଷଣ ତଥା ପ୍ରତାରିତ କରି ନିଜର କରିବାର ଇଚ୍ଛା ପ୍ରକାଶ କରନ୍ତି ତାହା ମାନବୀୟ ମୂଲ୍ୟବୋଧ ନୁହେଁ। ଏଥିରୁ ନିବୃତ୍ତ ହେବା ନିହାତି ଜରୁରୀ ଓ ଏହାହିଁ ଆସ୍ତେୟ। ଅପରିଗ୍ରହ ଚତୁର୍ଥ ମହାବ୍ରତ ଯାହା ଆମ ସମସ୍ତଙ୍କୁ ଶିଖାଏ ଯେତିକି ଆବଶ୍ୟକ ସେତିକି ଗ୍ରହଣ କରାଯାଉ। ଆବଶ୍ୟକତାଠାରୁ ଅଧିକ ଗ୍ରହଣ ଲୋଭ ଅଟେ। ଲୋଭର ବଶବର୍ତ୍ତୀ ବ୍ୟକ୍ତି ମାନସିକ ଯନ୍ତ୍ରଣା ଅନୁଭବ କରିବା ସହ ସାମାଜିକ ବିକାଶରେ ବାଧା ସୃଷ୍ଟି କରେ। ଖାଦ୍ୟ ଗ୍ରହଣ ଠାରୁ ବସ୍ତ୍ର ଆସବାସ ପର୍ଯ୍ୟନ୍ତ୍ ସବୁକ୍ଷେତ୍ରରେ ନିଜକୁ ନିୟନ୍ତ୍ରିତ ରଖିବା ଦ୍ୱାରା କୌଣସି ମାନସିକ ଦ୍ୱନ୍ଦ୍ୱ ଉପୁଜେ ନାହିଁ। ବ୍ରହ୍ମଚର୍ଯ୍ୟ ଆମ ଚତୁରାଶ୍ରମ ଜୀବନର ପ୍ରଥମ ଆଶ୍ରମ ଓ ପଞ୍ଚ ମହାବ୍ରତ ସର୍ବଶ୍ରେଷ୍ଠ ବ୍ରତ। ପ୍ରତ୍ୟେକ ମଣିଷର ଏହା ଏକ ଶ୍ରେଷ୍ଠ ଓ ଉତ୍କୃଷ୍ଟ ଜୀବନ ଶୈଳୀର ପ୍ରଥମ ପାହାଚ। ଉଭୟ ମନ ଓ ଶରୀରକୁ, ସ୍ୱଚ୍ଛ ଓ ଶୁଦ୍ଧ ରଖିବା ପାଇଁ ଇନ୍ଦ୍ରିୟ ମାନଙ୍କୁ ବିକାରଗ୍ରସ୍ଥ ଚିନ୍ତାଧାରାରୁ ନିବୃତ୍ତ ରଖିବା ହିଁ ବ୍ରହ୍ମଚର୍ଯ୍ୟ। ଯୌନତୃପ୍ତିର ଅହେତୁକ ବ୍ୟାକୁଳ ଚିନ୍ତାଧାରାକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଇନ୍ଦ୍ରିୟମାନଙ୍କର ଅସଂଜତ ଉଚ୍ଚାରଣ ଓ ଆଚରଣ ସମସ୍ତ ସମସ୍ୟାର ମୂଳକାରଣ। ଏକବିଂଶ ଶତାବ୍ଦୀ ଅତ୍ୟାଧୁନିକ ଜୀବନଶୈଳୀର ଯୁଗ। ଖାଦ୍ୟପେୟ,ବସ୍ତ୍ର ଓ ଅନ୍ୟାନ୍ୟ ଦୈନନ୍ଦିନ ସାମଗ୍ରୀରେ କୃତ୍ରିମତା ଭରିଭରି ରହିଛି। କାମ-କ୍ରୋଧ-ଲୋଭ-ମଦ- ମୋହ-ମାତ୍ସାର୍ଯ୍ୟର କରାଳ ଗର୍ଭରେ କବଳିତ ମଣିଷ କଣବା କରିବ ?ସେଇ କଳୁଷିତ ଓ କୃତ୍ରିମ ମାନସିକତାକୁ ମଣିଷ ସମାଜ ସମ୍ପୂର୍ଣ୍ଣରୂପେ ଗ୍ରହଣ କରିବାରେ ଲାଗିଛି। ସାମ୍ପ୍ରତିକ ବିଶ୍ୱମାନବ ଜାତି ଉଭୟ ଶାରିରୀକ ଓ ମାନସିକ ସ୍ତରରେ ରୋଗାକ୍ରାନ୍ତ ହେବାରେ ଲାଗିଛି। ବସ୍ତୁବାଦୀ ଦୁନିଆରେ ବସ୍ତୁପ୍ରତି ଅହେତୁକ ଦୁର୍ବଳତା ସହ ନିଜ ଆର୍ଥିକ ମାନଦଣ୍ଡକୁ ସଶକ୍ତ କରିବା ଲକ୍ଷ୍ୟରେ ସମସ୍ତେ ଖୁବ୍ ବେଗରେ ଧାବମାନ। ପ୍ରତିଦ୍ୱନ୍ଦ୍ୱିତା ଓ ଈର୍ଷାପରାୟଣତା ଧୀରେଧୀରେ ମାନସିକ ଉତ୍ତେଜନା ଓ ଚାପଗ୍ରସ୍ତ ଜୀବନ ସୃଷ୍ଟି କରିଚାଲିଛି। ଏହି ପରିପ୍ରେକ୍ଷୀରେ ଦର୍ଶନର ତତ୍ତ୍ୱ ନିଶ୍ଚିତଭାବେ ଏକ ଉତ୍ତମମାର୍ଗ ଭାବେ ବିଶ୍ୱର ଜନସାଧାରଣଙ୍କୁ ମାର୍ଗଦର୍ଶକ ହୋଇ ସୁସ୍ଥ ସମାଜ ଗଠନ କରିବାରେ ସଫଳ ହେବ। ୟୁନିସେଫ ଦ୍ୱାରା ପ୍ରତିବର୍ଷ ନଭେମ୍ବରର ତୃତୀୟ ଗୁରୁବାରକୁ ବିଶ୍ୱ ଦର୍ଶନ ଦିବସରୂପେ ବିଶ୍ୱ ପାଳନ କରୁଛି।

# ଆମେ ପୃଥିବୀରେ ଜନ୍ମ ହୋଇଛୁ ନା ମହାକାଶରୁ ଆସିଛୁ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ – ୮୨୪୯୫୦୨୭୭୬

ବେନୁ ଗ୍ରହାଣୁରୁ ମିଳିଥିବା ୨୦ ବିଲିୟନ ବର୍ଷ ପୁରୁଣା ପଥର ସମସ୍ତଙ୍କୁ ଚକିତ କରିଛି। ନାସା ଏବଂ ଜାପାନ ଆବିଷ୍କାର କରିଛନ୍ତି ଯେ ସମସ୍ତ ଜୀବଜନ୍ତୁ ପୃଥିବୀରେ ଉତ୍ପତ୍ତି ହୋଇନାହାଁନ୍ତି। ଆମେ ବ୍ରହ୍ମାଣ୍ଡରୁ ଅତିଥି। ପଥରରେ ୧୪ ଟି ଆମିନୋ ଏସିଡ୍ ଏବଂ DNA ଏବଂ RNA ର ବୀଜ ମିଳିଛି। ପାନ୍ସପର୍ମିଆ ତତ୍ତ୍ୱ ପୁନର୍ଜୀବିତ ହୋଇଛି: ଜୀବନ ମହାକାଶରୁ ଆସିଥିଲା, ଏବଂ ଏକ ଧୂମକେତୁ ପୃଥିବୀରେ ଏହାର ବୀଜ ବୁଣିଥିଲା। ନାସା ଏବଂ ଜାପାନର ମହାକାଶ ସଂସ୍ଥା ଏକ ଗ୍ରହାଣୁ ଅଧ୍ୟୟନ କରିବା ପରେ ଏହି ଆଶ୍ଚର୍ଯ୍ୟଜନକ ଆବିଷ୍କାର କରିଛନ୍ତି। ପୃଥିବୀରେ ଜୀବନ କିପରି ଆରମ୍ଭ ହେଲା ? ଏହି ପ୍ରଶ୍ନ ଶତାବ୍ଦୀ ଧରି ବୈଜ୍ଞାନିକମାନଙ୍କୁ ଚିନ୍ତାରେ ପକାଇଛି। ଏବେ, ନାସା ଏବଂ ଜାପାନୀ ମହାକାଶ ସଂସ୍ଥା ଦ୍ୱାରା ଏକ ନୂତନ ଆବିଷ୍କାର ଏକ ପୁରୁଣା ତତ୍ତ୍ୱକୁ ନୂତନ ଜୀବନ ଦେଇଛି। ଏହି ତତ୍ତ୍ୱ କହୁଛି ଯେ ଜୀବନ ପୃଥିବୀରେ ଉତ୍ପତ୍ତି ହୋଇନଥିଲା, ବରଂ ମହାକାଶରୁ ଆସିଥିଲା। ଏହାର ନାମ ପାନସ୍ପର୍ମିଆ।୨୦୨୫ ଜାନୁଆରୀରେ OSIRIS-REx ମିଶନ ଦ୍ୱାରା ଫେରାଇ ଅଣାଯାଇଥିବା ୨୦ ବିଲିୟନ ବର୍ଷ ପୁରୁଣା ଗ୍ରହାଣୁ ବେନୁରୁ ଏକ ପଥର ଏହାକୁ ସମର୍ଥନ କରିବା ପାଇଁ ପ୍ରମାଣ ପ୍ରଦାନ କରିଛି । ଏଥିରେ ଜୀବନ ପାଇଁ ଆବଶ୍ୟକୀୟ ୨୦ ଟି ଆମିନୋ ଏସିଡ୍ ମଧ୍ୟରୁ ୧୪ ଟି ରହିଛି, ଯାହା ପୃଥିବୀର ଜୀବମାନେ ବ୍ୟବହାର କରନ୍ତି। ଏହା ସହିତ, DNA ଏବଂ RNA ର ପୂର୍ବବର୍ତ୍ତୀ ରାସାୟନିକ ପଦାର୍ଥ ମଧ୍ୟ ମିଳିଛି।

ବେନୁ ଏକ କାର୍ବନ-ସମୃଦ୍ଧ ଗ୍ରହାଣୁ। ଏହା ସୌରମଣ୍ଡଳର ପ୍ରାରମ୍ଭିକ ଦିନର ଏକ ଅବଶିଷ୍ଟାଂଶ – ଯେତେବେଳେ ସୂର୍ଯ୍ୟ ଏବଂ ଗ୍ରହଗୁଡ଼ିକ ସୃଷ୍ଟି ହେଉଥିଲେ। NASAe OSIRIS-REX ମିଶନ ୨୦୨୦ ମସିହାରେ ବେନୁରେ ପହଞ୍ଚିଥିଲା। ୨୦୨୩ ମସିହାରେ, ଏହା ପଥରର ଛୋଟ ଖଣ୍ଡ (ପ୍ରାୟ ୧୨୧ ଗ୍ରାମ) ପୃଥିବୀକୁ ଆଣିଥିଲା। ଏହି ଖଣ୍ଡଗୁଡ଼ିକ ବେନୁ ଭିତରେ ଫସି ରହିଥିଲା, ଯାହା ପୃଥିବୀ ଗଠନ ପୂର୍ବରୁ ଥିଲା। ଏହାର ଅର୍ଥ ହେଉଛି ଏଗୁଡ଼ିକ ୨୦ ବିଲିୟନ ବର୍ଷ ପୁରୁଣା। ବୈଜ୍ଞାନିକମାନେ ସେଗୁଡ଼ିକୁ ପରୀକ୍ଷା କରି ପଥରରେ ୨୦ ଟି ଆମିନୋ ଏସିଡ୍ ମଧ୍ୟରୁ ୧୪ ଟି ପାଇଲେ। ଆମିନୋ ଏସିଡ୍ ହେଉଛି ପ୍ରୋଟିନର ନିର୍ମାଣ ବ୍ଲକ, ଜୀବନର ମୂଳଦୁଆ। DNA ଏବଂ RNA ର ରାସାୟନିକ ପୂର୍ବବର୍ତ୍ତୀ – ଜେନେଟିକ୍ କୋଡର ଉପାଦାନ – ମଧ୍ୟ ମିଳିଲା। ଏହି ରାସାୟନିକ ପଦାର୍ଥଗୁଡ଼ିକ ଏତେ ସଫା ଥିଲା ଯେ ସେମାନଙ୍କୁ କେବେ ସ୍ପର୍ଶ କରାଯାଇ ନଥିଲା। ଏହି ଆବିଷ୍କାର ଜାନୁଆରୀ ୨୦୨୫ ରେ ନିଶ୍ଚିତ ହୋଇଥିଲା। ବୈଜ୍ଞାନିକମାନେ କହିଛନ୍ତି ଯେ ବେନୁ ଭଳି ଗ୍ରହାଣୁ ଜୀବନର ବୀଜ ବୁଣିଥିଲେ। ପାନସ୍ପର୍ମିଆ ଅର୍ଥ 'ସମସ୍ତଙ୍କ ବୀଜ'। ଏହି ତତ୍ତ୍ୱ କହୁଛି ଯେ ଜୀବନ ପାଇଁ କଞ୍ଚାମାଲ – ଯେପରିକି ଆମିନୋ ଏସିଡ୍ ଏବଂ ଜୈବ ଯୌଗିକ – ମହାକାଶରୁ ଆସିଥିଲା। ସେଗୁଡ଼ିକୁ ଧୂମକେତୁ କିମ୍ବା ଗ୍ରହାଣୁ ଦ୍ୱାରା ପୃଥିବୀରେ ପକାଯାଇଥିଲା। କଳ୍ପନା କରନ୍ତୁ: ପୃଥିବୀ ଏହାର ଜନ୍ମର ଅଗ୍ନିରୁ ଥଣ୍ଡା ହେଉଛି। ତା'ପରେ ଧୂମକେତୁ ଏବଂ ଗ୍ରହାଣୁ, ସ୍ଥିର ଜୈବ ରାସାୟନିକ ପଦାର୍ଥରେ ପରିପୂର୍ଣ୍ଣ, ଏହା ସହିତ ପ୍ରଚଣ୍ଡ ଶକ୍ତି ସହିତ ଧକ୍କା ହୁଏ। ଏହି ସଂଘର୍ଷ ରାସାୟନିକ ପଦାର୍ଥର ବୀଜ ବୁଣେ ଯାହା ପରେ ଜଟିଳ ଜୀବନ ଗଠନ କରେ। ଏହି ତତ୍ତ୍ୱ ପାଇଁ ଜୀବିତ ପ୍ରାଣୀମାନଙ୍କର ଆବଶ୍ୟକତା ନାହିଁ। ଏହାକୁ କେବଳ ଶକ୍ତିଶାଳୀ ଅଣୁ ଆବଶ୍ୟକ ଯାହା ଯେକୌଣସି ବାସଯୋଗ୍ୟ ବିଶ୍ୱରେ ଜୀବନକୁ ସମର୍ଥନ କରିପାରିବ। ବେନୁରେ ଥିବା ପଥର ମୂଳଦୁଆ ପ୍ରଦାନ କରିଥିଲା। ବୈଜ୍ଞାନିକମାନେ ପୂର୍ବରୁ ସନ୍ଦେହ କରୁଥିଲେ ଯେ ଭଙ୍ଗୁର ରାସାୟନିକ ପଦାର୍ଥଗୁଡ଼ିକ ମହାକାଶର ଶୂନ୍ୟସ୍ଥାନ, ବାୟୁମଣ୍ଡଳର ଦହନ କିମ୍ବା ଧକ୍କାର ଉତ୍ତାପରୁ ବଞ୍ଚିପାରିବ କି ନାହିଁ। କିନ୍ତୁ OSIRIS-REX ଭଳି ଲ୍ୟାବ ପରୀକ୍ଷଣ ଏବଂ ମିଶନ୍ ପ୍ରମାଣ କରିଛି ଯେ ଅନେକ ରାସାୟନିକ ପଦାର୍ଥ ବଞ୍ଚି ରହିପାରିବ। ବର୍ଷ ବର୍ଷ ଧରି, ସମାଲୋଚକମାନେ ଯୁକ୍ତି ଦେଇଥିଲେ ଯେ ମହାକାଶରୁ ଜୀବନ ଅସମ୍ଭବ। କିନ୍ତୁ ବର୍ତ୍ତମାନ ପ୍ରମାଣ ଅଧିକ ଦୃଢ଼। ବେନୁର ପଥରରେ ମିଳୁଥିବା ଆମିନୋ ଏସିଡ୍ ପୃଥିବୀରେ ଜୀବନ ସହିତ ସମାନ। ଏହି ରାସାୟନିକ ପଦାର୍ଥଗୁଡ଼ିକ ବେନୁ ଭିତରେ ବନ୍ଦ ଥିଲା, ତେଣୁ ସେମାନଙ୍କୁ ବାହ୍ୟ ପ୍ରଦୂଷଣରୁ ରକ୍ଷା କରୁଥିଲା। ବୈଜ୍ଞାନିକମାନେ ସ୍ପେକ୍ଟ୍ରୋସ୍କୋପି ଏବଂ ଅନ୍ୟାନ୍ୟ ପରୀକ୍ଷା ସହିତ ଏହା ନିଶ୍ଚିତ କରିଥିଲେ। ଏହି ଆବିଷ୍କାର ସୂଚାଇ ଦିଏ ଯେ ଜୀବନର ନିର୍ମାଣ ଖଣ୍ଡଗୁଡ଼ିକ ସମଗ୍ର ବ୍ରହ୍ମାଣ୍ଡରେ ବିସ୍ତାରିତ ହୋଇପାରେ। ଯଦି ବେନୁ ଭଳି ଏକ ଗ୍ରହାଣୁ ଜୀବନର ଟୁଲକିଟ୍ ଆଣିଥାଏ, ତେବେ ଅନ୍ୟ ଗ୍ରହଗୁଡ଼ିକରେ ମଧ୍ୟ ସମାନ ଘଟଣା ଘଟିପାରେ। ଏହା ଆମକୁ ମଙ୍ଗଳ, ୟୁରୋପା କିମ୍ବା ଟାଇଟାନରେ ଜୀବନ ଖୋଜିବାରେ ସାହାଯ୍ୟ କରିପାରିବ। ଏହି ତତ୍ତ୍ୱ ଅନୁସାରେ ଜୀବନ ପୃଥିବୀରେ ଉତ୍ପତ୍ତି ହୋଇନଥିଲା, ବରଂ ଏଠାରେ ସଂଗୃହିତ ହୋଇଥିଲା – ମହାକାଶରୁ ଆମଦାନୀ କରାଯାଇଥିଲା। କଳ୍ପନା କରନ୍ତୁ, ଆମ କୋଷରେ ଥିବା ଆମିନୋ ଏସିଡ୍ ବ୍ରହ୍ମାଣ୍ଡର ଅନ୍ୟ ଏକ କୋଣରୁ ଆସିଥିଲା। ଏହି ଧାରଣା ରୋମାଞ୍ଚକର। କିନ୍ତୁ ବୈଜ୍ଞାନିକମାନେ କୁହନ୍ତି ଯେ ଏହା ଏପର୍ଯ୍ୟନ୍ତ କେବଳ ଏକ ତତ୍ତ୍ୱ। ଅଧିକ ପ୍ରମାଣ ଆବଶ୍ୟକ। ନାସା ଏବଂ ଜାପାନୀ ସଂସ୍ଥା ଏବେ ଅଧିକ ନମୁନା ପରୀକ୍ଷା କରୁଛନ୍ତି। ଭବିଷ୍ୟତର ମିଶନ ଯେପରିକି ହେବଲ କିମ୍ବା ଜେମ୍ସ ୱେବ୍ ଟେଲିସ୍କୋପ୍ ଅଧିକ ତଥ୍ୟ ଆଣିବ। ଯଦି ପାନ୍ସପର୍ମିଆ ସତ୍ୟ ପ୍ରମାଣିତ ହୁଏ, ତେବେ ଜୀବନ ଏକ ପୃଥକ ଘଟଣା ନୁହେଁ – ଏହା ବ୍ରହ୍ମାଣ୍ଡର ଏକ ସାଧାରଣ ନିୟମ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

31 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୨୩ ନଭେମ୍ବର ୨୦୨୫ ରବିବାର





## ଧାମନଗର ବ୍ଲକରେ ୧୭୫୫ ପ୍ରଧାନମନ୍ତ୍ରୀ ଆବାସ ଗୃହ ଅସମ୍ପୂର୍ଣ୍ଣ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧିନରେ ଦିଆଯାଇଥିବା ୧୭୫୫ଟି ଆବାସ ଅସମ୍ପୂର୍ଣ୍ଣ ରହିଥିବା ଖବରେ ଚର୍ଚ୍ଚା ତୀବ୍ର ହୋଇଛି। ଆସନ୍ତା ଡିସେମ୍ବରରେ କେନ୍ଦ୍ର ସରକାରଙ୍କ ନୂତନ ଆବାସ ଆସିବା ପୂର୍ବରୁ ଏହି ଅପରିଣତ ଘର ବ୍ଲକ ପାଇଁ ମୁଣ୍ଡବିନ୍ଧା ସମସ୍ୟା ସୃଷ୍ଟି କରିପାରେ ବୋଲି ପ୍ରଶାସନ ଆଶଙ୍କା କରୁଛି। ୨୦୧୬-୧୭ ରୁ ୨୦୨୪-୨୫ ମସିହା ଅବଧି ମଧ୍ୟରେ ଧାମନଗର ବ୍ଲକର ୩୧ ପଞ୍ଚାୟତରେ ମୋଟ୍ ୧୭୫୫ ଆବାସ ଅପରିଣତ ରହିଥିବା ବ୍ଲକ ବିଡିଓ ସୂଚନା ଦେଇଛନ୍ତି। ଭଗବାନପୁର ଓ ଗୋବିନ୍ଦପୁର ପଞ୍ଚାୟତରେ ସବୁଠାରୁ ଅଧିକ ହିତାଧିକାରୀ ଘରକାମ କରିନଥିବା ଚିହ୍ନଟ ହୋଇଛି। ଏହି ହିତାଧିକାରୀଙ୍କୁ ପ୍ରଥମ କିସ୍ତି ୨୦,୦୦୦ ଟଙ୍କା ଆକାଉଣ୍ଟକୁ ଯାଇଥିବା ସତ୍ତ୍ୱେ କାମ ହୋଇନଥିବା ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଛି। ପ୍ରତ୍ୟେକ ପଞ୍ଚାୟତରେ ଶୁଣିବାକୁ ମିଳିଛି ଯେ ପାଖାପାଖି ୫୦ ରୁ ୭୦ଟି ଆବାସ ଅସମ୍ପୂର୍ଣ୍ଣ ରହିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସରକାରୀ ନିୟମ ହିସାବରେ ପ୍ରଥମ କିସ୍ତି ପରେ ଘର ନିର୍ମାଣ କରିଥିବା ପ୍ରମାଣ ଦେଖାଇବା ଆବଶ୍ୟକ। ଏହା ନହେଲେ ପରବର୍ତ୍ତୀ କିସ୍ତି ବନ୍ଦ ହେବ। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଆବାସ ସମ୍ପୂର୍ଣ୍ଣ କଲେ ଶେଷ କିସ୍ତି ମିଳିବ। ଏହାସହ ଏନ୍ଆରଜିଏସ୍ ମଜୁରୀ ବାବଦକୁ ୨୦ ହଜାର ଟଙ୍କା ମିଳିବ। ତେବେ ଏଭଳି ନିୟମ ସତ୍ତ୍ୱେ ଧାମନଗର ବ୍ଲକରେ କାହିଁକି ହିତାଧୀକାରୀ ଘର ନିର୍ମାଣ କରିପାରୁନାହାନ୍ତି ତାହାର ତଦନ୍ତ ହେବା ଆବଶ୍ୟକ ରହିଛି। ଡେରି ହେବା ନେଇ ପ୍ରଶାସନ ପକ୍ଷରୁ ବାରମ୍ବାର ନୋଟିସ୍, ଅଧିକାରୀମାନେ ପହଞ୍ଚି କାର୍ଯ୍ୟ ଶୀଘ୍ର କରିବାକୁ ଜଣାଉଥିବା ବେଳେ ମଧ ହିତାଧୀକାରୀ କାର୍ଯ୍ୟ ଆରମ୍ଭ କରୁନାହାନ୍ତି। ଏନେଇ ଧାମନଗର ବିଡିଓ ବନବିହାରୀ ଦିନ୍ଦା କୁହନ୍ତି ଡିସେମ୍ବର। ମାସ ପୂର୍ବରୁ କାମ ସରାଇ ଦେବାକୁ ବାରମ୍ବାର ଅନୁରୋଧ କରାଯାଉଛି। ନହେଲେ ନିୟମ ହିସାବରେ ଟଙ୍କା ଫେରସ୍ତ ପାଇଁ ସରକାରୀ ବ୍ୟବସ୍ଥା କରାଯିବ ବୋଲି କହୁଛନ୍ତି।

## ଏଫ୍ଏମ୍ୟୁରେ ବିଶ୍ୱ ଐତିହ୍ୟ ସପ୍ତାହ-୨୦୨୫

## ଉଦ୍‌ଯାପନ:ସଂସ୍କୃତି, ସଂରକ୍ଷଣ ଓ ଜ୍ଞାନକୁ ଉତ୍ସର୍ଗିତ ସପ୍ତାହ




**ବାଲେଶ୍ୱର, ନ୍ୟୁଜ୍**

ଫକୀର ମୋହନ ବିଶ୍ୱବିଦ୍ୟାଳୟର ଇତିହାସ ଓ ପ୍ରନ୍ତତ୍ତ୍ୱ ବିଭାଗ ଦ୍ୱାରା ଆୟୋଜିତ ଉଦ୍‌ଘାଟନୀ ସଭା ସହିତ ବିଶ୍ୱ ଐତିହ୍ୟ ସପ୍ତାହ ପାଳନର ଶୁଭାରମ୍ଭ କରାଯାଇଛି। ଏହି ବିଶେଷ ସପ୍ତାହଟି ଛାତ୍ରଛାତ୍ରୀ ଓ ଗବେଷକମାନଙ୍କ ମଧ୍ୟରେ ଐତିହ୍ୟ ଜାଗୃକତା, ସଂରକ୍ଷଣ ଭାବନା ଓ ଶିକ୍ଷାଗତ ଆଲୋଚନାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ବିଶ୍ୱବିଦ୍ୟାଳୟରେ ପ୍ରତିବର୍ଷ ଆୟୋଜିତ ହୋଇଥାଏ। ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ନିଜ ଅଧ୍ୟକ୍ଷୀୟ ଉଦ୍‌ବୋଧନରେ ବିଭାଗର ପଦକ୍ଷେପକୁ ସ୍ୱାଗତ କରି ଐତିହ୍ୟ ଶିକ୍ଷା, ଅନ୍ତଃଶାସ୍ତ୍ରୀୟ ଗବେଷଣା ଓ ସାଂସ୍କୃତିକ ସଂରକ୍ଷକତ୍ୱ ପ୍ରତି ବିଶ୍ୱବିଦ୍ୟାଳୟର ପ୍ରୟାସକୁ ସୁସ୍ପଷ୍ଟ କରିଥିଲେ। ସେ ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଶାର ଐତିହାସିକ ସମ୍ପଦକୁ ଅନୁସନ୍ଧାନ କରିବା ଓ ସଂରକ୍ଷଣରେ ସକ୍ରିୟ ସହଯୋଗ କରିବାକୁ ଆହ୍ୱାନ୍ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ସଭାକୁ ଉଦ୍‌ବୋଧନ କରି କହିଲେ ଯେ, ଦ୍ରୁତ ବଦଳୁଥିବା ସମାଜରେ ସାଂସ୍କୃତିକ ପରିଚୟକୁ ରକ୍ଷା କରିବା ଅତ୍ୟାବଶ୍ୟକ। ଏହି ଅବସରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପରିବେଶ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ପ୍ରକାଶ ଚନ୍ଦ୍ର ମିଶ୍ର, ତାଙ୍କ ଆକର୍ଷଣୀୟ ଓ ଚିନ୍ତନପ୍ରବଣ ଉପସ୍ଥାପନାରେ ପରିବେଶ, ଇତିହାସ ଓ ଐତିହ୍ୟର ଅବିଚ୍ଛିନ୍ନ ସମ୍ପର୍କକୁ ବିନ୍ୟାସ କରିଥିଲେ। ସୁସ୍ଥତର ପ୍ରୟାସ ମାଧ୍ୟମରେ ପ୍ରନ୍ତତ୍ତ୍ୱ ଓ ସାଂସ୍କୃତିକ ସମ୍ପଦ ସଂରକ୍ଷଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସଭାରେ ବିଭାଗ ଅଧ୍ୟାପିକା ଡକ୍ଟର ଶିଖାଶ୍ରୀ ରାୟ, ଏହି ସପ୍ତାହ ପାଳନର ମୂଲ୍ୟବୋଧ, ଏହାର ଇତିହାସିକ ଓ ସାମାଜିକ ଅର୍ଥପୂର୍ଣ୍ଣତା ବିଷୟରେ ଏକ ସମ୍ବେଦନଶୀଳ ଅଭିମୁଖ୍ୟ ପ୍ରଦାନ କରିଥିଲେ ଓ ସାମାଜିକ ବିଜ୍ଞାନ ବିଭାଗ ପ୍ରଫେସର ଗୀତାଞ୍ଜଳି ପଣ୍ଡା, ସମନ୍ୱୟକାରୀ, ଇତିହାସ ଓ ପୁରାତତ୍ତ୍ୱ ବିଭାଗ, ଅତିଥିମାନଙ୍କ ସ୍ୱାଗତ କରି ବିଭାଗର ଐତିହ୍ୟଚେତନା ଓ ପାରମ୍ପରିକ ଅନୁସନ୍ଧାନକୁ ବଢ଼ାଇବାର ଆଶାବ୍ୟକ୍ତ କରିଥିଲେ। ଉଦ୍‌ଘାଟନୀ ସଭାର ସଞ୍ଚାଳନ ଡକ୍ଟର ଆକାଶ ମଲ୍ଲିକ (ସହାୟକ ଅଧ୍ୟାପକ, ଆନ୍ଥ୍ରୋପୋଲୋଜି ବିଭାଗ) କରିଥିଲେ। ଶେଷରେ ଶଶାଙ୍କ ଶେଖର ଗଡନାୟକ (ସହାୟକ ଅଧ୍ୟାପକ, ଆପ୍ଲାଇଡ୍ ସାଇକୋଲୋଜି ବିଭାଗ)ଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଏଥିସହିତ ଏ ସପ୍ତାହ ପାଳନ ଅବସରରେ ବିଶ୍ୱବିଦ୍ୟାଳୟରେ ସପ୍ତାହବ୍ୟାପୀ ଅନ୍ୟାନ୍ୟ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ। ତର୍କବିତର୍କ ପ୍ରତିଯୋଗିତା, ଚିତ୍ରକଳା ପ୍ରତିଯୋଗିତା, ଫଟୋଗ୍ରାଫି ପ୍ରତିଯୋଗିତା, ଗ୍ରୁପ୍ ଡିସ୍କସନ୍, ଦୁର୍ଗାଦେବୀକୁ ଫିଲ୍ଡ ଭିଜିଟ୍, ପଥପ୍ରାନ୍ତ ନାଟକ, ନିକଟସ୍ଥ ଗ୍ରାମଗୁଡ଼ିକରେ ଜନଜାଗରଣ ଅଭିଯାନ, ବ୍ୟାଖ୍ୟାନ, ପ୍ରଦର୍ଶନୀ ଓ ଇଣ୍ଟରାକ୍ଟିଭ୍ ସେସନ୍ ଆଦି କାର୍ଯ୍ୟକଳାପ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଐତିହ୍ୟ ସଚେତନତା, ସାମୁଦାୟିକ ଆଭିମୁଖ୍ୟତା ଓ ଗବେଷଣାଗତ ଦୃଷ୍ଟିକୋଣକୁ ଆରୋହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭାବରେ ଯୋଗଦାନ କରିବ ବୋଲି ଆୟୋଜକ ବିଭାଗ ମତପୋଷଣ କରିଛନ୍ତି।

## ଭେଣ୍ଡିଂ ଜୋନ୍ ଦୋକାନ ଆବଣ୍ଟନକୁ ନେଇ ଉଠାଦୋକାନୀଙ୍କ ସନ୍ଦେହ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସହର ଇଞ୍ଜିନିୟରିଂ କଲେଜ ଛକ ଠାରେ ନୂତନ ଭାବେ ନିର୍ମିତ ଭେଣ୍ଡିଂଜୋନ୍‌ର ଦୋକାନ ଘର ଆବଣ୍ଟନକୁ ନେଇ ଉଠା ଦୋକାନୀଙ୍କ ମଧ୍ୟରେ ନାନା ସନ୍ଦେହ ପ୍ରକାଶ ପାଇଛି। ପୂର୍ବରୁ ସେଠାରେ ଯେଉଁ ଉଠା ଦୋକାନୀମାନେ ଦୋକାନ ପକାଇ ଘର ଚଳାଉଥିଲେ, ବର୍ତ୍ତମାନ ଅନ୍ୟ ଅଞ୍ଚଳର କେତେକ ବ୍ୟବସାୟୀଙ୍କୁ ଭେଣ୍ଡିଂଜୋନ୍‌ର ଦୋକାନ ଘର ଆବଣ୍ଟନ ପାଇଁ ଉଦ୍ୟମ ଚାଲିଥିବା ସେମାନେ ସନ୍ଦେହ ପ୍ରକାଶ କରିଛନ୍ତି। ଏପରିକି ଏହା ବିରୋଧରେ ମହାନଗର ନିଗମ କାର୍ଯ୍ୟାଳୟ ଘେରାଉ ପାଇଁ ଦୋକାନୀମାନେ ଏକାଠି ହେଉଥିବା ସୂଚନା ମିଳିଛି। ସେହିଭଳି କିଛି କର୍ପୋରେଟର ମଧ୍ୟ ଏହା ଉପରେ ପ୍ରଶ୍ନ ଉଠାଇଛନ୍ତି। ନିର୍ମାଣର ପ୍ରାୟ ଦେଢ଼ ବର୍ଷରୁ ଅଧିକ ସମୟ ପରେ ଦୋକାନ ଆବଣ୍ଟନ ହେବାକୁ ଯାଉଥିବା ବେଳେ ଏଥିରେ ସ୍ୱଚ୍ଛତା ପାଇଁ ସ୍ଥାନୀୟ ଅଞ୍ଚଳର ଉଠା ଦୋକାନୀମାନେ ଦାବି କରିଛନ୍ତି। ୨୦୨୩ରେ ପୂର୍ବ ସରକାରଙ୍କ ମୁଖ୍ୟମନ୍ତ୍ରୀ କର୍ମ ତତ୍ପରତା ଯୋଜନାରେ ଭେଣ୍ଡିଂ ଜୋନ୍ ଦୋକାନ ଘର ନିର୍ମାଣ ହୋଇଥିଲା। ନିର୍ମାଣର ଦେଢ଼ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ସେଗୁଡ଼ିକ ଆବଣ୍ଟନ ହୋଇନାହିଁ। ପ୍ରଥମରେ ଠିକାଦାରଙ୍କ ବିଲ୍ ପୈଠ ହୋଇନଥିବାରୁ ଭେଣ୍ଡିଂ ଜୋନ୍ ହସ୍ତାନ୍ତରରେ ବିଳମ୍ବ ହୋଇଥିଲା। ତାପରେ ଭେଣ୍ଡିଂ ଜୋନ୍ ହସ୍ତାନ୍ତର ହୋଇଥିଲା। ରାଜସ୍ୱ ବିଭାଗକୁ



ଅନୁମୋଦନ ପରେ ବର୍ତ୍ତମାନ ଆବଣ୍ଟନ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଭେଣ୍ଡିଂ ଜୋନ୍‌ରେ ରହିଛି ୧୪ଟି ଦୋକାନ। ଗତ ୧୧ ତାରିଖରୁ ଦୋକାନ ଘର ପାଇଁ ଆବେଦନ ଚାଲିଥିବା ବେଳେ ଏହା ୧୮ ତାରିଖରେ ଶେଷ ହୋଇଛି। ପ୍ରତ୍ୟେକ ଦୋକାନ ଘରର ଅପ୍‌ସେଟ୍ ମୂଲ୍ୟ ରହିଛି ୨ ଲକ୍ଷ ଟଙ୍କା। ୧୯ ତାରିଖରେ ଲଟେରୀ ମାଧ୍ୟମରେ ଦୋକାନ ଘର ଆବଣ୍ଟନ ହୋଇଛି। ତେବେ ଏହି ୧୪ଟି ଦୋକାନ ଘର ବଣ୍ଟନ ବ୍ୟବସ୍ଥାରେ ପ୍ରଥମ ଥର ପାଇଁ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ୧୦ଟି ଦୋକାନ ଘର ୪୧ ନମ୍ବର ୱାର୍ଡ଼ରେ ପଞ୍ଜିକୃତ ଉଠା ଦୋକାନକୁ ପ୍ରଦାନ କରିବାକୁ ନିଷ୍ପତି ହୋଇଥିବାବେଳେ ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ ପାଇଁ ଗୋଟିଏ ଲେଖାଏଁ ଏବଂ ସାଧାରଣବର୍ଗ ପାଇଁ ଆଉ ଗୋଟିଏ ଦୋକାନ ଘରକୁ ସଂରକ୍ଷିତ ରଖାଯାଇଛି। ତେବେ ଯେଉଁ ଦୋକାନ ଘରଗୁଡ଼ିକ ସଂରକ୍ଷିତ ନିୟମ ଅନୁଯାୟୀ ଆବଣ୍ଟନ କରାଯିବାକୁ ସ୍ଥିର ହୋଇଛି, ତାହା ନିର୍ଦ୍ଦିଷ୍ଟ କେତେକ ପ୍ରଭାବଶାଳୀଙ୍କ ଇଚ୍ଛାରେ ଆବଣ୍ଟନ ପାଇଁ ଯୋଜନା ଥିବା ନେଇ ସ୍ଥାନୀୟ ଦୋକାନୀ ଆଶଙ୍କା ପ୍ରକାଶ କରୁଛନ୍ତି। ସେହିଭଳି ଦୋକାନ ଘର ଆବେଦନ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତିମାନଙ୍କୁ ମହାନଗର ନିଗମରେ ଫର୍ମ ପ୍ରଦାନ କରାଯାଉନାହିଁ। ବିଭିନ୍ନ ଆଳରେ ବାରମ୍ବାର ସେମାନଙ୍କୁ ଫେରାଇ ଦିଆଯାଉଛି। ମହାନଗର ନିଗମର ଏଭଳି କାର୍ଯ୍ୟକଳାପ ବିରୋଧରେ ସ୍ଥାନୀୟ ଅଞ୍ଚଳର ଉଠା ଦୋକାନୀଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି। ଆଗାମୀ ଦିନରେ ଦୋକାନୀମାନେ ନିଗମ କାର୍ଯ୍ୟାଳୟରେ ପ୍ରତିବାଦ ପାଇଁ ସଜବାଜ ହେଉଛନ୍ତି। ଅପରପକ୍ଷେ ଅନ୍ୟପଟେ ଆବଣ୍ଟନ ହୋଇନଥିବା ଯୋଗୁ ଭେଣ୍ଡିଂଜୋନ୍ ବ୍ୟବହାରରେ ଲାଗୁନି। କ୍ୟାବିନ୍ ଗୁଡ଼ିକ ତାଲା ପଡ଼ି ନଷ୍ଟ ହେବାରେ ଲାଗିଛି। ଗୋଟିଏ ପଟେ ଜବରଦଖଲ ଉଚ୍ଛେଦ ନାଁରେ ଦୋକାନୀଙ୍କୁ ରାସ୍ତା କଡ଼ରୁ ହଟାଯାଉଛି। କିନ୍ତୁ ସେମାନଙ୍କୁ ଥଇଥାନକୁ ଗୁରୁତ୍ୱ ଦିଆଯାଇନାହିଁ। ଯେଉଁମାନଙ୍କୁ ଉଚ୍ଛେଦ କରାଯାଇଛି, ସେମାନଙ୍କୁ ଥଇଥାନ ଦିଗରେ ଗୁରୁତ୍ୱ ଦେବାକୁ ଦାବି ହୋଇଛି।

## କେନ୍ଦୁଝର ଜିଲ୍ଲାରେ ପଞ୍ଜିକୃତ ଚାଷୀଙ୍କ ଠାରୁ କିଣାଯିବ ୧୩ ଲକ୍ଷ ୧୩ ହଜାର କ୍ୱିଣ୍ଟାଲ ଧାନ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲାରେ ଖରିଫ ୨୦୨୫-୨୬ ବର୍ଷ ପାଇଁ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଂସଦ କେନ୍ଦୁଝର ଅନନ୍ତ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡ଼ାଃ ଫକୀର ମୋହନ ନାଏକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ପ୍ରକାଶ ଚନ୍ଦ୍ର ସୂତ୍ରଧର, ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି ସଂଜୀବ କୁମାର ବେହେରା ଉପସ୍ଥିତ ଥିଲେ। ଆସନ୍ତା ମାସ ଡିସେମ୍ବର ୨୬ ତାରିଖରୁ ପର୍ଯ୍ୟାୟକ୍ରମେ ୭୯୧୦୮ ପଞ୍ଜୀକୃତ ଚାଷୀମାନଙ୍କ ଠାରୁ ୯୫ ଗୋଟି ମଣ୍ଡି ଓ ୮୨ ଗୋଟି ପ୍ୟାକ୍ସ ତଥା ଲ୍ୟାମ୍ପସ ମାଧ୍ୟମରେ ପ୍ରଥମ ପର୍ଯ୍ୟାୟରେ ୧୩,୧୩,୦୦୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଜିଲ୍ଲାପାଳ ଚାଷୀମାନଙ୍କ ସୁବିଧା ପାଇଁ ମଣ୍ଡିରେ ପର୍ଯ୍ୟାପ୍ତ ସୁବିଧା, ଶୀଘ୍ର ଧାନ ଉଠିବା ପାଇଁ ନିଆଯାଉଥିବା ପଦକ୍ଷେପ ଓ ଚୋରା ଚାଲାଣ ହେଉଥିବା ଧାନ ଗାଡ଼ିକୁ ଜବତ କରିବା ସହ ଗତଥର ମଣ୍ଡିରେ ଉପୁଜିଥିବା ବିଭିନ୍ନ ସମସ୍ୟାର ପୁନରାବୃତ୍ତି ନଘଟିବା, ଚାଷୀମାନେ ଯେପରି କଟଣି ଛଟଣୀର ଶିକାର ନହେବେ ସେଥିପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସାଂସଦ ଶ୍ରୀ ନାୟକ ଅଧିକ ଆଦର୍ଶ ମଣ୍ଡି ଖୋଲିବା ପାଇଁ ପ୍ରସ୍ତାବ ଦେଇଥିଲେ। ବିଧାୟକ ବୃନ୍ଦ ଝୋଟ ବସ୍ତାର ପର୍ଯ୍ୟାପ୍ତ ଯୋଗାଣ, ମଣ୍ଡିରେ ବିଜୁଳି, ଭିତ୍ତିଭୂମି, ଆଶ୍ରୟ ସ୍ଥଳ, ଟୋକନ୍ ସମୟ ସୀମା, ସମସ୍ତ ବ୍ଲକରେ ଓଜନ ମେସିନ୍‌ର ଉପଲବ୍ଧି ଉପରେ ଆଲୋଚନା କରିବା ସହ ଚାଷୀ ପ୍ରତିନିଧି, ମିଲର ତଥା ପ୍ରଶାସନିକ ସହଯୋଗରେ ଚଳିତ ଖରିଫ ଧାନ ସଂଗ୍ରହକୁ ବିନା କୌଣସି ଅସୁବିଧାରେ ସମ୍ପନ୍ନ କରିବାକୁ ଆହ୍ୱାନ୍ ଦେଇଥିଲେ। ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ଏଫ୍.ଏ.କ୍ୟୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରତି କୁଇଣ୍ଟାଲ ପିଛା ୨୩୬୯/- ଟଙ୍କା ଏବଂ ଗ୍ରେଡ-ଏ ମୂଲ୍ୟ ପ୍ରତି କୁଇଣ୍ଟାଲ ପିଛା ୨୩୮୯/- ଟଙ୍କା ରଖାଯାଇଛି। ପ୍ରତ୍ୟେକ ଧାନ ମଣ୍ଡିରେ ଗୁଣାତ୍ମକ ମାନ ଯାଞ୍ଚ କରିବା ପାଇଁ ବ୍ୟବସ୍ଥା କରାଯିବ। ଏଥିନିମନ୍ତେ ରେଜିଷ୍ଟର ରଖାଯାଇ ମାନ ଯାଞ୍ଚର ତଥ୍ୟ ଓ କୃଷକ ମାନଙ୍କ ନାମ ଉଲ୍ଲେଖ ରହିବ। ଏଥିନିମନ୍ତେ ପ୍ରାଥମିକ କୃଷି ସମବାୟ ସମିତି ଓ ନିୟନ୍ତ୍ରଣ ବଜାର କମିଟି ସମ୍ପାଦକ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ। ସଂଗୃହୀତ ଧାନର ମାନ ନିରୀକ୍ଷଣ କରିବା ପାଇଁ ଯନ୍ତର ବ୍ୟବହାର କରାଯିବ ଏବଂ ସମସ୍ତ ମଣ୍ଡି ମାନଙ୍କରେ ଡିଜିଟାଲ୍ ଆଦ୍ରତା ମାପ ଯନ୍ତ୍ର ଲଗାଯିବ ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୂଚନା ଦେଇଥିଲେ। ଅସାଧୁ ବ୍ୟକ୍ତି ଯେପରି ଧାନ ସଂଗ୍ରହ ପ୍ରକ୍ରିୟାରେ ହସ୍ତକ୍ଷେପ ନକରନ୍ତି ଏଥିପ୍ରତି ଧ୍ୟାନ ଦେବାକୁ ବିଧାୟକମାନେ ପରାମର୍ଶ ଦେଇଥିଲେ। ଧାନ ସଂଗ୍ରହ କାର୍ଯ୍ୟକୁ ସଫଳ କରାଇବା ପାଇଁ ପ୍ରତିଟି ଆର୍‌ଏମ୍‌ସିର ଅଧ୍ୟକ୍ଷ ମାନଙ୍କୁ ଗାଆଁ ଗାଆଁ ବୁଲି ଚାଷୀମାନଙ୍କ ସହିତ ଉତ୍ତମ ଯୋଗାଯୋଗ ରଖିବା ସହ ଧାନର ଏଫଏକ୍ୟୁ ମାନ ବିଷୟରେ ଚାଷୀଙ୍କୁ ପୂର୍ବରୁ ସଚେତନ କରିବା, ମଣ୍ଡିକୁ ଧାନ ଆସିବାର ଯଥା ସମୟ ପୂର୍ବରୁ ଚାଷୀମାନଙ୍କୁ ଟୋକେନ୍ ଦେବା ବ୍ୟବସ୍ଥା କରିବା, କଳାବଜାରୀ ଭଳି ବେଆଇନ୍ କାର୍ଯ୍ୟଗୁଡ଼ିକୁ ରୋକିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଥିଲା ଓ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପ-ଜିଲ୍ଲାପାଳ କେନ୍ଦୁଝର ଉମାଶଙ୍କର ଦଳାଇ, ଉପଜିଲ୍ଲାପାଳ ଚମ୍ପୁଆ ଉମାକାନ୍ତ ପରିଡ଼ା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପୃଥ୍ୱିରାଜ ମଣ୍ଡଳ, ଡ଼ିଆର୍‌ସିଏସ୍ ପର୍ଶୁରାମ ପାତ୍ର, କୃଷକ ପ୍ରତିନିଧି ଓ ଜିଲ୍ଲା ଯୋଗାଣ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।



## ପୁସ୍ତକ ମେଳା ଉଚ୍ଚକୋଟିର ହେବା ନିମନ୍ତେ ପ୍ରଶାସନ ସମସ୍ତ ସହଯୋଗ କରିବ:ଜିଲ୍ଲାପାଳ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ସାଂସ୍କୃତିକ ପରିଷଦର ସାଧାରଣ ପରିଷଦ ବୈଠକ ପରିଷଦର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ଜଗତସିଂହପୁର ଦିବଂଗତ ଆଇନଜୀବୀ ସଂଗ୍ରାମ କେଶରୀ ମହାନ୍ତି, ଜଗତସିଂହପୁରର ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ମଲ୍ଲିକ୍, ପରିଷଦ ସଦସ୍ୟା ଅଧ୍ୟାପିକା ସବିତା ମହାନ୍ତିଙ୍କ ସ୍ମୃତିରେ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ୨୦୨୫ ପୁସ୍ତକ ମେଳାର ମୁଖପାତ୍ର 'ସ୍ମୃତିପତ୍ର' ପରିଷଦର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଜେ. ସୋନାଲ ଓ ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରେଇ, ମୁଖ୍ୟ ସମ୍ପାଦକ ମହେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଉକ୍ତ ବୈଠକରେ ପରିଷଦର ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଦାସ ବାର୍ଷିକ ବିବରଣୀ ଉପସ୍ଥାପନା କରିବା ସହ ଗତ ପୁସ୍ତକ ମେଳାର ଆୟ ବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଜିଲ୍ଲାପାଳ ତଥା ପରିଷଦର ଅଧ୍ୟକ୍ଷ ଜେ. ସୋନାଲ ଗତ ପୁସ୍ତକ ମେଳାର ସଫଳତା ପାଇଁ ପରିଷଦର ସଦସ୍ୟ ସଦସ୍ୟା ମାନଙ୍କର ଆନ୍ତରିକ ଉଦ୍ୟମକୁ ପ୍ରଶଂସା କରିବା ସହ ଚଳିତ ପୁସ୍ତକ ମେଳାକୁ ଉଚ୍ଚକୋଟୀର କରିବାକୁ ଜିଲ୍ଲାପ୍ରଶାସନ ସମସ୍ତ ପ୍ରକାର ସହାୟତା ଦେବାକୁ ପ୍ରସ୍ତୁତ ବୋଲି ମତବ୍ୟକ୍ତ କରିଥିଲେ। ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରେଇ ସୋସିଆଲ୍ ମିଡିଆ ଯୁଗରେ ପୁସ୍ତକ ମେଳାର ଆୟୋଜନ ଯୁବ ପିଢ଼ିକୁ ପ୍ରେରଣା ଦେବ ବୋଲି ମତବ୍ୟକ୍ତ କରିବା ସହ ପୁସ୍ତକ ମେଳା ପ୍ରତି ତାଙ୍କର ସମସ୍ତ ପ୍ରକାର ସହାୟତା ଦେବାକୁ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ ଆଗାମୀ ପୁସ୍ତକ ମେଳାକୁ ସରଶ ସୁନ୍ଦର କରିବାକୁ ସମସ୍ତ ସଦସ୍ୟ ସଦସ୍ୟା ମାନଙ୍କର ସହଯୋଗ କାମନା କରିଥିଲେ। ଉକ୍ତ ବୈଠକରେ ପରିଷଦର ସଦସ୍ୟ ସଦସ୍ୟା ମାନେ ଉପସ୍ଥିତ ରହି ନିଜ ନିଜର ମତାମତ ପ୍ରଦାନ କରିଥିଲେ। ପରିଷଦର ସଦସ୍ୟ ସାମ୍ବାଦିକ ମନୋଜ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପାଧ୍ୟକ୍ଷ ବିଜୟ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ପରିଷଦର ଉପଦେଷ୍ଟା ନଟବର ବାରିକ, ପ୍ରଶାନ୍ତ କୁମାର ଶତପଥୀ, ଭଗବାନ ଦାଶ, ଉପାଧ୍ୟକ୍ଷ ଗଣେଶ୍ୱର ମାଣିଆ, ଯୁଗ୍ମ ସମ୍ପାଦକ ସୁଧୀର କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ନରେଶ ଦାସ, ସଦସ୍ୟ ଡ଼ ଜ୍ୟୋତିର୍ମୟୀ ମହାନ୍ତି, ଦେବୀ ପ୍ରସାଦ ଚୌଧୁରୀ, ନାଟ୍ୟକାର କୈଳାସ ମଲ୍ଲିକ୍, ପ୍ରଭାତ ଦାଶ, ଅମ୍ବିକା ପ୍ରସନ୍ନ ମହାନ୍ତି, ମାନସ କୁମାର କାନୁନ୍‌ଗୋ, ପ୍ରଦିପ୍ତ କିଶୋର ଚୌଧୁରୀ, ମାନସ ରଥ, ପ୍ରଜ୍ଞା ପାରମିତା ଚୌଧୁରୀ, ସୁଷମା ପ୍ରଧାନ, ସତ୍ୟବ୍ରତ ବିଶ୍ୱାଳ, ମନୋଜ କୁମାର ମହାପାତ୍ର, ସୌମ୍ୟରଞ୍ଜନ ବିଶ୍ୱାଳ, ନିକୁଞ୍ଜ କିଶୋର ବେହେରା, କୃଷ୍ଣଚନ୍ଦ୍ର ପ୍ରଧାନ, ବିଶ୍ୱନାଥ ପଣ୍ଡା, ଲୋକନାଥ ଦାସ, ଅତନୁ କୁମାର ସ୍ୱାଇଁ, ବିଜୟଲକ୍ଷ୍ମୀ ମହାପାତ୍ର, ନିବେଦିତା ମହାନ୍ତି, ଶ୍ରଦ୍ଧାମୟୀ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିବା ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




## ମୃତ ପ୍ରଦୀପ କୁମାର ବିହାରିଙ୍କ ପରିବାରକୁ ମୋଟର ଚାଳକ ସଂଘର ଆର୍ଥିକ ସହାୟତା



**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ମୋଟର ଚାଳକ ସଂଘ ନବରଙ୍ଗପୁର ଜିଲ୍ଲା ଉମରକୋଟ ଶାଖା ସଂଘର ସଦସ୍ୟ ମୃତ ପ୍ରଦୀପ କୁମାର ବିହାରିଙ୍କ ପରିବାରକୁ ସଂଘ ତରଫରୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ପ୍ରଦୀପ ଜଣେ ଭଦ୍ର ଓ ମେଳାପି ସ୍ୱଭାବର ଥିଲେ। ଓଡ଼ିଶା ମୋଟର ଚାଳକ ସଂଘ ରାଜ୍ୟ କଲ୍ୟାଣ ପାଣ୍ଠିରୁ କୋଡ଼ିଏ ହଜାର ଟଙ୍କା ଓ ସଦସ୍ୟଙ୍କ ଦ୍ୱାରା ସଂଗୃହୀତ ଦଶ ହଜାର ଟଙ୍କା ସମୁଦାୟ ତିରିଶି ହଜାର ଟଙ୍କା ପ୍ରଦୀପଙ୍କ ଧର୍ମପତ୍ନୀ ଗାୟତ୍ରୀ ବିହାରିଙ୍କୁ ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ଏହି ସମୟରେ ଓଡ଼ିଶା ମୋଟର ଚାଳକ ସଂଘ ରାଜ୍ୟ ପରିଚାଳନା କମିଟି ସଦସ୍ୟ ବର୍ତ୍ତ ହରିଜନ, ନବରଙ୍ଗପୁର ଜିଲ୍ଲା ସଭାପତି, ଉମରକୋଟ ଶାଖା ସଭାପତି ଅଶୋକ ବେବର୍ତ୍ତା, ସମ୍ପାଦକ ବିଦ୍ୟାଧର ଗୌଡ, ସନ୍ତୋଷ ମିଶ୍ର, ସହ୍ୱାଜ ଆଲବମ୍, ଚନ୍ଦନ ପଟ୍ଟନାୟକ ଶାଖାର ସମସ୍ତ ଚାଳକ ଓ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ଏହି ଚେକ୍ ପ୍ରଦାନ କରାଯାଇଥିଲା।

## କେନ୍ଦ୍ରାପଡ଼ାରେ ୧,୨୫,୭୧୯ ଚାଷୀପାଇଲେ ପିଏମ୍ କିଷାନ୍ ସମ୍ମାନନିଧି ଅର୍ଥ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଚାଷୀଙ୍କୁ ପିଏମ୍ କିସାନ୍ ସମ୍ମାନ ନିଧି ଯୋଜନାରେ ୨୧ତମ କିସ୍ତି ଅର୍ଥରାଶି ପ୍ରଦାନ କରାଯାଇଛି। ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଡିବିଟି ଜରିଆରେ ଜିଲ୍ଲାର ମୋଟ୍ ୧ ଲକ୍ଷ ୨୫ ହଜାର ୭୧୯ ଜଣ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଦୁଇ ହଜାର ଟଙ୍କା ଲେଖାଏଁ ମୋଟ୍ ୨୫ କୋଟି ୧୪ ଲକ୍ଷ ୩୮ ହଜାର ଟଙ୍କା ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ଏ ଉପଲକ୍ଷେ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ପରିସରରେ ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ରାଶି ଦ୍ୱାରା କୃଷକ ଭାଇ ଭଉଣୀମାନେ ଆତ୍ମ ନିର୍ଭରଶୀଳ ହୋଇ ସମ୍ମାନର ସହ ଜୀବନ ଯାପନ କରନ୍ତୁ ବୋଲି କୃଷି ଅଧିକାରୀ ଶ୍ରୀ ମଲ୍ଲିକ ଉପସ୍ଥିତ ଥିବା ଶତାଧିକ କୃଷକ ଭାଇଭଉଣୀ ମାନଙ୍କୁ ପ୍ରକାଶ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ଅରବିନ୍ଦ ଦାସ, ଏଡିଏଚ୍ ଦେବଦାସ ଦତ୍ତ, ମୃତ୍ତିକା ସଂରକ୍ଷଣର ସହକାରୀ ନିର୍ଦ୍ଦେଶକ ନିର୍ମଳ ଜେନା, ପ୍ରାଣୀ କଲ୍ୟାଣ ଅଧିକାରୀ ଡା. ପ୍ରଭଞ୍ଜନ କବିଙ୍କ ସମେତ ସମସ୍ତ କୃଷି ବୈଜ୍ଞାନିକ ମାନେ ଉପସ୍ଥିତ ଥିଲେ।

## ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା:ଯୁବକ ଗିରଫ

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ପାଟଣାଗଡ ଉପଖଣ୍ଡ ଖପ୍ରାଖୋଲ ଥାନା ମାଟିଆଭଟା ପଞ୍ଚାୟତ ସାଲେପାଲି ଗାଁର ଜନୈକ ଯୁବତୀକୁ ପ୍ରଥମେ ପ୍ରେମ କରି ବିବାହର ପ୍ରତିଶୃତି ଦେଇ, ପରେ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ ହେଲାପରେ ବିବାହ କରିବାକୁ ମନା କରିବା ସହିତ ଗର୍ଭସ୍ଥ ଶିଶୁକୁ ନଷ୍ଟ କରାଇଥିବା ଖପ୍ରାଖୋଲ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଖପ୍ରାଖୋଲ ପୋଲିସ ସାଲେପାଲି ଗାଁର ସନାତନ ବାଗଙ୍କ ପୁଅ ସଂଗ୍ରାମ ବାଗ (୨୩)କୁ ଗୁରୁବାର ଗିରଫ କରିଥିବା ପୋଲିସ ସୂଚନା ଦେଇଛି। ଅଭିଯୋଗ ଅନୁସାରେ ଗାଁର ରେଖା ବରିହା ତାଙ୍କ ଝିଅ ଧରିତ୍ରୀ ବାରିହା (୨୧)କୁ ଗାଁର ସଂଗ୍ରାମ ବାଗ ବିବାହର ପ୍ରତିଶୃତି ଦେଇ ପ୍ରେମ କରିବା ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ଝିଅ ଗର୍ଭବତୀ ହେଲାପରେ ତାକୁ ବିବାହ କରିବାକୁ ମନା କରିବା ସହିତ ଛୋଟ ଜାତିର କହି ଗାଳି ଗୁଲଜ କରି ଗର୍ଭସ୍ଥ ଶିଶୁକୁ ନଷ୍ଟ କରିବାକୁ ଔଷଧ ଦେଇଥିଲା। ଔଷଧ ଖାଇ ପୀଡ଼ିତା ଗୁରୁତର ହେବା ସହିତ ପାଟଣାଗଡ଼ ଡାକ୍ତରଖାନାରେ ଏକ ମୃତ ଶିଶୁକନ୍ୟା ଜନ୍ମ ଦେବା ସହିତ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଅଭିଯୋଗ କରିଛନ୍ତି। ଏନେଇ ଖପ୍ରାଖୋଲ ଥାନା ପୋଲିସ କେସ୍ ନମ୍ବର ୨୬୮/୨୫ରେ ବିଭିନ୍ନ ଦଫା ସହିତ ଅନୁସୂଚିତ ଜାତି ଜନଜାତି ନିର୍ଯାତନା ନିରୋଧ ଆଇନ୍‌ରେ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଦାୟିତ୍ୱ ଇନ୍ସପେକ୍ଟର ଟି.ପ୍ରଧାନ ନେଇଥିବା ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି।

## ଉତ୍କଳ ଆଲୁମିନା ଓ ଏମ୍ଏସ୍ଏମ୍ଇ ସହଭାଗିତାରେ ବିକ୍ରେତା ବିକାଶ କର୍ମଶାଳା

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ଓ ଓଡ଼ିଶା ସରକାରଙ୍କ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ବିଭାଗ ସଭାଗିତରେ ସ୍ଥାନୀୟ ନୂଆପଡ଼ା ଟାଉନ୍‌ସିପ୍ କ୍ଲବ ହାଉସ୍ ଠାରେ ଆର୍‌ଏଏମ୍‌ପି କାର୍ଯ୍ୟକ୍ରମ ଅଧୀନରେ ଏକ ବିକ୍ରେତା ବିକାଶ କର୍ମଶାଳା ଆୟୋଜିତ ହୋଇଯାଇଛି। ସ୍ଥାନୀୟ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ଉତ୍କଳ ଆଲୁମିନା ସହିତ ଯୋଡ଼ି ସେମାନଙ୍କୁ ସାମଗ୍ରୀ ଯୋଗାଣ ସୁଯୋଗ, ଗୁଣବତ୍ତା ମାନଦଣ୍ଡ ଓ ବିକ୍ରେତା ପଞ୍ଜିକରଣ ପ୍ରକ୍ରିୟା ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ଯୋଗଦେଇ ନିଜର ପ୍ରେରଣାଦାୟକ ଅଭିଭାଷଣରେ ଶିଳ୍ପ ବିକାଶରେ କ୍ଷୁଦ୍ର ଉଦ୍ୟୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରି ସ୍ଥାନୀୟ ଉଦ୍ୟୋଗୀମାନଙ୍କୁ ଉତ୍କଳ ଆଲୁମିନା ଦ୍ୱାରା ପ୍ରଦତ୍ତ ବୃହତ ବ୍ୟବସାୟ ସୁଯୋଗ ଗ୍ରହଣ କରିବାକୁ ଆହ୍ୱାନ୍ ଦେଇଥିଲେ। ୟୁନିଟ୍ ମୁଖ୍ୟ ତଥା ଅଧ୍ୟକ୍ଷ ରବି ନାରାୟଣ ମିଶ୍ର, ସ୍ଥାନୀୟ ବିକ୍ରେତା ବିକାଶ ଓ ଆଞ୍ଚଳିକ ଅର୍ଥନୈତିକ ସଶକ୍ତିକରଣ ପାଇଁ ଉତ୍କଳ ଆଲୁମିନାର ପ୍ରତ୍ୟେକ୍ଷ ଭୂମିକା ସମ୍ପର୍କରେ ଉଦବୋଧନ ଦେଇଥିଲେ। ସେ କହିଥିଲେ ଯେ, ବୃହତ୍ ଶିଳ୍ପକୁ କ୍ଷୁଦ୍ର ଉତ୍ପାଦ ଶିଳ୍ପଗୁଡ଼ିକ କଞ୍ଚାମାଲ୍ ଯୋଗାଇ ଆର୍ଥିକ ଭାବେ ଲାଭବାନ ହେବା ସହ ସ୍ଥାନୀୟ ଅଞ୍ଚଳରେ ଅଧିକ ରୋଜଗାର ସୃଷ୍ଟି କରିପାରିବେ। ଏହାଦ୍ୱାରା କେନ୍ଦ୍ର ସରକାରଙ୍କ ମେକ୍ ଇନ୍ ଇଣ୍ଡିଆ ଯୋଜନା ସଫଳ ହେବା ସହିତ ସାମାଜିକ ତଥା ଅର୍ଥନୈତିକ ଉନ୍ନତୀକରଣ ଘଟିବ। ବିଗତ ଦିନରେ ଦେଶରେ ଉନ୍ନତ ଗୁଣବତ୍ତା ଯାନ୍ତ୍ରିକ ଉତ୍ପାଦ ତିଆରି କରିବା ଏକ ଆହ୍ୱାନ୍ ହୋଇଥିଲେ ହେଁ ସମ୍ପ୍ରତି ବର୍ତ୍ତମାନ ଭାରତରେ ମଧ୍ୟ ବିଶ୍ୱସ୍ତରୀୟ ଯାନ୍ତ୍ରିକ ଉପକରଣ ନିର୍ମାଣ ହୋଇପାରିଛି। ତେଣୁ ଉନ୍ନତ ଗୁଣବତ୍ତା ଏବଂ ଅବଧି ମଧ୍ୟରେ ଉତ୍ପାଦନ କାର୍ଯ୍ୟ ଶେଷ ହେବା ଦ୍ୱାରା ଏମ୍ଏସ୍ଏମ୍ଇ ଶିଳ୍ପଗୁଡ଼ିକ ପାଇଁ ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି। ସେହିପରି କାର୍ଯ୍ୟକ୍ରମରେ କମର୍ସିଆଲ ବିଭାଗ ମୁଖ୍ୟ ଶଶିପ୍ରକାଶ ଗୁପ୍ତା ଉତ୍କଳ ଆଲୁମିନାର ବାର୍ଷିକ କ୍ରୟ ଆବଶ୍ୟକତା, କଞ୍ଚାମାଲ, ସହାୟକ ସାମଗ୍ରୀ ଓ ଉପଯୋଗୀ ସାମଗ୍ରୀ କ୍ରୟର ସମ୍ପୂର୍ଣ୍ଣ ବିବରଣୀ ଓ ପରିମାଣ ତଥା ଗୁଣବତ୍ତା ମାନଦଣ୍ଡ ଆଇଏସ୍ ଏବଂ ବିଆଇଏସ୍ ପ୍ରମାଣପତ୍ର, ପରୀକ୍ଷଣ ପ୍ରକ୍ରିୟା ଓ ଅନୁମୋଦିତ ବିକ୍ରେତା ହେବା ପାଇଁ ଆବଶ୍ୟକ ଦସ୍ତାବିଜ୍। ଏବଂ ଉତ୍କଳ ଆଲୁମିନା ବିକ୍ରେତା ପୋର୍ଟାଲରେ ପଞ୍ଜୀକରଣ, ଆବଶ୍ୟକ ଦସ୍ତାବିଜ୍, ପୂର୍ବ ଯୋଗ୍ୟତା ମାନଦଣ୍ଡ ଓ ମୂଲ୍ୟାୟନ ପ୍ରକ୍ରିୟା ସମ୍ପର୍କରେ ଶ୍ରୀ ଗୁପ୍ତା ପ୍ରକାଶ କରିଥିଲେ। ଅନୁରୂପ ସିଏସ୍ଆର୍ ମୁଖ୍ୟ ଲୋପାମୁଦ୍ରା ମିଶ୍ର ସାମାଜିକ ଦାୟିତ୍ୱ, ସମୁଦାୟ ବିକାଶ କାର୍ଯ୍ୟକ୍ରମ ଓ ସ୍ଥାନୀୟ ଲୋକଙ୍କ ଉପରେ ଏହାର ପ୍ରଭାବ ବିଷୟରେ ସୂଚନା ଦେଇଥିବା। ଏଥିସହିତ ସିଏସ୍ଆର୍ ଅନ୍ତର୍ଗତ କାର୍ଯ୍ୟକାରୀ ହେଉଥିବା ଉଦ୍ୟମୀ ପ୍ରକଳ୍ପ ଦ୍ୱାରା କିଭଳି ଭାବେ କ୍ଷୁଦ୍ର ଓ ମଧ୍ୟମ ଧରଣର ଉଦ୍ୟମିମାନେ କିଭଳି ସଫଳ ହୋଇଛନ୍ତି ସେ ନେଇ ଶ୍ରୀମତୀ ମିଶ୍ର ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଫାଇନାନ୍ସ ବିଭାଗ ମୁଖ୍ୟ ମ୍ରିନମୟୀ ମଣ୍ଡଳ, ମାନବ ସମ୍ବଳ ବିଭାଗ ପ୍ରମୁଖ ନାରାୟଣ ମିତ୍ରା ଏମ୍ଏସ୍ଏମ୍ଇ ବିଭାଗର ଭୂମିକା ଓ ଏହାର ବିକାଶ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲ୍ଲାର ବିଭିନ୍ନ ଉତ୍ପାଦନ ଓ ସେବା କ୍ଷେତ୍ରର ଉଦ୍ୟୋଗୀମାନେ ସକ୍ରିୟ ଭାବରେ ପ୍ରଶ୍ନୋତ୍ତର ଅଧିବେଶନରେ ଅଂଶଗ୍ରହଣ କରି କାରିଗରୀ ବିଶେଷତା, ପ୍ରମାଣପତ୍ର ପ୍ରକ୍ରିୟା, ଦେୟ ସର୍ତ୍ତ ଓ ସହଭାଗିତା ସୁଯୋଗ ବିଷୟରେ ସ୍ପଷ୍ଟୀକରଣ ମାଗିଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ଉଦ୍ୟୋଗୀ ଓ ଉତ୍କଳ ଆଲୁମିନା କ୍ରୟ ଦଳ ଓ ସରକାରୀ ଅଧିକାରୀଙ୍କ ମଧ୍ୟରେ ମୂଲ୍ୟବାନ ନେଟ୍‌ୱର୍କ ସୁଯୋଗ ସୃଷ୍ଟି କରିଥିଲା। ଚିତ୍ତରଞ୍ଜନ ମଲ୍ଲିକ୍, ଜେନେରାଲ ମ୍ୟାନେଜର, ଜିଲ୍ଲା ଶିଳ୍ପ କେନ୍ଦ୍ର, ରାୟଗଡ଼ା, ସ୍ୱାଗତ ଅଭିଭାଷଣରେ ସ୍ଥାନୀୟ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକର ଉତ୍କଳ ଆଲୁମିନା ଯୋଗାଣ ଶୃଙ୍ଖଳାରେ ଅଂଶଗ୍ରହଣର ଅପାର ସମ୍ଭାବନା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଲୋକ ସମ୍ପର୍କ ବିଭାଗର ସାଧାରଣ ପରିଚାଳକ ପିତାମ୍ବର ବେହେରା ଉପସ୍ଥିତ ଅତିଥିଙ୍କୁ ଧନ୍ୟବାଦ୍ ପ୍ରଦାନ କରିଥିଲେ। ଏହି କର୍ମଶାଳା ଉତ୍କଳ ଆଲୁମିନା ଓ ଜିଲ୍ଲା ଶିଳ୍ପ କେନ୍ଦ୍ର ସମନ୍ୱିତ ପ୍ରୟାସରେ ସଫଳ ହୋଇଛି। ଉକ୍ତ କାର୍ଯ୍ୟକ୍ରମ ଦ୍ୱାରା ଅଂଶଗ୍ରହଣ କାରୀମାନେ ଉତ୍କଳ ଆଲୁମିନା କ୍ରୟ ଦଳ ସହିତ ଆଲୋଚନା କରି ନିର୍ଦ୍ଦିଷ୍ଟ ସହଯୋଗ ସମ୍ଭାବନା ଅନୁସନ୍ଧାନ ପାଇଁ ସୁଯୋଗ ପାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦିଗନ୍ତ ମହାନ୍ତି, ରୁପେନ୍ ପଟ୍ଟନାୟକ, ରୋହିତ ସାଗରଙ୍କ ସମେତ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିବାବେଳେ ଏହି କାର୍ଯ୍ୟକ୍ରମକୁ ଅଙ୍କିତ ଆଦିତ୍ୟ ଭଟ୍ଟ ପରିଚାଳନା କରିଥିଲେ।






## ଇମ୍ଫା ପକ୍ଷରୁ ୩୦୯ ୟୁନିଟ୍ ରକ୍ତ ସଂଗ୍ରହ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଇମ୍ଫା ଶିଳ୍ପଗୋଷ୍ଠୀର ୬୪ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସ୍ଥାନୀୟ ଇମ୍ଫା କାରଖାନା ତରଫରୁ ଏକ ମେଗା ରକ୍ତଦାନ ଶିବିର ଅନନୁଷ୍ଠିତ ହୋଇଯାଇଛି। ଇମ୍ଫା ଷ୍ଟାଫ୍ କ୍ଲବ୍ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୋଟ୍ ୩୦୯ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। କଟକ ରେଡ଼କ୍ରସ୍ ରକ୍ତ ଭଣ୍ଡାରର ଡାକ୍ତର ଓ କର୍ମକର୍ତ୍ତାମାନେ ରକ୍ତ ସଂଗ୍ରହ କରିଥିଲେ। ଇମ୍ଫାର ବରିଷ୍ଠ ଉପସଭାପତି ବିନୟ ଅଗ୍ରୱାଲ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସାରାଦିନ ବ୍ୟାପି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଇମ୍ଫାର ବହୁ ସଂଖ୍ୟକ କର୍ମଚାରୀ, ସ୍ଥାନୀୟ ଯୁବଗୋଷ୍ଠୀ ଓ ଆଗ୍ରହୀ ବ୍ୟକ୍ତି ବିଶେଷ ସ୍ୱେଚ୍ଛାରେ ରକ୍ତଦାନ କରିଥିଲେ। ଇମ୍ଫାର ଅଧିକାରୀ ଲଲାଟ କେଶରୀ ମହାପାତ୍ର, ବବିତ୍ ନନ୍ଦ, ଦେବାଶୀଷ ତ୍ରିପାଠୀ, ନିରଞ୍ଜନ ସାହୁ, ମାନସ ରଞ୍ଜନ ପ୍ରଧାନ, ଅଭିଷେକ ଘୋଷ, ନିରଞ୍ଜନ ସାହୁ, ଉମେଶ ପଟ୍ଟନାୟକ, ୟୁଏମ୍ଏସ୍ଏଲ୍‌ର ବରିଷ୍ଠ ଅଧିକାରୀ ଭାଗବତ ସାହୁ ପ୍ରମୁଖଙ୍କ ସହିତ ବହୁ ପଦାଧିକାରୀ ଓ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ଲୋକ ସମ୍ପର୍କ ମ୍ୟାନେଜର ମାନସ କୁମାର ବସନ୍ତିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ଓ କାଉନ୍‌ସିଲର ସୁବ୍ରତ ସାମଲ ଏଥିରେ ଅଂଶ ଗ୍ରହଣ କରି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ପରିବେଶ ସୁରକ୍ଷା କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଦେବା ଲକ୍ଷରେ ଇମ୍ଫା ତରଫରୁ ସମସ୍ତ ରକ୍ତଦାତା ଓ ଅତିଥି ମାନଙ୍କୁ ଚାରାବୃକ୍ଷ ବିତରଣ କରାଯାଇଥିଲା।

# ପ୍ରଥମ ଦିନର ଖେଳ ଶେଷ, ଦକ୍ଷିଣ ଆଫ୍ରିକା ୨୪୭/୬

**ଗୁଆହାଟୀ :**

ଗୁଆହାଟୀ ଟେଷ୍ଟର ପ୍ରଥମ ଦିନର ଖେଳ ଶେଷ ହୋଇଛି । ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଦକ୍ଷିଣ ଆଫ୍ରିକା ୬ ୱିକେଟ ହରାଇ ୨୪୭ ରନ କରିଛି । ଶନିବାର ଦକ୍ଷିଣ ଆଫ୍ରିକା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଦଳ ପକ୍ଷରୁ ଆଇଡେନ ମାର୍କରାମ ଓ ରିୟାନ ରିକଲଟନ ଏକ ଭଲ ଆରମ୍ଭ କରିଥିଲେ । ମାର୍କରାମ ୩୮ ରନ୍ ଓ ରିକଲଟନ ୩୫ ରନ କରିଥିଲେ । ସେହିପରି ଟ୍ରିଷ୍ଟାନ ଷ୍ଟବ୍ସ ୪୯ ରନ୍ ଓ ଟେମ୍ବା ବାଭୁମା ୪୧ ରନ୍ କରିଥିଲେ । ଟୋନି ଡେ ଜୋରଜି ୨୮ ରନ ଓ ସେନୁରାମ ମୁଥୁସାମି ୨୫ ରନ୍ କରିଥିଲେ । ଭାରତ ପକ୍ଷରୁ କୁଳଦୀପ ଯାଦବ ୩ଟି ୱିକେଟ ନେଇଥିବାବେଳେ ଯସପ୍ରିତ ବୁମରା, ମହମ୍ମଦ ସିରାଜ ଓ ରବୀନ୍ଦ୍ର ଜାଦେଜା ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। କୋଲକାତାର ଇଡେନ ଗାର୍ଡେନ୍ସଠାରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ଭାରତକୁ ୩୦ ରନ୍‌ରେ ପରାସ୍ତ କରିଥିଲା ।




# ଟେଷ୍ଟ କ୍ରିକେଟ୍‌ରେ କୃତିତ୍ୱ ହାସଲ କଲେ ଦୁଇ ବୋଲର

**ନୂଆଦିଲ୍ଲୀ**

ଆଶେସ ସିରିଜ ସବୁଠାରୁ ବଡ଼ ଟେଷ୍ଟ କ୍ରିକେଟ ସିରିଜ ମଧ୍ୟରୁ ଗୋଟିଏ। ଏଥର ଏହା ଅଷ୍ଟ୍ରେଲିଆରେ ଖେଳାଯାଉଛି । ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ମଧ୍ୟରେ ସିରିଜର ପ୍ରଥମ ମ୍ୟାଚ ପର୍ଥରେ ଖେଳାଯାଉଛି । ଏପର୍ଯ୍ୟନ୍ତ ବୋଲରମାନେ ଏହି ମ୍ୟାଚ ଉପରେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି। ଏହି ମ୍ୟାଚର ଦ୍ୱିତୀୟ ଦିନରେ, ୧୪୮ ବର୍ଷର ଟେଷ୍ଟ କ୍ରିକେଟ ଇତିହାସରେ ପୂର୍ବରୁ କେବେ ଦେଖାଯାଇ ନ ଥିବା ଏକ କୃତିତ୍ୱ ଅଷ୍ଟ୍ରେଲିୟ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଏବଂ ଇଂଲିଶ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କ ଦ୍ୱାରା ହାସଲ କରାଯାଇଛି।

ଏହି ମ୍ୟାଚର ପ୍ରାରମ୍ଭିକ ଖେଳାଳିମାନେ ତିନୋଟି ଇନିଂସରେ ଖରାପ ଆରମ୍ଭ କରିଥିଲେ। ମ୍ୟାଚ ଇଂଲଣ୍ଡ ବ୍ୟାଟିଂ ସହିତ ଆରମ୍ଭ ହୋଇଥିଲା, କିନ୍ତୁ ମିଚେଲ ଷ୍ଟାର୍କ ପ୍ରଥମ ଓଭରରେ ଇଂଲଣ୍ଡର ଓପନର୍ ଜ୍ୟାକ କ୍ରାଉଲିଙ୍କୁ ଆଉଟ କରିଥିଲେ। ଜ୍ୟାକ କ୍ରାଉଲି କୌଣସି ରନ ନକରି ତାଙ୍କର ୱିକେଟ ହରାଇଥିଲେ, ଅର୍ଥାତ୍ ଇଂଲଣ୍ଡ କୌଣସି ରନ ନକରି ସେମାନଙ୍କର ପ୍ରଥମ ୱିକେଟ ହରାଇଥିଲା। ତା'ପରେ ଜୋଫ୍ରା ଆର୍ଚର ଇଂଲଣ୍ଡକୁ ସମାନ ଆରମ୍ଭ ପ୍ରଦାନ କରିଥିଲେ। ଜୋଫ୍ରା ଆର୍ଚର ପ୍ରଥମ ଓଭରରେ ଅଷ୍ଟ୍ରେଲିୟ ଓପନର୍ ଜେକ ୱେଦରାଲ୍ଡଙ୍କୁ ମଧ୍ୟ



ଆଉଟ କରିଥିଲେ। ଅଷ୍ଟ୍ରେଲିଆ ମଧ୍ୟ କୌଣସି ରନ ନ କରି ଏହି ୱିକେଟ ହରାଇଥିଲା।

ଇଂଲଣ୍ଡର ଦ୍ୱିତୀୟ ଇନିଂସ ସମାନ ଢଙ୍ଗରେ ଆରମ୍ଭ ହୋଇଥିଲା। ମିଚେଲ ଷ୍ଟାର୍କ ପୁଣି ଥରେ ପ୍ରଥମ ଓଭରରେ ଜ୍ୟାକ କ୍ରାଉଲିଙ୍କୁ ଆଉଟ କରିଥିଲେ। ଜ୍ୟାକ କ୍ରାଉଲି ଲଗାତାର ଦ୍ୱିତୀୟ ଇନିଂସ ପାଇଁ ଶୂନ୍ୟରେ ଆଉଟ ହୋଇଥିଲେ। ଏହାର ଅର୍ଥ ହେଉଛି ଏହି ଟେଷ୍ଟ ମ୍ୟାଚର ତିନୋଟି ଇନିଂସରେ ପ୍ରଥମ ୱିକେଟ କୌଣସି ରନ ନ ହୋଇ ପଡ଼ିଥିଲା, ଯାହା ଏକ ଗୁରୁତ୍ୱପୂର୍ଣ୍ଣ ରେକର୍ଡ। ଟେଷ୍ଟ କ୍ରିକେଟର ୧୪୮ ବର୍ଷର ଇତିହାସରେ ଏପରି ସଫଳତା ପୂର୍ବରୁ କେବେ ଦେଖାଯାଇ ନଥିଲା।

ଏପର୍ଯ୍ୟନ୍ତ, ବୋଲରମାନେ ଏହି ମ୍ୟାଚ ଉପରେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି । ଇଂଲଣ୍ଡ ସେମାନଙ୍କର ପ୍ରଥମ ଇନିଂସରେ ମାତ୍ର ୧୭୨ ରନରେ ଅଲଆଉଟ ହୋଇଥିଲା। ମିଚେଲ ଷ୍ଟାର୍କ ମୋଟ ୭ ୱିକେଟ ନେଇଥିଲେ। ଇଂଲଣ୍ଡର ବୋଲରମାନେ ଲଢ଼ି ଅଷ୍ଟ୍ରେଲିଆକୁ ପ୍ରଥମ ଇନିଂସରେ ୧୩୨ ରନରେ ଅଲଆଉଟ କରିଥିଲେ, ଯାହା ଫଳରେ ୪୦ ରନର ଅଗ୍ରଣୀ ହାସଲ କରିଥିଲେ। ଏହା ମ୍ୟାଚକୁ ଆହୁରି ରୋମାଞ୍ଚକର କରିଛି।

# ଡବ୍ଲ୍ୟୁପିଏଲ୍ ନିଲାମ: ୭୩ ସ୍ଥାନ ପାଇଁ ୨୭୭ ଖେଳାଳିଙ୍କ ନାମ ଦାଖଲ, ଆସନ୍ତା ୨୭ରେ ଅକ୍ସନ୍




**ନୂଆଦିଲ୍ଲୀ**

ଆଗାମୀ ଡବ୍ଲ୍ୟୁପିଏଲ ନିଲାମ ପାଇଁ ଖେଳାଳି ତାଲିକା ପ୍ରକାଶ ପାଇଛି। ୫ଟି ଫ୍ରାଞ୍ଚାଇଜରେ ଖାଲି ପଡ଼ିଥିବା ୭୩ଟି ସ୍ଥାନ ପାଇଁ ୨୭୭ ଜଣ ଖେଳାଳି ନାମ ଦାଖଲ କରିଛନ୍ତି। ଏଥିରେ ରହିଛନ୍ତି ୮୩ ବିଦେଶୀ ଖେଳାଳି। ବିଦେଶୀ ଖେଳାଳିଙ୍କ ପାଇଁ ୨୩ଟି ସ୍ଥାନ ଫାଙ୍କା ରହିଛି। ଆସନ୍ତା ୨୭ ତାରିଖ ଦିନ ନୂଆ ଦିଲ୍ଲୀରେ ନିଲାମ ଅନୁଷ୍ଠିତ ହେବ। ମୋଟ୍ ୮ ଜଣ ମାର୍କି ଖେଳାଳି ତାଲିକାରେ ସ୍ଥାନ ପାଇଛନ୍ତି। ଏଥିରେ ରହିଛନ୍ତି ମାତ୍ର ୨ ଜଣ ଭାରତୀୟ ଦୀପ୍ତି ଶର୍ମା ଓ ରେଣୁକା ସିଂହ। ଅନ୍ୟମାନଙ୍କ ମଧ୍ୟରେ ଶୋଫି ଡିଭାଇନ, ଶୋଫି ଏକ୍ଲେଷ୍ଟୋନ, ଆଲିସା ହିଲି, ମେଗ ଲ୍ୟାନିଂ, ଆମେଲିଆ କେର ଓ ଲୌରା ଉଲଭାର୍ଟ ମାର୍କି ଖେଳାଳି ତାଲିକାରେ ସ୍ଥାନ ପାଇଛନ୍ତି। ଏମାନଙ୍କ ମଧ୍ୟରେ କେବଳ ରେଣୁକାଙ୍କ ବେସ ପ୍ରାଇସ ୪୦ ଲକ୍ଷ ଓ ଉଲଭାର୍ଟଙ୍କ ବେସ ପ୍ରାଇସ ୩୦ ଲକ୍ଷ ଟଙ୍କା ରହିଛି। ବାକି ୬ଖେଳାଳିଙ୍କ ବେସ ପ୍ରାଇସ ସର୍ବାଧିକ ୫୦ ଲକ୍ଷ ଟଙ୍କା ରଖାଯାଇଛି।

ତାଲିକାରେ ଅଷ୍ଟ୍ରେଲିଆରୁ ସର୍ବାଧିକ ୨୩ ଖେଳାଳି, ଇଂଲଣ୍ଡରୁ ୨୨, ନ୍ୟୁଜିଲାଣ୍ଡରୁ ୧୩ ଓ ଦକ୍ଷିଣ ଆଫ୍ରିକାରୁ ୧୧ଜଣ ଖେଳାଳି ସ୍ଥାନ ପାଇଛନ୍ତି। ଶ୍ରୀଲଙ୍କାରୁ ଚାମରି ଆଟ୍ଟାପଟ୍ଟୁ, ହର୍ଷିତା ସମରବିକ୍ରମା ଓ ଇନୋକା ରଣାବୀରା ସ୍ଥାନ ପାଇଥିବାବେଳେ ଥାଇଲାଣ୍ଡରୁ ଏକମାତ୍ର ଖେଳାଳି ଭାବେ ଥିପାଟଚା ପୁଥାୱଙ୍ଗ, ୟୁଏସଏରୁ ତାରା ନରିସ, ୟୁଏଇରୁ ଇଶା ଓଜା ଓ ତୀର୍ଥା ସତୀଶ ସାମିଲ ହୋଇଛନ୍ତି।

ନିଲାମରେ ସର୍ବାଧିକ ଧନ ରାଶି ୧୪.୫୦ କୋଟି ଟଙ୍କା ସହ ୟୁପି ୱାରିୟର୍ସ ଖେଳାଳି କିଣିବାକୁ ଅପେକ୍ଷା କରିଛି। ସେହିପରି ଗୁଜରାଟ ଜାଏଣ୍ଟ୍ସ ନିକଟରେ ୯କୋଟି ଟଙ୍କା, ରୟାଲ୍ ଚ୍ୟାଲେଞ୍ଜର୍ସ ନିକଟରେ ୬.୧୫ କୋଟି, ମୁମ୍ବାଇ ଇଣ୍ଡିଆନ୍ସ ନିକଟରେ ୫.୭୫କୋଟି ଓ ଦିଲ୍ଲୀ କ୍ୟାପିଟାଲ୍ସ ନିକଟରେ ୫.୭୦ କୋଟି ଟଙ୍କା ରହିଛି।

# ଶିଖର ଧାୱନଙ୍କ କମ୍ପାନୀରୁ ପ୍ରାୟ ୪୦ ଲକ୍ଷ ହେରଫେରର ଅଭିଯୋଗ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟର ଶିଖର ଧାୱନଙ୍କ ପରିଚାଳନା କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତେଶ ଶାହଙ୍କ ନାମ ଏକ ଏଫଆଇଆରରେ ରଖାଯାଇଛି । ଅମିତେଶ ଶାହ ମଧ୍ୟ ଏକ କମ୍ପାନୀ ଲେଗାକ୍ସିର ପ୍ରତିଷ୍ଠାତା ଏବଂ ସିଇଓ। ଏସିଆ କପ ସମୟରେ ଅନଧିକୃତ ବିଜ୍ଞାପନ ପାଇଁ ଅମିତେଶ ଜାଲ ଡକ୍ୟୁମେଣ୍ଟ ତିଆରି କରିଥିବା ଅଭିଯୋଗରେ ଗୁରଗାଓଁରେ ଏକ ଏଫଆଇଆର ରୁଜୁ ହୋଇଛି। ତାଙ୍କ ଉପରେ ଶିଖର ଧାୱନଙ୍କ ନାମର ଅପବ୍ୟବହାର ଏବଂ ତାଙ୍କୁ ଠକିବାର ଅଭିଯୋଗ ଅଛି।

ଅଭିଯୋଗ ଅନୁଯାୟୀ, ଶିଖର ଧାୱନଙ୍କ କମ୍ପାନୀ ଛାଡ଼ିବା ପରେ ମଧ୍ୟ ଅମିତେଶ ଶାହ ନିଜକୁ ଧାୱନଙ୍କ ଅଧିକୃତ ଏଜେଣ୍ଟ ବୋଲି ଦାବି କରି ଚାଲିଥିଲେ। ସେ ଚୁକ୍ତିନାମା ମଧ୍ୟ ଜାଲିଆତି କରିଥିଲେ, ଯାହାଦ୍ୱାରା ସେ ନିଜକୁ ଶିଖର ଧାୱନଙ୍କ ସହିତ ଜଡିତ ବୋଲି ଦର୍ଶାଇଥିଲେ।

ଏକ ରିପୋର୍ଟ ଅନୁଯାୟୀ, ଅମିତେଶ ଶାହଙ୍କ ଉପରେ ଅନୁମତି ବିନା ଶିଖର ଧାୱନଙ୍କ



ଫଟୋଗ୍ରାଫ ବ୍ୟବହାର କରିବା, ଏକ କ୍ରିକେଟ ଆବେଦନ ସହିତ ଅବୈଧ ଭାବରେ ମିଆଦ ଶେଷ ହୋଇଥିବା ବିଜ୍ଞାପନ ଚୁକ୍ତିନାମା ତିଆରି କରିବା ଏବଂ ମିଥ୍ୟା ଅଧିକାର ଅଧୀନରେ ଏକ ଚୁକ୍ତିନାମା ତିଆରି କରିବାର ମଧ୍ୟ ଅଭିଯୋଗ ଅଛି।

ଅଭିଯୋଗରେ ଏହା ମଧ୍ୟ କୁହାଯାଇଛି ଯେ ଅମିତେଶ ଶିଖର ଧାୱନ ଏବଂ ତାଙ୍କ ପରିଚାଳନା ଦଳକୁ ନ ଜଣାଇ ପ୍ରାୟ ୪୦ ଲକ୍ଷ ଅନ୍ୟ ଏକ କମ୍ପାନୀକୁ ସ୍ଥାନାନ୍ତର କରିଛନ୍ତି। ପୋଲିସ ଏହି ମାମଲାରେ ଜଡ଼ିତ ଆର୍ଥିକ କାରବାର, ଯୋଗାଯୋଗର ପଥ ଏବଂ ଚୁକ୍ତିନାମା ଡକ୍ୟୁମେଣ୍ଟଗୁଡ଼ିକର ତଦନ୍ତ ଆରମ୍ଭ କରିଛି।

ଏହା ଉଲ୍ଲେଖ କରିବା ଉଚିତ ଯେ ଶିଖର ଧାୱନଙ୍କ ନାମ ସମ୍ପ୍ରତି ଏକ ଅନଲାଇନ ବେଟିଂ କମ୍ପାନୀକୁ ପ୍ରୋତ୍ସାହିତ କରିବା ମାମଲାରେ ସାମ୍ନାକୁ ଆସିଥିଲା। ଏହି ମାମଲାରେ ଶିଖର ଧାୱନ ଏବଂ ସୁରେଶ ରାଇନାଙ୍କର ପ୍ରାୟ ୧୧ କୋଟି ମୂଲ୍ୟର ସମ୍ପତ୍ତି ଜବତ କରାଯାଇଥିଲା। ଏଥିରେ ଧାୱନଙ୍କ ୪.୫ କୋଟି ମୂଲ୍ୟର ସ୍ଥାବର ସମ୍ପତ୍ତି ଅନ୍ତର୍ଭୁକ୍ତ।

# କୁମାରବସ୍ତ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ସୁଆଙ୍ଗ ଓ ମେଣ୍ଢାଶାଳ ବିଜୟୀ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡିଆ ଠାରେ ରାଇଜିଂଷ୍ଟାର କ୍ରିକେଟ କ୍ଲବ, କୁମାରବସ୍ତ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚରେ ସୁଆଙ୍ଗ ଦଳ କାଇପଦରକୁ ୯ ୱିକେଟରେ ପରାସ୍ତ କରିଛି । କାଇପଦର ଦଳ ପ୍ରଥମେ ବ୍ୟାଟିଂ କରି ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଦଳ ନିର୍ଦ୍ଧାରିତ ୧୫ ଓଭର ରେ ୬୯ ରନ୍ କରି ଅଲଆଉଟ ହୋଇଯାଇଥିଲା। ସୁଆଙ୍ଗ ପକ୍ଷରୁ ନିର୍ମଳ ମାର୍ଥା ୩ଟି ୱିକେଟ ହାସଲ କରିଥିଲେ। ଜବାବରେ ସୁଆଙ୍ଗ ଦଳ ୪ ଓଭରରେ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା ।ଶ୍ରେଷ୍ଠ ଖେଳାଳି ନିର୍ମଳ ମାର୍ଥାଙ୍କୁ ସମାଜସେବୀ ଅବନୀକାନ୍ତ ସାମନ୍ତରାୟ ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ (ନନ ଆଧାର) ଟସ୍ ରେ ବିଜୟ ଲାଭ କରି ମେଣ୍ଢାଶାଳ ଦଳ ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା ପ୍ରଥମେ ବ୍ୟାଟିଂ କରି ଭାଳିଆବାଡି ଦଳ ନିର୍ଦ୍ଧାରିତ ୨୦ ଓଭରରୁ ୪ ୱିକେଟ ହରାଇ ୧୯୪



ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ସରୋଜ ପଟ୍ଟନାୟକ ୮୪ ରନ୍ ସଂଗ୍ରହ କରିଥିଲେ। ଜବାବରେ ମେଣ୍ଢାଶାଳ ଦଳ ନିର୍ଦ୍ଧାରିତ ୧୯ ଓଭର ରେ ୪ ୱିକେଟ ହରାଇ ୧୯୬ରନ କରି ୬ ୱିକେଟରେ ବିଜୟ ହାସଲ କରି ନେଇଥିଲେ ।ଦଳ ପକ୍ଷରୁ ଆଇ ଏସ ଗିରି ୯୫ ରନ୍ ସଂଗ୍ରହ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ସମାଜସେବୀ ସରୋଜ ବରାଳଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଖେଳଟିକୁ ପରିଚାଳନା କରୁଥିଲେ ସାନୁଜ ବିଶ୍ୱାଳ, ତୁଷାରକାନ୍ତ ସୁନ୍ଦରାୟ ଓ ରିଆଜତ୍ ଅଲ୍ଲୀ। ସ୍କୋରର ଦାୟିତ୍ୱରେ ପ୍ରକାଶ ସାହୁ ଓ ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ରହିଥିଲେ। ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରଶାନ୍ତ ନାଟୁଆ ଓ ଅମୀୟ ପ୍ରଧାନ କାର୍ଯ୍ୟ କରିଥିଲେ। କାଜଲ ବଳିୟାର ସିଂ ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇଥିଲେ ।୨୩/୧୧/୨୫ ରବିବାର ପ୍ରଥମ ମ୍ୟାଚ୍ ବାଙ୍କୁଆଳ ବନାମ ଯାଆଁଳା ଏବଂ ଦ୍ୱିତୀୟ ମ୍ୟାଚ କଟକ ବନାମ କୁମାରବସ୍ତ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଦୁର୍ଯ୍ୟୋଧନ ପରିଡା ଜଣାଇଛନ୍ତି।

# ଅଖିଳେଶ ରେଡ୍ଡୀଙ୍କୁ ଆଇସିସି କଲା ସସ୍‌ପେଣ୍ଡ

**ନୂଆଦିଲ୍ଲୀ**

ଭାରତ ଏବଂ ଶ୍ରୀଲଙ୍କା ଆସନ୍ତା ବର୍ଷ ମିଳିତ ଭାବରେ ୨୦୨୬ ଟି୨୦ ବିଶ୍ୱକପ ଆୟୋଜନ କରିବେ। ଏଥିରେ ଆମେରିକୀୟ କ୍ରିକେଟ ଦଳ ମଧ୍ୟ ଅଂଶଗ୍ରହଣ କରିବ। ଆମେରିକା ଦଳର ଖେଳାଳି ଅଖିଳେଶ ରେଡ୍ଡୀଙ୍କୁ ଆଇସିସି ନିଲମ୍ବିତ କରିଛି। ୨୫ ବର୍ଷୀୟ ଏହି ଅଫ-ସ୍ପିନରଙ୍କ ନାଁରେ ଟି୧୦ ୨୦୨୫ ସହିତ ଜଡିତ ଦୁର୍ନୀତି ନିବାରଣ ସଂହିତାର ତିନୋଟି ଉଲ୍ଲଂଘନ ଅଭିଯୋଗ ଆସିଛି। ଅଖିଳେଶ ଲିଗରେ ୟୁପି ନବାବସ ଦଳ ପାଇଁ ଖେଳନ୍ତି।

ଆଇସିସି ଏକ ବିବୃତିରେ କହିଛି, ଅନ୍ତର୍ଜାତୀୟ କ୍ରିକେଟ ପରିଷଦ, ଏମିରେଟ୍ସ କ୍ରିକେଟ ବୋର୍ଡ ପକ୍ଷରୁ, ଆମେରିକୀୟ କ୍ରିକେଟ ଖେଳାଳି ଅଖିଳେଶ ରେଡ୍ଡୀଙ୍କ ଉପରେ ଆଇସିସି ଦୁର୍ନୀତି ନିବାରଣ ସଂହିତାର ତିନୋଟି ଉଲ୍ଲଂଘନ ଅଭିଯୋଗ ଆଣିଛି। ଏହି ଅଭିଯୋଗଗୁଡ଼ିକ ସଂଯୁକ୍ତ ଆରବ ଏମିରେଟ୍ସରେ ଚାଲିଥିବା ଆବୁଧାବି ଟି୧୦ ୨୦୨୫ ଟୁର୍ଣ୍ଣାମେଣ୍ଟ ସହିତ ଜଡିତ। ଇଭେଣ୍ଟ ପାଇଁ ନିଯୁକ୍ତ ଦୁର୍ନୀତି ନିବାରଣ ଅଧିକାରୀ ଭାବରେ, ଆଇସିସି ଏମିରେଟ୍ସ କ୍ରିକେଟ ବୋର୍ଡ ପକ୍ଷରୁ ଏହି ଅଭିଯୋଗଗୁଡ଼ିକ କରିଛି। ୨୫ ବର୍ଷୀୟ ଅଖିଳେଶ ରେଡ୍ଡୀ ଯୁକ୍ତରାଷ୍ଟ୍ର କ୍ରିକେଟ ଦଳ ପାଇଁ ୪ଟି ଅନ୍ତର୍ଜାତୀୟ ଟି୨୦ମ୍ୟାଚ ଖେଳିଛନ୍ତି, ଯଦିଓ ସେ ବିଶେଷ ପ୍ରଭାବ ପକାଇପାରି ନ ଥିଲେ। ଅଖିଳେଶ ୪ଟି ଟି୨୦ ମ୍ୟାଚରେ କେବଳ ୧ ୱିକେଟ ନେଇଛନ୍ତି।

# ବିକଶିତ ଭାରତର ଲକ୍ଷ୍ୟରେ ମହିଳା ଏବଂ ଶ୍ରମ ସଂହିତାର ଭୂମିକା





**ଆରତୀ ଆହୁଜା**
ଭାରତ ସରକାରଙ୍କ ପୂର୍ବତନ ଶ୍ରମ ଏବଂ ନିଯୁକ୍ତି ସଚିବ

**କାର୍ତ୍ତିକ ଏମ୍ ପି**
ଉଦୈତି ଫାଉଣ୍ଡେସନର ସହାୟକ ଉପାଧ୍ୟକ୍ଷ – ରଣନୀତି ଏବଂ ଗବେଷଣା

୨୦୪୭ ମସିହା ସୁଦ୍ଧା ଭାରତକୁ ୩୦ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ କରିବା ପାଇଁ, ମହିଳାମାନଙ୍କ ଅଂଶଗ୍ରହଣ ବୃଦ୍ଧି କରିବା ଅତ୍ୟନ୍ତ ଜରୁରୀ। ବର୍ତ୍ତମାନ ସମୟରେ ମହିଳା ଶ୍ରମଶକ୍ତି ଅଂଶଗ୍ରହଣ ମାତ୍ର ୪୧.୭ ପ୍ରତିଶତ ରହିଛି, ଏବଂ ବିକଶିତ ଭାରତ ପାଇଁ ଏହାକୁ ୭୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଏହି ୩୦-ପଏଣ୍ଟ ବ୍ୟବଧାନକୁ ପୂରଣ କରିବା ହେଉଛି ଜାତୀୟ ଉତ୍ପାଦକତାକୁ ଅନଲକ୍ କରିବା ଏବଂ ଭାରତର ଅଭିବୃଦ୍ଧି କାହାଣୀକୁ ସମସ୍ତଙ୍କ ସହଯୋଗରେ ଗଢ଼ି ତୋଳିବା ନିଶ୍ଚିତ କରିବା। ଶିକ୍ଷା, ଡିଜିଟାଲ୍ ପ୍ରବେଶ ଏବଂ ଉଦ୍ୟୋଗରେ ଲାଭ ସତ୍ତ୍ୱେ, ବହୁତ ସମ୍ଭାବନା ଅବ୍ୟବହୃତ ରହିଛି। ଭାରତକୁ ଏକ ଶ୍ରମ ଇକୋସିଷ୍ଟମ ନିର୍ମାଣ କରିବାକୁ ପଡିବ ଯାହା ମହିଳାମାନଙ୍କୁ ପ୍ରବେଶ ଏବଂ ଆଗକୁ ବଢ଼ିବାକୁ ସକ୍ଷମ କରେ ଏବଂ ଭାରତର ଏକୀକୃତ ଶ୍ରମ ସଂହିତାର କାର୍ଯ୍ୟାନ୍ୱୟନ ଏହି ବ୍ୟବସ୍ଥାଗତ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବା ଏବଂ ଅନ୍ତର୍ଭୁକ୍ତିକୁ ଉତ୍ପାଦକତାରେ ପରିଣତ କରିବା ପାଇଁ ଏକ ବିରଳ ସୁଯୋଗ ପ୍ରଦାନ କରେ।

ଏବେ ବିଚାର କରନ୍ତୁ – ଉତ୍ତର ପ୍ରଦେଶର ଜଣେ ପଞ୍ଜୀକୃତ ଇ-ଶ୍ରମ କର୍ମୀ ସୀତା, ଜଣେ ଠିକାଦାରଙ୍କ ପାଇଁ ଘରେ ପୋଷାକ ସିଲାଇ କରନ୍ତି, ଶିଶୁ ଯତ୍ନର କୌଣସି ସୁବିଧା ନଥିବା କାରଣରୁ ଦୁଇଟି ପିଲାଙ୍କୁ ପାଳନ କରିବା ସହିତ ଅନିୟମିତ ଆୟ ଅର୍ଜନ କରନ୍ତି। ତାଙ୍କ ପରି ମହିଳାମାନଙ୍କ ପାଇଁ, ନୂତନ ଶ୍ରମ ସଂହିତା ଏକ ଯୁଗାନ୍ତକାରୀ ପଦକ୍ଷେପ। ନିକଟରେ ଥିବା ଏକ କପଡ଼ା କାରଖାନା ଏବେ ଆନୁଷ୍ଠାନିକ ଚୁକ୍ତିନାମା ସହିତ ସିଫ୍ଟ କାମ ପାଇଁ ମହିଳାମାନଙ୍କୁ ନିଯୁକ୍ତି ଦେଉଛି। ପ୍ରଥମ ଥର ପାଇଁ, ଭାରତର ଶ୍ରମ ଆଇନ ବ୍ୟବସ୍ଥା ସୀତା ପରି ଲକ୍ଷ ଲକ୍ଷ ମହିଳାଙ୍କ ପାଇଁ ପ୍ରତିବନ୍ଧକ ହେବା ପରିବର୍ତ୍ତେ ଏକ ସମର୍ଥକ ହେବାକୁ ପ୍ରସ୍ତୁତ।

୨୦୧୯ ରୁ ୨୦୨୦ ମଧ୍ୟରେ ପ୍ରଣୀତ ଶ୍ରମ ସଂହିତା, ୨୯ ଖଣ୍ଡ ଆଇନକୁ ଚାରୋଟି ସୁଗମ ଢାଞ୍ଚାରେ ଏକୀକୃତ କରିଛି: ମଜୁରୀ, ସାମାଜିକ ସୁରକ୍ଷା, ବୃତ୍ତିଗତ ସୁରକ୍ଷା ଏବଂ ଶିଳ୍ପ ସମ୍ପର୍କ ସଂହିତା। ଆଇନଗତ ଉଦ୍ଦେଶ୍ୟ ସାହସିକ, ଏବଂ ବର୍ତ୍ତମାନ ଅନେକ ରାଜ୍ୟ ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଦ୍ରୁତ ଗତିରେ ଅଗ୍ରସର ହେଉଛନ୍ତି। ଉଦ୍ଦେଶ୍ୟକୁ ପ୍ରଭାବରେ ପରିଣତ କରିବା ପାଇଁ ଭାରତ ପାଖରେ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ରହିଛି, ଏବଂ ଏହି ପ୍ରଭାବ କିପରି ଦେଖାଯାଉଛି ତାହା ଏଠାରେ ଦିଆଯାଇଛି।

**ସାମାଜିକ ସୁରକ୍ଷା: ପ୍ରଥମ ପଦକ୍ଷେପ ଭାବରେ ଦୃଶ୍ୟମାନତା**

ସାମାଜିକ ସୁରକ୍ଷା ସଂହିତା ଗିଗ୍ ଏବଂ ଅସଂଗଠିତ ଶ୍ରମିକମାନଙ୍କ ପାଇଁ ଏକ ଜାତୀୟ ସାମାଜିକ ସୁରକ୍ଷା ବୋର୍ଡ ପ୍ରତିଷ୍ଠା କରେ, ଯାହା ମାତୃତ୍ୱ, ସ୍ୱାସ୍ଥ୍ୟ ବୀମା, ପେନସନ ଏବଂ ଶିଶୁ ଯତ୍ନକୁ ଅନ୍ତର୍ଭୁକ୍ତ କରେ। ଇ-ଶ୍ରମ ପୋର୍ଟାଲରେ ୩୦.୬ କୋଟିରୁ ଅଧିକ ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି, ଯାହା ମଧ୍ୟରୁ ୫୩ ପ୍ରତିଶତ, ଅର୍ଥାତ୍ ୧୬ କୋଟି ମହିଳା। ପୋର୍ଟାଲ ଏବଂ ଆଧାର ଆଧାରିତ ୟୁଏଏନ୍ ମଧ୍ୟରେ ସଂଯୋଗ, ଏହି ଅଧିକାରଗୁଡ଼ିକୁ ସ୍ଥାନ ଏବଂ କ୍ଷେତ୍ର ମଧ୍ୟରେ ପୋର୍ଟେବଲ୍ କରିଥାଏ। ଏହି ଭିତ୍ତିଭୂମି ପ୍ରସବ କିମ୍ବା ଯତ୍ନ ନେବା ଭଳି ପ୍ରମୁଖ ଜୀବନ ପରିବର୍ତ୍ତନ ସମୟରେ କାର୍ଯ୍ୟ ହରାଇବା ସମ୍ଭାବନାକୁ ହ୍ରାସ କରିପାରିବ।

ଦୃଶ୍ୟମାନତା କେବଳ ପ୍ରଥମ ପଦକ୍ଷେପ। ମହିଳାମାନେ କେବଳ ପରିଚୟପତ୍ର ପାଇବା ନୁହେଁ, ବରଂ ପ୍ରକୃତ ସହାୟତା ପାଇବାକୁ ନିଶ୍ଚିତ କରିବା ପାଇଁ କଲ୍ୟାଣକାରୀ ବିତରଣ ବ୍ୟବସ୍ଥା ସହିତ ପଞ୍ଜୀକରଣର ସଂଯୋଗକୁ ଦ୍ରୁତ ଗତିରେ କରାଯିବା ଆବଶ୍ୟକ। ଆମେ କିପରି ମହିଳାମାନଙ୍କୁ ସେମାନଙ୍କ ନିଯୁକ୍ତି ଜୀବନଚକ୍ରରେ ସୁରକ୍ଷା ସୁନିଶ୍ଚିତ କରିବୁ ତାହା ପୁନଃପରିଭାଷିତ କରିପାରିବ।

**ଆର୍ଥିକ ଭିତ୍ତିଭୂମି ଭାବରେ ଯତ୍ନ**

ଯେକୌଣସି ମହିଳାଙ୍କୁ ପଚାରନ୍ତୁ ଯେ ସେ କାହିଁକି ଚାକିରି ଛାଡିଛନ୍ତି, ଏବଂ ଉତ୍ତର ପ୍ରାୟତଃ ସମାନ ହୋଇଥାଏ – ଶିଶୁ ଯତ୍ନ। ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ପରିସ୍ଥିତି ସଂହିତା ଏହାକୁ ସମାଧାନ କରେ, ଭାରତର ଯ୬୨ ପ୍ରତିଶତ ଶ୍ରମିକଙ୍କୁ ନିଯୁକ୍ତି ଦେଉଥିବା ଏମଏସଏମଇ ମାନଙ୍କର କ୍ଲଷ୍ଟରଗୁଡ଼ିକୁ ମିଳିତ ଭାବରେ କ୍ରେଚ୍ ସ୍ଥାପନ କରିବାକୁ, ଯତ୍ନର ଖର୍ଚ୍ଚ ବଣ୍ଟନ କରିବାକୁ ଏବଂ ଏହାକୁ ଏକ ଅନୁପାଳନ ବୋଝରୁ ଏକ ସକ୍ଷମ ଅର୍ଥନୈତିକ ଭିତ୍ତିଭୂମିରେ ପରିବର୍ତ୍ତନ କରିବାକୁ ସକ୍ଷମ କରିଥାଏ। ରାଜ୍ୟଗୁଡ଼ିକୁ ଏବେ ଶିଳ୍ପ ସଂଘ ସହିତ ସହଭାଗୀ ହେବାକୁ ପଡିବ ଏହି କ୍ରେଚ୍ ଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ, ବିଶେଷକରି ଶିଳ୍ପ କରିଡର ଏବଂ ଏସଇଜେଡ ରେ, ଯାହା ଫଳରେ କୌଣସି ମାଆଙ୍କୁ ଚାକିରି ଏବଂ ତାଙ୍କ ପିଲାଙ୍କ ଯତ୍ନ ମଧ୍ୟରୁ କୌଣସି ଗୋଟିଏକୁ ବାଛିବାକୁ ପଡିବ ନାହିଁ।

**ଅର୍ଥନୀତି ପାଇଁ ଦ୍ୱାର ଖୋଲିବ**

ଓଏସଏଚ୍ କୋଡର ଧାରା ୪୩ ମହିଳାମାନଙ୍କୁ ସନ୍ଧ୍ୟା ୭ ଟାରୁ ସକାଳ ୬ ଟା ପର୍ଯ୍ୟନ୍ତ ରାତି ସିଫ୍ଟ ସମେତ ଯେକୌଣସି କ୍ଷେତ୍ରରେ ଏବଂ ଖଣିରେ ମଧ୍ୟ କାମ କରିବାକୁ ଅନୁମତି ଦିଏ, ଯଦି ସେମାନେ ସମ୍ମତି ଦିଅନ୍ତି ଏବଂ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରାଯାଏ। ଅର୍ଥନୈତିକ ଯୁକ୍ତି ସ୍ପଷ୍ଟ। ଅର୍ଥନୈତିକ କାର୍ଯ୍ୟରେ ଅଭିବୃଦ୍ଧି ପାଇଁ ମହିଳାମାନଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଯେହେତୁ ସର୍ବୋତ୍ତମ ଅଭ୍ୟାସଗୁଡ଼ିକ ରାଜ୍ୟଗୁଡ଼ିକ ମଧ୍ୟରେ ଉଭା ହେଉଛି ଏବଂ ସେୟାର କରାଯାଉଛି, ଆମେ ଏହି ସକ୍ଷମ ବ୍ୟବସ୍ଥାଗୁଡ଼ିକର ବ୍ୟାପକ ଗ୍ରହଣ ଏବଂ ସଂସ୍କାର ଆଶା କରିପାରିବା।

**ମହିଳା ସ୍ୱରକୁ ସୁଦୃଢ଼ କରିବା**

ସମସ୍ତ କେନ୍ଦ୍ର ଏବଂ ରାଜ୍ୟ ପରାମର୍ଶଦାତା ବୋର୍ଡ ସଦସ୍ୟଙ୍କ ମଧ୍ୟରୁ ଏକ ତୃତୀୟାଂଶ ମହିଳା ହେବା ଆବଶ୍ୟକ। ଏହି ବୋର୍ଡଗୁଡ଼ିକୁ ମଜୁରୀ ନୀତି ଗଠନ କରିବା, ମହିଳା ନିଯୁକ୍ତିକୁ ବିସ୍ତାର କରିବା ଏବଂ ନମନୀୟ କାର୍ଯ୍ୟ ବ୍ୟବସ୍ଥା ଉପରେ ପରାମର୍ଶ ଦେବା ପାଇଁ କ୍ଷମତା ଦିଆଯାଇଛି। ଏହି ସଂସ୍ଥାଗତ ଡିଜାଇନ୍ ବିବିଧ ଶ୍ରମିକଙ୍କ ବାସ୍ତବତାକୁ ପ୍ରତିଫଳିତ କରୁଥିବା ନୀତି ନିର୍ମାଣ ପାଇଁ ଅତ୍ୟାବଶ୍ୟକ, ଏବଂ ଅନ୍ତର୍ଭୁକ୍ତିକରଣକୁ ପ୍ରମୁଖ ସ୍ଥାନ ପ୍ରଦାନ କରାଯାଇଛି। ଯେତେବେଳେ ଅଧିକ ରାଜ୍ୟ ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବେ ସେତେବେଳେ ମହିଳାମାନଙ୍କର କାର୍ଯ୍ୟକ୍ଷେତ୍ରରେ ଅଂଶଗ୍ରହଣ ବୃଦ୍ଧି ପାଇବ।

ନୂତନ ଶ୍ରମ ସଂହିତା ଏକ ମୌଳିକ ସୁଯୋଗ ପ୍ରଦାନ କରେ, ଏବଂ କେନ୍ଦ୍ର ଭିତ୍ତିଭୂମି ସ୍ଥାପନ କରିଥିବା ବେଳେ, ରାଜ୍ୟ ସ୍ତରରେ ପ୍ରକୃତ ପରିବର୍ତ୍ତନ ଘଟିବ। ଯେଉଁ ରାଜ୍ୟଗୁଡ଼ିକ ଶୀଘ୍ର ନିୟମଗୁଡ଼ିକୁ ସମନ୍ୱିତ କରନ୍ତି, ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ବ୍ୟବସ୍ଥିତ କରନ୍ତି, ପରାମର୍ଶଦାତା ବୋର୍ଡଗୁଡ଼ିକୁ ସକ୍ରିୟ କରନ୍ତି ଏବଂ ଲିଙ୍ଗ ଭିତ୍ତିକ ଫଳାଫଳକୁ ଟ୍ରାକ୍ କରନ୍ତି ସେମାନେ ନିଯୁକ୍ତି ମାପଦଣ୍ଡକୁ ଆଗେଇ ନେବେ। ଏହି ସଂହିତାଗୁଡ଼ିକ ସଂରଚନାଗତ ପ୍ରତିବନ୍ଧକଗୁଡ଼ିକୁ ସମାଧାନ କରିବା ପାଇଁ ଏକ ଶକ୍ତିଶାଳୀ ଲିଭର। ସଠିକ୍ ଭାବରେ କାର୍ଯ୍ୟକାରୀ ହେଲେ, ଏହା ଭାରତର ପ୍ରତିଭା ପାଇପଲାଇନକୁ ବିସ୍ତାର କରିପାରିବେ ଏବଂ ଆମର ଜନସଂଖ୍ୟାଗତ ଲାଭାଂଶକୁ ଦ୍ରୁତ ଗତିରେ ଅନଲକ୍ କରିବାରେ ସହାୟକ ହେବ। ଶ୍ରମ ସଂହିତାକୁ ଅମଲାତାନ୍ତ୍ରିକ ସଂସ୍କାର ଭାବରେ ଦେଖାଯିବା ଉଚିତ୍ ନୁହେଁ, ବରଂ ଏକ ଅନ୍ତର୍ଭୁକ୍ତ ଅର୍ଥନୀତିର ଦିଗ ଭାବରେ ଦେଖାଯିବା ଆବଶ୍ୟକ। ଏହି କାର୍ଯ୍ୟ ଆରମ୍ଭ ହେବା ସହିତ, ଭାରତକୁ ଏକ ଏପରି ବ୍ୟବସ୍ଥା ନିର୍ମାଣ କରିବା ପାଇଁ ନିର୍ଣ୍ଣାୟକ ଭାବରେ କାର୍ଯ୍ୟ କରିବାକୁ ପଡିବ ଯାହା ମହିଳାମାନଙ୍କୁ ହିତାଧିକାରୀ ଭାବରେ ନୁହେଁ, ବରଂ ବିକଶିତ ଭାରତର ସହ-ସ୍ଥପତି ଭାବରେ ସାମିଲ୍ କରିବ।

# ମଧୁବନ ମିନି ଷ୍ଟାଡିୟମର ହେବ ଉନ୍ନତିକରଣ

## ରୂପରେଖ ପରିବର୍ତ୍ତନ ନେଇ ଡିପିଆର ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ବାରିପଦା ପୌରପାଳିକା ଅନ୍ତର୍ଗତ ମଧୁବନ ସ୍ଥିତ ମିନି ଷ୍ଟାଡିୟମର ଉନ୍ନତିକରଣ କାର୍ଯ୍ୟ ହେବାକୁ ଯାଉଛି। ଏନେଇ ବାରିପଦା ବିଧାୟକ ପ୍ରକାଶ ସୋରେନ ଏବଂ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶନିବାର ମିନି ଷ୍ଟାଡିୟମ ପରିସର ଅନୁଧ୍ୟାନ କରିଛନ୍ତି। ଉକ୍ତ ମିନି ଷ୍ଟାଡିୟମ ବାରିପଦା ପୌରପାଳିକାର ଏକ ପ୍ରମୁଖ ଷ୍ଟାଡିୟମ । ଯେଉଁ ଠାରେ କି ନିୟମିତ ଭାବେ ଖେଳାଳି ମାନେ କ୍ରୀଡା ଅଭ୍ୟାସ କରିଥାନ୍ତି। ଏଥି ସହିତ ମହିଳା ଓ ପୁରୁଷ ମାନଙ୍କ ପ୍ରାତଃ ଓ ସନ୍ଧ୍ୟା ଭ୍ରମଣ ପାଇଁ ନିର୍ଭର କରନ୍ତି। ବର୍ତ୍ତମାନ ମିନି ଷ୍ଟାଡିୟମ ପରିସରରେ ଅନେକ ସମସ୍ୟା ଥିବା ବେଳେ ଏହାର ସମାଧାନ ନେଇ ମିଳିତ ଭାବେ ଅନୁଧ୍ୟାନ କରି ସମୀକ୍ଷା କରିଛନ୍ତି। ମିନି ଷ୍ଟାଡିୟମ ପରିସରରେ ବର୍ଷା ଦିନରେ ବର୍ଷା ପାଣି ଜମି ରହୁଥିବା ବେଳେ ଏହାର ନିଷ୍କାସନ ନିମନ୍ତେ ଡ୍ରେନେଜ ବ୍ୟବସ୍ଥା କରିବା, ପଡ଼ିଆରେ ମାଟି ପକାଇ ଲେଭଲିଂ କରିବା, ମହିଳା ଓ ପୁରୁଷ ଶୌଚାଳୟ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ଚତୁଃପାର୍ଶ୍ୱରେ ଲାଇଟ ଲଗାଇ ଆଲୋକିକରଣ ବ୍ୟବସ୍ଥା, ପାଚେରୀର ମରାମତି କରିବା, ନୂତନ କ୍ରିକେଟ ପିଚ ନିର୍ମାଣ କରିବା ଏବଂ ଗ୍ୟାଲେରୀର ଉନ୍ନତି କରଣ କରିବା ଆଦି କାର୍ଯ୍ୟ କରିବା ନେଇ ନିଷ୍ପତ୍ତି ହୋଇଛି। ଏନେଇ ଯାଞ୍ଚ କରି ଡିପିଆର ପ୍ରସ୍ତୁତ କରିବାକୁ ପୌର ସହକାରୀ ଯନ୍ତ୍ରୀ ଦେବାଶିଷ ସ୍ୱାଇଁଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉନ୍ନତିକରଣ କାର୍ଯ୍ୟ ବାବଦରେ ଆବଶ୍ୟକ ଅର୍ଥ ମଞ୍ଜୁର କରିବା ପାଇଁ ବାରିପଦା ବିଧାୟକ ଶ୍ରୀ ସୋରେନ ପ୍ରତିଶ୍ରୁତି ଦେଇଛନ୍ତି। ପରିଦର୍ଶନ ସମୟରେ ଅନ୍ୟ ମାନଙ୍କ ମଧ୍ୟରେ ସ୍ଥାନୀୟ ୱାର୍ଡ କାଉନସିଲର ପ୍ରଶାନ୍ତ କୁମାର ବେହେରା, ଭଞ୍ଜସେନା ଜିଲ୍ଲା ସଭାପତି ପିଣ୍ଟୁ ମାଇତି, ବାରିପଦା କ୍ରିକେଟ ଏକାଡେମୀ ସଭାପତି ବିକ୍ରମ କେଶରୀ ଜେନା ଏବଂ କ୍ରିକେଟ ଓ ଫୁଟବଲ ଖେଳାଳି ମାନେ ଉପସ୍ଥିତ ରହି ବିଭିନ୍ନ ଉପାଦେୟ ମୂଳକ ଆଲୋଚନା କରି ଉନ୍ନତିକରଣ କାର୍ଯ୍ୟ ନିମନ୍ତେ ମତପ୍ରକାଶ କରିଛନ୍ତି।





# ରାଜଯୋଗିନୀ କମଳେଶ ଦିଦିଙ୍କ ଦେହାନ୍ତରେ ମୁଖ୍ୟମନ୍ତ୍ରୀ ଓ ନବୀନଙ୍କ ଶୋକ ପ୍ରକାଶ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ରାଜଯୋଗିନୀ କମଳେଶ ଦିଦିଜୀଙ୍କ ଦେହାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବ୍ରହ୍ମାକୁମାରୀ ପରିବାରର ବରିଷ୍ଠ ସଦସ୍ୟା ତଥା ରାଜଯୋଗିନୀ କମଳେଶ ଦିଦିଜୀଙ୍କ ଦେହାନ୍ତ ଖବର ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ । ତାଙ୍କର ଶାନ୍ତ ମାର୍ଗଦର୍ଶନ ଓ ସକାରାତ୍ମକ ଦୃଷ୍ଟିକୋଣ ସମାଜରେ ଶାନ୍ତି ଓ ସଦ୍ଭାବନା ସୃଷ୍ଟି କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା। ଆଧ୍ୟାତ୍ମିକତା କ୍ଷେତ୍ରରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଯୋଗଦାନକୁ ସବୁଦିନ ପାଇଁ ସ୍ମରଣ କରାଯିବ ।

ଏହି ଦୁଃଖଦ ସମୟରେ ମୁଁ ବ୍ରହ୍ମାକୁମାରୀ ପରିବାର ଏବଂ ତାଙ୍କର ଅନୁଗାମୀମାନଙ୍କ ପ୍ରତି ମୋର ସମବେଦନା ଜଣାଉଛି । ତାଙ୍କ ଦିବ୍ୟ ଆତ୍ମାକୁ ସଦଗତି ମିଳୁ ବୋଲି କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ।

ସେହିପରି ରାଜଯୋଗିନୀ କମଳେଶ ଦିଦିଙ୍କ ପରଲୋକରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ୍ସରେ ଏକ ଶୋକବାର୍ତ୍ତାରେ ନବୀନ ଲେଖିଛନ୍ତି ରାଜଯୋଗିନୀ କମଳେଶ ଦିଦିଙ୍କ ପରଲୋକ ବିଷୟରେ ଜାଣି ମୁଁ ଦୁଃଖିତ। ସମାଜରେ ସକାରାତ୍ମକତାର ପ୍ରସାର ସହ ଲୋକଙ୍କ ମାର୍ଗଦର୍ଶନ କରି ଜୀବନରେ ଶାନ୍ତି ଓ ସଦ୍ଭାବନା ବିସ୍ତାର କରିବାରେ ତାଙ୍କର ବହୁମୂଲ୍ୟ ଯୋଗଦାନ ସର୍ବଦା ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଏପରି ଦୁଃଖଦ ସମୟରେ ବ୍ରହ୍ମାକୁମାରୀ ପରିବାର ଏବଂ ଅନୁଗାମୀମାନଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଉଛି।

# ରାଜ୍ୟସ୍ତରୀୟ ଜୟନ୍ତୀରେ ବିନମ୍ର ଶ୍ରଦ୍ଧାଞ୍ଜଳି : ଶହୀଦ ଲକ୍ଷ୍ମଣ ନାଏକ ଥିଲେ ଦେଶବତ୍ସଳ ସଂଗ୍ରାମୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶହୀଦ ଲକ୍ଷ୍ମଣ ନାଏକଙ୍କ ନିର୍ଭୀକତା, ତ୍ୟାଗ ଓ ଜାତିପ୍ରୀତିର ପଟାନ୍ତର ନାହିଁ। ଓଡ଼ିଶାର ତେନ୍ତୁଲିଗୁମାରେ ଜନ୍ମିତ ଏହି ମହାନାୟକ ଜଣେ ବିଚକ୍ଷଣ ଆଦିବାସୀ ନେତା ଥିଲେ ଯିଏକି ଅତ୍ୟାଚାରୀ ବ୍ରିଟିଶ ଶାସନ ବିରୁଦ୍ଧରେ ଏବଂ ନିଜ ସମ୍ପ୍ରଦାୟର ଅଧିକାର ପାଇଁ ସଂଗ୍ରାମ କରିଥିଲେ । ପରାଧୀନତା ଓ ଶୋଷଣ ବିରୁଦ୍ଧରେ ସଂଗ୍ରାମ କରି ସେ ଫାଶୀ ଖୁଣ୍ଟରେ ଝୁଲିଥିଲେ। ଦେଶବତ୍ସଳ ନାମରେ ଅଭିହିତ, ଜନଜାତି ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ ଭାବରେ ସହିଦ ଲକ୍ଷ୍ମଣ ନାୟକ ଅବିସ୍ମରଣୀୟ ରହିବେ ବୋଲି ଶହୀଦ ଲକ୍ଷ୍ମଣ ନାଏକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ଅତିଥିମାନେ ମତପ୍ରଦାନ କରି ମହାନ ସଂଗ୍ରାମୀଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ନିବେଦନ କରିଛନ୍ତି। ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ପରିଷଦର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗର ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଭାରତର ସ୍ୱାଧୀନତା ସଂଗ୍ରାମର ଚିତ୍ର ଓ ଚରିତ୍ର ଅଧ୍ୟୟନ ଓ ଅନୁଶୀଳନ କଲାବେଳେ ଆଦିବାସୀମାନଙ୍କର ମହାନ୍ ଅବଦାନକୁ ଅସ୍ୱୀକାର କରିପାରିବା ନାହିଁ । ୧୯୨୧ ମସିହାରେ ମହାତ୍ମାଗାନ୍ଧୀ ଯେତେବେଳେ ଅସହଯୋଗ ଡାକରା ଦେଲେ, ସେତେବେଳେ ଲକ୍ଷ୍ମଣ ନାଏକଙ୍କ ଆହ୍ୱାନକ୍ରମେ କୋୟା ଓ ବଣ୍ଡା ଆଦିବାସୀମାନେ ଲୁଚିଛପି ବ୍ରିଟିଶ ମାନଙ୍କ ଉପରେ ସଶସ୍ତ୍ର ଆକ୍ରମଣ କରିଥିଲେ । ତାଙ୍କରି ଉଦ୍ୟମ ଫଳରେ କୋରାପୁଟ ଜିଲ୍ଲାରେ ସ୍ୱାଧୀନତା ସଂଗ୍ରାମର ବହ୍ନି ଜଳି ଉଠିଥିଲା । ଲକ୍ଷ୍ମଣ ବ୍ରିଟିଶ ସରକାରଙ୍କ ଅସହଯୋଗ କରିବା ପାଇଁ ଆଦିବାସୀମାନଙ୍କ ନେତୃତ୍ୱ ନେଇଥିଲେ ।୧୯୪୨ ମସିହା ଅଗଷ୍ଟ ୨୧ ତାରିଖରେ ସେ ମାଥିଲିରେ ଏକ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନର ନେତୃତ୍ୱ ନେଇଥିଲେ, ଯେଉଁଠାରେ ପୋଲିସ ବିକ୍ଷୋଭକାରୀଙ୍କ ଉପରେ ଗୁଳି



ଚଳାଇଥିଲା ।ଏଥିପାଇଁ ନାୟକଙ୍କୁ ମିଥ୍ୟା ହତ୍ୟା ଅଭିଯୋଗରେ ୧୯୪୩ ମସିହା ମାର୍ଚ୍ଚ ୨୯ ତାରିଖରେ ଫାଶୀ ଦଣ୍ଡ ଦିଆଯାଇଥିଲା। କହିବାକୁ ଗଲେ ସେ ଥିଲେ କୋରାପୁଟ ଜିଲ୍ଲାରେ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ମହାନାୟକ । ଜନଜାତିଙ୍କ ସ୍ୱାଭିମାନ ଓ ଅସ୍ମିତାର ଅନନ୍ୟ ପ୍ରତୀକ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଇ ଆମେ ସମସ୍ତେ ଗର୍ବିତ । ତାଙ୍କର ମହାନ ଦେଶଭକ୍ତି, ଦେଶ ସେବା ଓ ଜନସେବା ନିମନ୍ତେ ସେ ଚିରଦିନ ପାଇଁ ଅମର ହୋଇ ରହିବେ। ବିଶିଷ୍ଟ ଶିକ୍ଷାବିତ୍ ଏବଂ ସ୍ତମ୍ଭକାର ଡ. ବାସନ୍ତୀ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ ଯେ ମାଲକାନଗିରି ଅଞ୍ଚଳର ଆଦିବାସୀ ମାନଙ୍କ ମଧ୍ୟରେ ସେ ଜଣେ ଲୋକନାୟକ ଭାବରେ ଜଣାଶୁଣା । କୋରାପୁଟ ଜିଲ୍ଲାର ସରଳ, ନିରୀହ, ନିଷ୍କପଟ ଆଦିବାସୀମାନେ ବର୍ବର ଇଂରେଜମାନଙ୍କ ଦ୍ୱାରା ଅନ୍ୟାୟ ଓ ଅତ୍ୟାଚାରରେ ଶୋଷିତ ହେଉଥିଲେ। ସେତେବେଳେ ମହାଜନମାନେ ଆଦିବାସୀମାନଙ୍କୁ ଶୋଷଣ କରୁଥିଲେ ଏବଂ ସେମାନଙ୍କୁ ବେଠି ଖଟାଉ ଥିଲେ । ଏହିସବୁ କାର୍ଯ୍ୟ ଲକ୍ଷ୍ମଣ ନାଏକଙ୍କୁ ବିଶେଷ ବିବ୍ରତ କରିଥିଲା । ସେ ନିଜ ଦେଶୀୟ ଭାଷାରେ ହୃଦୟସ୍ପର୍ଶୀ ଭାଷଣ ଦେଇ ଦେଶପ୍ରେମ ଓ ସ୍ୱାଧୀନତା ବହ୍ନିକୁ ପ୍ରଜ୍ୱଳିତ କରିଥିଲେ । ପରେ ସେ ଆଦିବାସୀମାନଙ୍କୁ ସଙ୍ଗଠିତ କରି ଅନ୍ଧବିଶ୍ୱାସ, ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । ସେ ସରକାରଙ୍କୁ ବିରୋଧ କରିଥିବାରୁ ତାଙ୍କୁ ରାଜଦ୍ରୋହୀ ବୋଲି ଘୋଷଣା କରାଯାଇ ଶେଷରେ ତାଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦିଆ ଯାଇଥିଲା। ଦେଶମାତୃକାର ରକ୍ଷା ପାଇଁ ବୀର ଲକ୍ଷ୍ମଣଙ୍କୁ ଏ ଜାତି ଚିରକାଳ ମନେ ରଖିବ ବୋଲି ଡ଼. ମହାନ୍ତି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ଼. ଅରବିନ୍ଦ ଢ଼ାଲି ଯୋଗଦେଇ କହିଲେ ଯେ ସ୍ୱାଧୀନତା ସଂଗ୍ରାମରେ ଲକ୍ଷ୍ମଣ ନାଏକଙ୍କ ଭୂମିକା ଓଡ଼ିଶାର ଜନଜାତିଙ୍କ ସ୍ୱାଭିମାନକୁ ଋଦ୍ଧିମନ୍ତ କରିଛି । ଶହୀଦ ଲକ୍ଷ୍ମଣ ନାଏକ ପରାଧୀନତା, ଜନଜାତିଙ୍କୁ ଶୋଷଣ, ଅତ୍ୟାଚାର ଏବଂ ନିର୍ଯ୍ୟାତନା ବିରୋଧରେ ସଂଗ୍ରାମ କରିଥିଲେ ବୋଲି ଦର୍ଶାଇ ତାଙ୍କର ଦେଶପ୍ରୀତି ଉତ୍ତରପିଢ଼ିଙ୍କ ଅନୁପ୍ରେରିତ କରୁଥିବ ବୋଲି ଉଲ୍ଲେଖ କରିଥିଲେ । ସମାରୋହରେ ସୂଚନା ଓ ଲୋକସଂପର୍କ ବିଭାଗର ଉପ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ସ୍ୱାଗତ ଭାଷଣ ଅବସରରେ କହିଲେ ଯେ ମାଲକାନଗିରି ଅଞ୍ଚଳର ଆଦିବାସୀମାନଙ୍କ ମଧ୍ୟରେ ସେ ଜଣେ ଲୋକନାୟକ ଭାବରେ ଜଣାଶୁଣା । ସମାଜରେ ସମାନ ଅଧିକାର ଓ ନ୍ୟାୟ ପାଇଁ ତାଙ୍କ ଲଢ଼ାଇ ସଦା ଶ୍ରଦ୍ଧାର ସହ ଉଚ୍ଚାରିତ ହୁଏ। ତାଙ୍କ ବଳିଦାନ ଆଜି ମଧ୍ୟ ଯୁବପିଢ଼ିକୁ ଦେଶପ୍ରେମର ପଥରେ ପ୍ରେରିତ କରି ଆସୁଛି। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ତଥା ସହିଦ ଲକ୍ଷ୍ମଣ ନାୟକଙ୍କ ଫଟୋଚିତ୍ରରେ ପୁଷ୍ପଗୁଚ୍ଛ ଅର୍ପଣ ପରେ ପ୍ରାରମ୍ଭିକ ସଂଗୀତ ପରିବେଷଣ କରା ଯାଇଥିଲା । ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱରର ଉପ ସଭାପତି ଇଂ ଗୋଦାବରୀଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଲୋକ ସମ୍ପର୍କ ଅଧିକାରୀ. ରୋଜାଲିନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଅଶୋକ କୁମାର ବେଉରିଆ, ଜୟଦେବ ଭବନର ଉପ ନିର୍ଦ୍ଦେଶକ ଦିପ୍ତିମୟୀ ମହାପାତ୍ର, ସୂଚନା ଓ ଲୋକସଂପର୍କ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ, ଗଣମାଧ୍ୟମର ପ୍ରତିନିଧି ଏବଂ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସଂସ୍କୃତି ...

ଖାଦ୍ୟ ବିଶ୍ୱ ବଜାର ସୁବିଧା ଉପଲବ୍ଧ କରିବାକୁ ନିକଟ ଅତୀତରେ ଅନ୍ତର୍ଜାତୀୟ ମିଲେଟ କନଭେନସନ ଆୟୋଜନ ହେଉ, ପ୍ରତ୍ୟେକ କ୍ଷେତ୍ରରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଓଡ଼ିଶାର ପ୍ରଗତିଶୀଳ ନୀତିକୁ ସମଗ୍ର ବିଶ୍ୱ ସକାରାତ୍ମକ ଦୃଷ୍ଟିରେ ଦେଖୁଛି ।

୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୨୦୨୫ର ନବମ ଦିବସରେ ଭାରତ ମଣ୍ଡପମ ପରିସରସ୍ଥ ମୁକ୍ତାକାଶ ନାଟ୍ୟଶାଳାରେ ଆୟୋଜିତ ଓଡିଶା ରାଜ୍ୟ ଦିବସ ସମାରୋହର ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ସମାରୋହକୁ ଉଦଘାଟନ କରିବା ସହିତ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁ ପତ୍ରିକା ଦ୍ୱୟର ସ୍ୱତନ୍ତ୍ର ସଂଖ୍ୟାର ଶୁଭ ଉନ୍ମୋଚନ କରିଥିଲେ । ଏଥିସହିତ, ମୁଖ୍ୟମନ୍ତ୍ରୀ ଓଡ଼ିଶା ମଣ୍ଡପ ପରିଦର୍ଶନରେ ଆସି ବିଭିନ୍ନ ବିଭାଗର ଷ୍ଟଲ୍ ଅଧିକାରୀ, ଶିଳ୍ପୀ ଓ ବୁଣାକାରଙ୍କ ସହ ବାର୍ତ୍ତାଳାପ କରି, ଓଡିଶାର ଗୌରବମୟ ଅତୀତକୁ ବଜାୟ ରଖିବା ସହ ଓଡ଼ିଶାକୁ ଆତ୍ମନିର୍ଭର ଓଡ଼ିଶାରେ ପରିଣତ କରିବାକୁ ପରାମର୍ଶ ଦେଇଥିଲେ ।

ରାଜ୍ୟ ଦିବସ ଅବସରରେ, ଭୁବନେଶ୍ୱର ନୂପୁର ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟାଭିନୟ, ଦିଗପହଣ୍ଡି(ଗଞ୍ଜାମ)ର ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ସଂସଦ ତରଫରୁ ପଶୁମୁଖା ନୃତ୍ୟ, ସୁବର୍ଣ୍ଣପୁର ସ୍ଥିତ ରୁମକୁଝୁମାର କଳାକାରମାନଙ୍କ ସମ୍ବଲପୁରୀ ନୃତ୍ୟ, କନ୍ଧମାଳ ଜିଲ୍ଲାର ନୂତନ କଳା ସଂସଦର ଶିଙ୍ଘନୃତ୍ୟ ଏବଂ କଳାହାଣ୍ଡିର ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ଘୁମୁରା ନୃତ୍ୟ ପରିବେଷଣ ହୋଇଥିଲା ।

ଏହି କାର୍ଯ୍ୟକ୍ରମରେ, ସାଂସଦ ପ୍ରତାପ ଷଡଙ୍ଗୀ, ନିରଞ୍ଜନ ବିଶି, ସୁଜିତ କୁମାର, ପୂର୍ବତନ ସାଂସଦ ଅମର ପଟ୍ଟନାୟକଙ୍କ ସମେତ ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ନ୍ୟାୟମୂର୍ତ୍ତି ସାବିତ୍ରୀ ରଥ, ଶିଳ୍ପ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ଶାସନ ସଚିବ ହେମନ୍ତ ଶର୍ମା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ବିଜୟ କେତନ ଉପାଧ୍ୟାୟ, ନୂଆଦିଲ୍ଲୀରେ ଅବସ୍ଥାପିତ ଓଡ଼ିଶାର ପ୍ରମୁଖ ଆବାସିକ ଆୟୁକ୍ତ ବିଶାଲ ଗଗନ, ସ୍ୱତନ୍ତ୍ର ଆବାସିକ ଆୟୁକ୍ତ ରିତୁ ଅରୋରା, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ବୈଷୟିକ ନିର୍ଦ୍ଦେଶକ ଗୁରବୀର ସିଂହଙ୍କ ସହ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ମାଓବାଦୀ...

ସ୍ଥିତ ସିଓବି କ୍ୟାମ୍ପ ଏବଂ ସିଆରପିଏଫ କ୍ୟାମ୍ପକୁ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ଏସଓଜି ଟିମ ଲିଡର, ଡିଭିଏଫ ଯବାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ ।

ଏହି ଅବସରରେ ଉପରୋକ୍ତ ସମସ୍ତ ଜିଲ୍ଲାକୁ ନକ୍ସଲ ମୁକ୍ତ ତଥା ଗଞ୍ଜେଇ ମୁକ୍ତ କରିବାକୁ ସମସ୍ତ ଅଧିକାରୀଙ୍କୁ ଆହ୍ୱାନ ଦେଇଥିଲେ । ଅତୀତରେ ମାଓବାଦୀ ମୁକାବିଲା କ୍ଷେତ୍ରରେ ଜିଲ୍ଲା ପୋଲିସ ସକ୍ରିୟ ଭୂମିକା ଗ୍ରହଣ କରିଥିଲା। ଆଗାମୀ ଦିନରେ ଏହାକୁ ଆହୁରି ଅଧିକ ତ୍ୱରାନ୍ୱିତ କରାଯିବ ବୋଲି ଡିଜିପି ମତବ୍ୟକ୍ତ କରିଥିଲେ। ଏତଦବ୍ୟତୀତ ଜିଲ୍ଲାରେ ନକ୍ସଲ ସମସ୍ୟାକୁ ପ୍ରତିହତ କରିବାକୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ବରିଷ୍ଠ ପୋଲିସ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ବାଂଲାଦେଶୀ ...

କରିଛି ଜଗତସିଂହପୁର ପୁଲିସ । ସିକନ୍ଦରକୁ ଗିରଫ ସହ ତା ପାଖରୁ ଅନେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ସହ ପାସପୋର୍ଟ ଜବତ କରିଛି ପୁଲିସ । ସିକନ୍ଦରକୁ ଗିରଫ ପରେ ଅଜ୍ଞାତ ସ୍ଥାନକୁ ନେଇ ଜେରା କରୁଛି ପୁଲିସ । ସିକନ୍ଦରର ଜଗତସିଂହପୁର ସ୍ଥିତ ଘରେ ଚଢଉ ପରେ ୭ ଦିନ ଧରି ସେ ଫେରାର ଥିଲା । ଜଗତସିଂହପୁର ଥାନା ଅଞ୍ଚଳ ବେହେରାମପୁର ବସ୍ତିରେ ଅନେକ ବାଂଲାଦେଶୀଙ୍କ ଘରେ ବୁଲଡୋଜର ଚଲାଇଛି ପୁଲିସ । ମୁଖ୍ୟ ଅଭିଯୁକ୍ତ ସିକନ୍ଦର ମଧ୍ୟ ସମ୍ପୃକ୍ତ ଅଞ୍ଚଳରେ ରହି ଅନେକ ବାଂଲାଦେଶୀଙ୍କୁ ଆଣିବାରେ ସାହାଯ୍ୟ କରିଥିଲା । ଆଜି ସିକନ୍ଦର ଗିରଫ ପରେ ଅନେକ ତଥ୍ୟ ସାମନାକୁ ଆସିବ ବୋଲି କୁହାଯାଉଛି । ଘଟଣା ପରେ ଜଗତସିଂହପୁର ସମେତ କେନ୍ଦ୍ରାପଡ଼ା, ଭଦ୍ରକ , ଯାଜପୁର , ବାଲେଶ୍ୱର ଜିଲାରେ ବାଂଲାଦେଶୀ ଯାଞ୍ଚ କରୁଛି ପୁଲିସ ।

# ଓ.ପି. ଜିନ୍ଦଲ ସ୍କୁଲରେ ୧୧ତମ ବାର୍ଷିକ ପୁସ୍ତକ ମେଳା ଆୟୋଜିତ

**ଅନୁଗୁଳ, ନ୍ୟୁଜ ବ୍ୟୁରୋ**

ଅନୁଗୁଳର ଓ.ପି. ଜିନ୍ଦଲ ସ୍କୁଲ ପରିସରରେ ୨୧ ଏବଂ ୨୨ ନଭେମ୍ବର ଦୁଇ ଦିନ ଧରି ୧୧ତମ ପୁସ୍ତକ ମେଳା ଆୟୋଜିତ ହୋଇଯାଇଛି । ଜ୍ଞାନ ଓ ସୃଜନଶୀଳତାର ଏହି ଉତ୍ସବରେ ନୂଆ ନୂଆ ବହିର ସମାହାର ସହିତ ନୂଆ ଚିନ୍ତାଧାରା ଓ ଉତ୍ସାହର ଏକ ପରିବେଶ ସୃଷ୍ଟି ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଜିନ୍ଦଲ ଷ୍ଟିଲ ଅନୁଗୁଳର ଜେନେରାଲ ମ୍ୟାନେଜର (ସିଏସଆର) ଜୟନ୍ତ କୁମାର ମହାନ୍ତି ଉଦଘାଟନ କରିଥିଲେ । ଏହି ଅବସରରେ ସେ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟତ୍ରୀ, କର୍ମଚାରୀ ଓ ଅଭିଭାବକମାନଙ୍କୁ ସ୍ୱାଗତ କରିବା ସହ ଶିକ୍ଷା, ସାହିତ୍ୟ ଓ ଅଧ୍ୟୟନର



ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।

ଏହି ପୁସ୍ତକ ମେଳାରେ ଅକ୍ସଫୋର୍ଡ ପ୍ରକାଶନ, ସ୍କଲାଷ୍ଟିକ୍ ଇଣ୍ଡିଆ ଏବଂ ଦି ହିନ୍ଦୁ ଭଳି ଜଣାଶୁଣା ପ୍ରକାଶକଙ୍କ ପୁସ୍ତକ ପ୍ରଦର୍ଶିତ ହୋଇଥିଲା। ଅଧ୍ୟୟନରେ ରୁଚି ରଖୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଏହି ମେଳାରେ ପୁସ୍ତକ ଅନୁସନ୍ଧାନର ପ୍ରଚୁର ବିକଳ୍ପ ଥିଲା। ଗପ ଏବଂ ପାଠ୍ୟପୁସ୍ତକ ପୁସ୍ତକଠାରୁ ଆରମ୍ଭ କରି ପଜଲ୍, ଷ୍ଟେସନାରୀ ଏବଂ ଆକ୍ଟିଭିଟି ପୁସ୍ତକ ପର୍ଯ୍ୟନ୍ତ, ଏହି ମେଳା, ପ୍ରତ୍ୟେକ ଯୁବ ପାଠକ ତଥା ପୁସ୍ତକ ପ୍ରେମୀଙ୍କ ପାଇଁ କିଛି ନା କିଛି ପଢ଼ିବାର ସୁଯୋଗ ଆଣିଦେଇଥିଲା । ସ୍କୁଲର ଅଧକ୍ଷ ଡକ୍ଟର ଅଶ୍ୱିନୀ କୁମାର ସାହୁ, ସମସ୍ତ ଛାତ୍ରଛାତ୍ରୀ, କର୍ମଚାରୀ ଏବଂ ଅଭିଭାବକମାନଙ୍କୁ ସେମାନଙ୍କ ଅଂଶଗ୍ରହଣ ଏବଂ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଥିଲେ। ସେ କହିଥିଲେ ଯେ, ପୁସ୍ତକ ମେଳା ସ୍କୁଲର ଶିକ୍ଷାର୍ଥୀମାନଙ୍କ ପାଇଁ ଅଧ୍ୟୟନ ଏବଂ ସୃଜନଶୀଳତାର ବିକାଶ ପାଇଁ ଏକ ସୁଯୋଗ ଆଣି ଥାଏ । ଶିକ୍ଷା, ସାଧନା ଏବଂ ନୂଆ ନୂଆ ବିଷୟରେ ଜ୍ଞାନ ବଢ଼ାଇବା ପାଇଁ ଓ.ପି. ଜିନ୍ଦଲ ସ୍କୁଲ, ସବୁବେଳେ ପ୍ରୟାସ ଜାରି ରହିଛି, ଯାହା ୧୧ତମ ପୁସ୍ତକ ମେଳାର ସଫଳ ଆୟୋଜନରୁ ସ୍ପଷ୍ଟ ବାରି ହୋଇପଡୁଥିଲା । ସ୍କୁଲର ଶିକ୍ଷକ ଓ ସହକର୍ମୀଙ୍କ ସମର୍ଥନ ଏବଂ ପ୍ରୟାସ ବଳରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇଥିଲା ।

# ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେଉଛନ୍ତି ଏଏମ୍/ ଏସ୍ଏସ୍ ଇଣ୍ଡିଆର କର୍ମଚାରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ନିଜ କାର୍ଯ୍ୟକ୍ଷେତ୍ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରହୁଥିବା ଓଡ଼ିଶାରେ ଯୁବ ଚିନ୍ତାଧାରାକୁ ପ୍ରେରିତ କରିବା ପାଇଁ ଏକ କର୍ମଚାରୀ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ମାଧ୍ୟମରେ ଗୋଷ୍ଠୀ ବିକାଶ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃ ପ୍ରତିପାଦିତ କରିଛି। ଏହି ପଦକ୍ଷେପ ଶିକ୍ଷଣୀୟ, ସୃଜନଶୀଳତା ଏବଂ ସାଂସ୍କୃତିକ ଭାବର ଆଦାନ ପ୍ରଦାନ ଓ କାର୍ଯ୍ୟକଳାପ ମାଧ୍ୟମରେ କର୍ମଚାରୀ ଏବଂ ୨୦୦ରୁ ଅଧିକ ପିଲାଙ୍କୁ ଏକତ୍ରିତ କରିଥିଲା। ପାରାଦ୍ୱୀପରେ ନିମିଡିହିସ୍ଥିତ ଲୋକନାଥ ଶିକ୍ଷାଶ୍ରମରେ ୫୪ ଜଣ ଛାତ୍ରଛାତ୍ରୀ ଓ ସେଠାକାର କର୍ମଚାରୀ ଏବଂ ଏଏମ୍/ଏସ୍ଏସ୍ ଇଣ୍ଡିଆ କର୍ମଚାରୀ ମିଳତ ଭାବେ କେକ୍ କାଟିବା ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏହାପରେ ଏଏମ୍/ଏସ୍ଏସ୍ ଇଣ୍ଡିଆ କର୍ମଚାରୀ ଏବଂ ପିଲାମାନେ ସୃଜନଶୀଳତା ଏବଂ ଦଳଗତ ମନୋଭାବର ନିଦର୍ଶନସ୍ୱରୂପ ନୋଟବୁକ୍ ପ୍ରସ୍ତୁତି କରିଥିଲେ। ଶେଷରେ ଶିକ୍ଷାଶ୍ରମ ପିଲାମାନଙ୍କ ଦ୍ୱାରା









ଏକ ପ୍ରଭାବୀ ସାଂସ୍କୃତିକ ନୃତ୍ୟ ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଏଏମ୍/ଏନ୍ଏସ୍ ଇଣ୍ଡିଆର ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟର ମୁଖ୍ୟ ଶ୍ରୀ ସିଏଚ୍ ହରିପ୍ରସାଦ, ଏଏମ୍/ଏନ୍ଏସ୍ ଇଣ୍ଡିଆର ଫାଇନାନ୍ସ ଏବଂ ଆକାଉଣ୍ଟସ୍ ମୁଖ୍ୟ ସଞ୍ଜୀବେ ସିଂହ, ଏଏମ୍/ଏନ୍ଏସ୍ ପୋର୍ଟସ୍‌ର ଫାଇନାନ୍ସ ବିଭାଗ ମୁଖ୍ୟ ପ୍ରଶାନ୍ତ ବେହେରା ଏବଂ ଲୋକନାଥ ଶିକ୍ଷାଶ୍ରମର ସଚିବ ପ୍ରଦୀପ୍ତ କୁମାର ଭୂୟାଁ ଉପସ୍ଥିତ ଥିଲେ। ଏଏମ୍/ଏନ୍ଏସ୍ ଇଣ୍ଡିଆ ଠାକୁରାଣୀ ଖଣିରେ କର୍ମଚାରୀମାନେ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ବିଜ୍ଞାନ ମଡେଲ୍ ପ୍ରସ୍ତୁତି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । ସେମାନେ ଚୁମ୍ବକୀୟ ଲେଭିଟେସନ୍, ଡ୍ରିଣ୍ଡମିଲ୍, ନ୍ୟୁଟନ୍ସ କଲର୍ ଡିସ୍କ, ଇଲେକ୍ଟ୍ରୋ । ମ୍ୟାଗ୍ନେଟ୍ ଓ କଣ୍ଡକ୍ଟର ଏବଂ ଇନସୁଲେଟର ଉପରେ ୮୨ ଟି ବ୍ୟବହାରିକ ଷ୍ଟେମ୍ ମଡେଲ୍ ପ୍ରସ୍ତୁତ କରିଥିଲେ । ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନକୁ ବ୍ୟବହାରିକ ଉପାୟରେ ବୁଝିବାରେ ସହାୟତା କରିବା, ଗୁରୁତ୍ୱପୂର୍ଣ୍ଣ ଏବଂ ସମସ୍ୟା ସମାଧାନ ସମ୍ପର୍କିତ ଚିନ୍ତାଧାରାକୁ ବିକଶିତ କରିବା ପାଇଁ ଏହି ମଡେଲଗୁଡିକ ନିକଟସ୍ଥ ବିଦ୍ୟାଳୟରେ ବଣ୍ଟନ କରାଯାଇଥିଲା । ଠାକୁରାଣୀ ଖଣିର ଖଣି ପ୍ରବନ୍ଧକ ଶ୍ରୀ ଇନ୍ଦ୍ରକାନ୍ତ ଶାହା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଗଭୀର ଜ୍ଞାନ ଆହରଣ ପାଇଁ ବିଜ୍ଞାନ ପ୍ରକଳ୍ପର ପ୍ରସ୍ତୁତିରେ ଅଂଶଗ୍ରହଣ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହା ବ୍ୟତୀତ, କମ୍ପାନୀର ପାରାଦ୍ୱୀପ ଏବଂ ବଡ଼ବିଲ କାର୍ଯ୍ୟକ୍ଷେତ୍ରରେ କର୍ମଚାରୀ ଏବଂ ସେମାନଙ୍କ ପିଲାମାନଙ୍କ ପାଇଁ କମ୍ପାନୀର ମାନବ ସମ୍ବଳ ବିଭାଗ ଦ୍ୱାରା ଚିତ୍ରାଙ୍କନ, ନୃତ୍ୟ ଏବଂ ସଙ୍ଗୀତ ପ୍ରତିଯୋଗିତା ସହିତ ଆକର୍ଷଣୀୟ ଖେଳ ଆୟୋଜନ କରାଯାଇଥିଲା । ପିଲାମାନଙ୍କୁ ସୃଜନଶୀଳ, ଶିକ୍ଷାଗତ ଏବଂ ସାଂସ୍କୃତିକ କାର୍ଯ୍ୟକଳାପରେ ନିୟୋଜିତ କରି କମ୍ପାନୀ କେବଳ ଯୁବ ଚିନ୍ତାଧାରାର ବିକାଶ କରିନାହିଁ ବରଂ ସ୍ଥାନୀୟ ଗୋଷ୍ଠୀ ସହିତ ଏହାର ସମ୍ପର୍କକୁ ମଧ୍ୟ ଅଧିକ ସୁଦୃଢ଼ କରିଛି। ଏହିପରି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତକାରୀ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ଏହାର କାର୍ଯ୍ୟକ୍ଷେତ୍ରଗୁଡ଼ିକରେ ଏକ ସକାରାତ୍ମକ, ଦୀର୍ଘସ୍ଥାୟୀ ପ୍ରଭାବ ସୃଷ୍ଟି କରିବା ପାଇଁ ଏଏମ୍/ଏନଏସ୍ ଇଣ୍ଡିଆର ବ୍ୟାପକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

# ସୁଦୃଢ଼ ଓ ସୁଗମ ଡାଟା ଇକୋ-ସିଷ୍ଟମ ସୃଷ୍ଟି ପାଇଁ ପ୍ରଯୁକ୍ତିକେନ୍ଦ୍ରିକ ଉନ୍ନତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ଅଧୀନସ୍ଥ ଅର୍ଥନୀତି ଏବଂ ପରିସଂଖ୍ୟାନ ବିଭାଗ ଦ୍ୱାରା ଜାତୀୟ ତଥ୍ୟ ଆର୍କାଇଭ(ଏନଏଡିଏ) ପ୍ଲାଟଫର୍ମ ବ୍ୟବହାର କରାଯାଇ ତଥ୍ୟର ସୁବ୍ୟବସ୍ଥିତ ଭାବେ ସଂରକ୍ଷଣ କରି ରଖିବା(ଡାଟା କାଟାଲଗିଂ) ସଂପର୍କରେ ଦ୍ୱିତୀୟ ପର୍ଯ୍ୟାୟରେ ୫ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ୧୭ରୁ ୨୧ ନଭେମ୍ବର ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଥିଲା। ସରକାରୀ ତଥ୍ୟ(ଡାଟା)ବ୍ୟବହାରକାରୀମାନଙ୍କୁ ଅଧିକ ବ୍ୟବସ୍ଥିତ ଓ ସହଜରେ ଉପଲବ୍ଧ ହେବା ଲକ୍ଷ୍ୟ ରଖି ଏହାକୁ ସୁସଂଗଠିତ ଭାବେ ରଖିବା ଏବଂ ପ୍ରଦାନ କରିବାରେ ରାଜ୍ୟର କ୍ଷମତା ବୃଦ୍ଧି କରିବା ଏହି ପ୍ରଶିକ୍ଷଣର ଉଦ୍ଦେଶ୍ୟ ଥିଲା । ଏହି ପାଞ୍ଚଦିନ ମଧ୍ୟରେ, ଅଂଶ ଗ୍ରହଣକାରୀମାନେ ଅନ୍ତର୍ଜାତୀୟ ବିଶେଷଜ୍ଞ ଶ୍ରୀ ସୋମନାଥ ଶମ୍ଭୁଦାସଙ୍କ ସହଯୋଗରେତଥ୍ୟ ସଂରକ୍ଷଣ ସଂପର୍କିତ ଅଭ୍ୟାସ ଓ କାର୍ଯ୍ୟକରିଥିଲେ । ଶ୍ରୀ ଶମ୍ଭୁଦାସ ଓଡ଼ିଶା ରାଜ୍ୟ ପରିସଂଖ୍ୟାନ ନିର୍ଦ୍ଦେଶାଳୟରେ ଥିବା ଡାଟା ସମୂହ ସଂପର୍କରେ ବିଶ୍ଳେଷଣ କରିବା ସହିତ ସଂରକ୍ଷଣ ସଂପର୍କରେ ପ୍ରଶିକ୍ଷଣ ଦେଇଥିଲେ । ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣକାରୀମାନେ ତଥ୍ୟ ସମୂହକୁ ଏନଏଡିଏ ପ୍ରଣାଳୀ ଅନୁସାରେଡକୁମେଣ୍ଟ କରିବା, ସର୍ବେକ୍ଷଣ ପଦ୍ଧତିର ବର୍ଣ୍ଣନା, ଆବଶ୍ୟକ ସୂଚନା ସହ ଜାତୀୟ ନମୁନା ସର୍ବେକ୍ଷଣ(ଏନଏସ୍ଏସ), ମୂଲ୍ୟ ତଥ୍ୟ (ପ୍ରାଇସ୍ ଷ୍ଟାଟିଷ୍ଟିକ୍ସ), ବାର୍ଷିକ ଶିଳ୍ପ ସର୍ବେକ୍ଷଣ,କ୍ଷୁଦ୍ର ଜଳସେଚନ ଗଣନାଏବଂ ଜଳାଶୟ ଗଣନା ଆଦି ବିଭନ୍ନ ପ୍ରକାର ମାଇକ୍ରୋ ତଥ୍ୟ ପ୍ରକାଶନ ପାଇଁ ମେଟାଡେଟା ପ୍ରସ୍ତୁତି ସମ୍ପର୍କରେ ଶିକ୍ଷାଲାଭ କରିଥିଲେ । ଏହି ପଦକ୍ଷେପ ରାଜ୍ୟର ପରିସଂଖ୍ୟାନ ବ୍ୟବସ୍ଥାରେ ପାରଦର୍ଶିତା, ଦକ୍ଷତା ଏବଂ ଉପଲବ୍ଧତାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । କାର୍ଯ୍ୟକ୍ରମକୁ ପ୍ରଥମ ଦିବସରେ ଅନ୍ୟ ଅତିଥିମାନଙ୍କ ଉପସ୍ଥିତିରେରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ଅତିରିକ୍ତ ଶାସନ ସଚିବ ଶ୍ରୀ ପ୍ରକାଶ ଚନ୍ଦ୍ର ମହାନ୍ତି ଉଦଘାଟନ କରିବା ସହ ସପ୍ତାହ ବ୍ୟାପୀ ପ୍ରଶିକ୍ଷଣ ଉପଲକ୍ଷେ ବିଭିନ୍ନ ପରାମର୍ଶ ଦେଇଥିଲେ । ଡାଟାର ସଠିକ ବ୍ୟାଖ୍ୟା କରାଯାଇ ପ୍ରତ୍ୟେକ ବ୍ୟବହାରକାରୀଙ୍କୁ ସୁବିଧାରେ ଉପଲବ୍ଧ କରାଗଲେ, ତାହା ଅଧିକ ଉପଯୋଗୀଓ ଅର୍ଥପୂର୍ଣ୍ଣ ହୋଇଥାଏ ବୋଲି ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏଥିପାଇଁ ଆବଶ୍ୟକ ଜ୍ଞାନକୌଶଳର ଉପଯୋଗ ସଂପର୍କରେ ଆଲୋଚନା କରାଯାଇଥିଲା । ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶକ ଡଃ. ବିଜୟ ଭୂଷଣ ନନ୍ଦଯୋଗଦେଇ ପ୍ରଶିକ୍ଷଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରି ଗବେଷଣା ଓ ନାଗରିକମାନଙ୍କ ଉପଲବ୍ଧତା ପାଇଁ ସଠିକ୍ ଡାଟା ପ୍ରଦାନ ବ୍ୟବସ୍ଥାର ଜରୁରୀ ଆବଶ୍ୟକତା ସଂପର୍କରେ ଗୁରୁତ୍ୱାରୋପ କରିଥିଲେ । ପରିସଂଖ୍ୟାନ କ୍ଷେତ୍ରରେ ରାଜ୍ୟର କ୍ଷମତା ବୃଦ୍ଧି ପାଇଁ ଏହି ପଦକ୍ଷେପ, ବିଶ୍ୱ ବ୍ୟାଙ୍କ ସମର୍ଥିତ ଓଡ଼ିଶା ରାଜ୍ୟ କ୍ଷମତା ଏବଂ ସ୍ଥିର ବିକାଶ କାର୍ଯ୍ୟକ୍ରମ (ଓଏସସିଆରଜିପି)ର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏହି ପ୍ରଶିକ୍ଷଣରେ ନିବେଶ କରି ରାଜ୍ୟ ସରକାର ସରକାରୀ ତଥ୍ୟକୁ ବିଶ୍ଳେଷଣ କରି ତଥ୍ୟଭିତ୍ତିକ ଯୋଜନା ପ୍ରସ୍ତୁତି ଏବଂ ଜନସାଧାରଣଙ୍କୁ ସୁବିଧା ଓ ସହଜରେ ତାହା ଉପଲବ୍ଧ କରାଇବା ପାଇଁ ଓଡ଼ିଶା ସରକାର ତାଙ୍କର ଲକ୍ଷ୍ୟକୁ ସୁନିଶ୍ଚିତ କରୁଛନ୍ତି । ଏହି କାର୍ଯ୍ୟକ୍ରମର ସଫଳତାର ସହ ଶେଷ ହେବା, ରାଜ୍ୟର ଆଧୁନିକ ତଥ୍ୟ ପରିଚାଳନା ଅଭ୍ୟାସ ଗ୍ରହଣ ପ୍ରତି ରାଜ୍ୟର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ତଥ୍ୟ ପ୍ରସାରଣ ଉଦ୍ୟମରେ ଅଗ୍ରଣୀ ଭୂମିକା ନିର୍ବାହ କରବା ସହ ସରକାରୀ ଡାଟାସମୂହକୁ ପ୍ରକାଶନ ପାଇଁ ଏନଏଡିଏ ପ୍ଲାଟଫର୍ମ ବ୍ୟବସ୍ଥାରେ ପରିଚାଳନା କରିବାରେ ଓଡ଼ିଶା ଦେଶରେ ପ୍ରଥମ ରାଜ୍ୟ ରହିଛି ବୋଲି ରାଜ୍ୟ ଯୋଜନା ଓ ୭ପରିସଂଖ୍ୟାନ ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି। ପ୍ରକାଶ ଥାଉକି, ଓଡ଼ିଶାର ତଥ୍ୟ ପ୍ରସାର ନୀତି ଏବଂ ତାହାର ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ ରହିଥିବା ସହିତ, ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ସରକାରୀ ପରିସଂଖ୍ୟାନ ତଥ୍ୟ ବାଂଟିବାରେ ଏହାର ଆଭିମୁଖ୍ୟ ସ୍ପଷ୍ଟ ରଖିଛି ଏବଂ ଏ କ୍ଷେତ୍ରରେ ରାଜ୍ୟର କ୍ଷମତା ବୃଦ୍ଧି କରିବା ପାଇଁ ପ୍ରତିବଦ୍ଧ ରହିଛି ।

## ପ୍ରଧାନମନ୍ତ୍ରୀ ଚାହିଁଲେ ମହାନଦୀ ବିବାଦର ତୁରନ୍ତ ସମାଧାନ ହୋଇପାରିବ : ଅରୁଣ ସାହୁ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମହାନଦୀ ପ୍ରସଙ୍ଗରେ ପ୍ରତିକ୍ରିୟା ପ୍ରକାଶ କରି ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଚାହିଁଲେ ଏହି ବିବାଦର ତୁରନ୍ତ ସମାଧାନ ହୋଇପାରିବ । ପ୍ରଧାନମନ୍ତ୍ରୀ ଉଭୟ ରାଜ୍ୟକୁ ଡାକିଲେ ଆପୋଷ ସମାଧାନ ହୋଇପାରିବ। ଏହି ସମସ୍ୟା ପ୍ରଧାନମନ୍ତ୍ରୀ ଭଲ ଭାବେ ଜାଣିଛନ୍ତି । ତେଣୁ ଏଥିରେ ବିରୋଧୀଙ୍କ କିଛି ଭୂମିକା ନାହିଁ। ସେହିପରି ବିଜେପି ବିଧାୟକ ଅଗସ୍ତି ବେହେରା କହିଛନ୍ତି ମହାନଦୀ ଜଳ ବିବାଦ ଏକ ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗ । ଏଥିପାଇଁ ଦଳ ମତ ନିର୍ବିଶେଷରେ ସବୁ ଦଳ ଏକାଠି ହେବାର ଆବଶ୍ୟକତା ରହିଛି ।



ଭୁବନେଶ୍ୱର : ଦଳର ସାଙ୍ଗଠନିକ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ସହିତ ଓଡ଼ିଶାର ସ୍ୱାର୍ଥକୁ ପ୍ରାଧାନ୍ୟ ଦେବା ନିମନ୍ତେ, ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଦଳର ରାଜୀନତି ବ୍ୟାପାର କମିଟି ସଦସ୍ୟମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜିତ ହୋଇଯାଇଛି। (ଫଟୋ : ସମ୍ବାଦ କଳିକା)

# ସର୍ବ ଭାରତୀୟ ମିନି କଳିଙ୍ଗ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

**କେନ୍ଦୁଝର, ନ୍ୟୁଜ**

କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ରାଇକଳା ରାଜିଂ ଷ୍ଟାର କ୍ଲବ ଆନୁକୂଲ୍ୟରେ ୧୬ଦଳୀୟ ଦିବାରାତ୍ର ସର୍ବ ଭାରତୀୟ ମିନି କଳିଙ୍ଗ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ରବିବାର ଫାଇନାଲ ହେବାକୁ ଯାଉଥିବାବେଳେ ପ୍ରଥମ ସେମିଫାଇନାଲ ଝୁମ୍ପୁରା ଏବଂ ବନେଇକଳା, ଦ୍ୱିତୀୟ ସେମିଫାଇନାଲ ଶୁଆକାଟି ଏବଂ ରଜିଆ ମଧ୍ୟରେ ଖେଳ ଅନୁଷ୍ଠିତ ହେବ । ଏଥିରେ ଯେଉଁ ଦଳ ଦୁଇଟି ବିଜୟ ହେବେ ସେମାନେ ଫାଇନାଲ ମ୍ୟାଚ ଖେଳିବେ। ମୁଖ୍ୟ ଆକର୍ଷଣ ଭାବେ କଟକ ଓଡ଼ିଶା ପୁଲିସ ଏବଂ ତାରିଣୀ ଫୁଟବଲ୍ ଏକାଡେମୀ କେନ୍ଦୁଝର ମହିଳା ଟିମ୍ ଯୋଗ ଦେଇ ଖେଳ ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ଫାଇନାଲରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏଥି ନିମନ୍ତେ ଭିଡ଼କୁ ଆଖି ଆଗରେ ରଖି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ସହିତ ଦର୍ଶକଙ୍କ ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି ବୋଲି ରାଇଜିଂ ଷ୍ଟାର କ୍ଲବ ଅଧ୍ୟକ୍ଷ ଗଣେଶ୍ୱର ମହାନ୍ତ ସୂଚନା ଦେଇଛନ୍ତି। ସମସ୍ତ ମ୍ୟାଚ ଗୁଡ଼ିକ ଦିନବେଳେ ହିଁ ଖେଳ ହେବ ବୋଲି ଜଣାପଡ଼ିଛି।

ଓଡ଼ିଶା ଅଣ୍ଡୁ (masthead)
ଭୁବନେଶ୍ୱର
୨୩ ନଭେମ୍ବର,
ରବିବାର, ୨୦୨୫
RNI Regd. No. : 52640/94
Postal Regd. No. :
BN/60/25-27

## ଆଶଙ୍କାରେ ଶ୍ରୀଲିଙ୍ଗରାଜଙ୍କ ଓଢ଼ଣ ଷଷ୍ଠୀ ନୀତି

# ସେବାୟତଙ୍କ ଅଭିଯୋଗରେ ମୁଣ୍ଡ ପୂରାଉନି ମନ୍ଦିର ଟ୍ରଷ୍ଟ ବୋର୍ଡ

**ଭୁବନେଶ୍ୱର,୨୨/୧୧**
**ନ୍ୟୁଜ ବ୍ୟୁରୋ**

ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଓଢଣ ଷଷ୍ଠୀକୁ ଆଉ ମାତ୍ର ୪ଦିନ ବାକି ରହିଲା । ହେଲେ ଏଯାଏ ଏହି ନୀତି କିପରି ପାଳନ କରାଯିବ ତା'ର ସ୍ପଷ୍ଟୀକରଣ ମନ୍ଦିର ଟ୍ରଷ୍ଟ ବୋର୍ଡ ରଖୁନାହାନ୍ତି ବୋଲି ପୂଜାପଣ୍ଡା ନିଯୋଗର ସେବାୟତମାନେ କହିଛନ୍ତି। ସେମାନେ କହିଛନ୍ତି, ଠାକୁରଙ୍କ ଓଢଣ ଷଷ୍ଠୀ ନୀତିରେ ଚଳିତ ବର୍ଷ ଘୋଡ଼(ଶୀତ ବସ୍ତ୍ର)ର ଅଧିବାସ (ସଂସ୍କାର)ପୂଜା ହେବ କି ନାହିଁ ତାହା ଆମେ ଜାଣିପାରିଲୁନାହିଁ । ଆମେ ଟ୍ରଷ୍ଟ ବୋର୍ଡର ଆଦେଶ ମୁତାବକ ଅଧିବାସ ପୂଜାର ଗୁରୁତ୍ୱ ଓ ତା' ସମ୍ପର୍କିତ ସମସ୍ତ ଦସ୍ତାବିଜ ସମୟ ପୂର୍ବରୁ ରଖି ସାରିଛୁ



। ଏହା ବ୍ୟତିତ ଏକ ସ୍ୱତନ୍ତ୍ର ଚିଠି ମଧ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉଦ୍ଦେଶ୍ୟରେ ନିଯୋଗ ତରଫରୁ ଲେଖାଯାଇଛି। ଉକ୍ତ ଚିଠିରେ ଉଲ୍ଲେଖ ରହିଛି ଯଦି ଅଧିବାସ ପୂଜାକୁ ଓଢ଼ଣ ଷଷ୍ଠୀରେ ବାଦ୍ ଦିଆଯାଏ ତେବେ ପୂଜାପଣ୍ଡା ନିଯୋଗ ଆଦୌ ସହଯୋଗ କରିବ ନାହିଁ । କିନ୍ତୁ ତା'ର ଜବାବ ଆମେ ଏଯାଏ ପାଇଲୁ ନାହିଁ। ଆମେ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରିବୁ । ପରେ ନିଯୋଗର ପରବର୍ତ୍ତୀ କାର୍ଯ୍ୟପନ୍ଥା କ'ଣ ରହିବ ତାହା ୨୫ ତାରିଖରେ ଜଣାଇ ଦିଆଯିବ ବୋଲି ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା କହିଛନ୍ତି। ଏ ବାବଦରେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି କହିଛନ୍ତି, ଓଢଣ ଷଷ୍ଠୀ ବାବଦରେ ସମସ୍ତ ନଥିପତ୍ର ଟ୍ରଷ୍ଟ ବୋର୍ଡ ଅଧକ୍ଷ ତଥା ଜିଲ୍ଲାପାଳଙ୍କ ନିକଟକୁ ଯାଇସାରିଛି । ଆଶା କରୁଛୁ ସମୟ ପୂର୍ବରୁ ତାହା ଅନୁମୋଦନ ଲାଭ କରିବ।

# ଜଗତର ନାଥଙ୍କ କୃପାରୁ କୋମାରୁ ଉଠି ବସିଲା ପୁଅ

**ପୁରୀ ୨୨/୧୧ ନ୍ୟୁଜ ବ୍ୟୁରୋ**

ଆହେ ଚକାଆଖି...ଆହେ ଚକାଆଖି....ଶୁଖିଲାଣି ତଣ୍ଟି ଡାକି ଡାକି....ସତ କହୁନି କି ମିଛ ମୁଁ କହୁନି...ବାଇଶି ପାହାଚ ତୋର ସାକ୍ଷୀ..ହେ କାଳିଆ ସାଆନ୍ତ ମୋ ପୁଅକୁ ଟିକେ ଚଲେଇ ଦିଅ। ହେ ଜଗନ୍ନାଥ ମୋ ପୁଅକୁ ଭଲ କରିଦିଅ। ସିଂହଦୁଆରେ ହତଭାଗା ବାପାର କରୁଣ ଗୁହାରୀ। ବାରମ୍ବାର କରୁଛି ନିବେଦନ, ଫେରାଇଦିଅ ମୋ ପିଲାର ହସ। ଖାଲିଗୁହାରୀ ନୁହେଁ ତ ଜିଦ୍ ବି, ଯେବେଯାଏଁ ସୁସ୍ଥ ନକରିଛ ଏଠୁ ଇଞ୍ଚିଏ ହଲିବିନି, କି ଘରକୁ ଯିବିନି। କାରଣ ଭାବର ଠାକୁର ସିଏ ଶୁଣିଛି ଭାବର ଭାଷା। ଯେଉଁ ପିଲା ଦିନେ କୋମାରେ ପଡିଥିଲା, ହଲଚଲ ହେଉନଥିଲା, ସେଇ ପିଲା ଏବେ ହାତ ଗୋଡ଼ ହଲଚଲ କରୁଛି। କୋମାରୁ ହେଉଛି



ଧୀରେ ଧୀରେ ସୁସ୍ଥ। ପୁରୀ ବଡ଼ଦାଣ୍ଡର ଏହି ଦୃଶ୍ୟ ଦେଖିଲେ ପ୍ରତ୍ୟେକଙ୍କ ଆଖିରେ ବି ଆସିଯିବ ଲୁହ.... ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଚମତ୍କାର। ଭାବର ଠାକୁର ଶୁଣିଲେ ଭକ୍ତର ଡାକ। କୋମାରେ ଥିବା ଜଣେ ଶିଶୁ ହୋଇଗଲା ସୁସ୍ଥ। ଏ କୁନି ପିଲାଟି ହେଉଛି ପ୍ରକାଶ ଭୋଇଙ୍କ ପୁଅ ନିଖିଳ ଭୋଇ। ସୁଦୂର ରାଜସ୍ଥାନରୁ ଆସିଛନ୍ତି ମହାପ୍ରଭୁଙ୍କ ପାଖକୁ। ପ୍ରକାଶଙ୍କ କହିବା କଥା ବର୍ଷେ ପୂର୍ବରୁ ତାଙ୍କ ପୁଅକୁ ଫିଡ୍ସ ମାରିଥିଲା। ଦୀର୍ଘଦିନ ଧରି ଅହମ୍ମଦାବାଦର ହସ୍ପିଟାଲରେ ପୁଅର ଚିକିତ୍ସା କରାଉଥିଲେ। କିନ୍ତୁ ପୁଅର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିବା ବଦଳରେ ଅବନତି ଘଟିଲା। ଡାକ୍ତର ମଧ ହାତ ଟେକି ଦେଲେ। ପୁଅକୁ ହସ୍ପିଟାଲରୁ ନେଇଯିବା ପାଇଁ ଡାକ୍ତର ପରାମର୍ଶ ଦେଲେ। ଯେଉଁଠି ଡାକ୍ତର ଫେଲ୍ ମାରିଗଲେ ସେଇଠି ପ୍ରକାଶ ମହାପ୍ରଭୁଙ୍କ ଶରଣରେ ଆସିବା ପାଇଁ ମନ ବଳାଇଲେ। ଗତ କିଛି ଦିନ ପୂର୍ବେ ଅସୁସ୍ଥ ପୁଅକୁ ଶ୍ରୀମନ୍ଦିର ଆଣି ମହାପ୍ରଭୁଙ୍କ ପାଖରେ ସମର୍ପି ଦେବା ସହ ପୁଅର ଜୀବନ ଭିକ୍ଷା ପାଇଁ ଠାକୁରଙ୍କ ପାଖରେ ନେହୁରା ହୋଇଥିଲେ। ଆଉ ସେହି ସମୟରେ ଦେଖିବାକୁ ମିଳିଥିଲା ମହାପ୍ରଭୁଙ୍କର ଚମତ୍କାର। କୋମାରେ ଥିବା ନିଖିଳ ହାତଗୋଡ଼ ହଲାଇବା ସହ ଆଖି ଖୋଲି ଚକା ଆଖିକୁ ଚାହିଁଥିଲେ। ମହାପ୍ରଭୁଙ୍କର ଏଭଳି ଚମତ୍କାର ଦେଖି ସମସ୍ତେ ଭାବ ବିଭୋର ହୋଇ ପଡିଥିଲେ। ତେଣୁ ପୁଅର ସ୍ୱାସ୍ଥ୍ୟାବସ୍ଥାରେ ଧିରେ ଧିରେ ସୁଧାର ଆସୁଥିବାରୁ ଶନିବାର ପୁଣିଥରେ ପ୍ରକାଶ ନିଜ ଅସୁସ୍ଥ ପୁଅକୁ ମହାପ୍ରଭୁଙ୍କ ନିକଟକୁ ଆଣି ଆସିଥିବା କହିଛନ୍ତି।

## ବିଧାନସଭା ପରିସରରେ ଶହୀଦ ଲକ୍ଷ୍ମଣ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି

# ଶହୀଦଙ୍କ ତ୍ୟାଗ, ସାହସ ଓ ଦେଶପ୍ରେମକୁ କରାଗଲା ସ୍ମରଣ



**ଭୁବନେଶ୍ୱର, ୨୨/୧୧**
**ନ୍ୟୁଜ ବ୍ୟୁରୋ**

ବିଧାନସଭା ପରିସରରେ ଶହୀଦ ଲକ୍ଷ୍ମଣ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଶନିବାର ସକାଳ ସାଢେ ୯ଟାରେ ବିଧାନସଭା ପାର୍ଶ୍ୱ ଏକ ନମ୍ବର ଗେଟ୍ ନିକଟସ୍ଥ ତାଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢୀ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗର ଉପ-ନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ, ଶବରୀ ସାଂସ୍କୃତିକ ସଂସଦର ସମ୍ପାଦକ ନୀଳମାଧବ ଦାସ, ସାଧାରଣ ସମ୍ପାଦକ ଇଂ. ଗୋଦାବରୀଶ ମହାପାତ୍ର, ପୂର୍ବତନ ସଭାପତି ଅରବିନ୍ଦ ଡାଲି ଏବଂ ଅନ୍ୟାନ୍ୟ କର୍ମକର୍ତ୍ତାମାନଙ୍କ ସହ ବିଭିନ୍ନ ସାମାଜିକ ସଂଗଠନର ପ୍ରତିନିଧିମାନେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେହିପରି ସକାଳ ୮ଟାରେ ଭୁବନେଶ୍ୱର ଆଦିବାସୀ ପଡ଼ିଆରେ ଏବଂ ୮.୩୦ରେ କଳିଙ୍ଗ ହସ୍ପିଟାଲ ଛକସ୍ଥିତ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ବିଭାଗୀୟ ଅଧିକାରୀ ଓ ଶବରୀ ସାଂସ୍କୃତିକ ସଂସଦର କର୍ମକର୍ତ୍ତାମାନେ ମାଲ୍ୟାର୍ପଣ କରିଥିଲେ। ଏହି ସବୁ କାର୍ଯ୍ୟକ୍ରମରେ ଶହୀଦଙ୍କ ତ୍ୟାଗ, ସାହସ ଓ ଦେଶପ୍ରେମକୁ ସ୍ମରଣ କରାଯାଇଥିଲା। ୧୮୯୯ ମସିହା ନଭେମ୍ବର ୨୨ରେ ଅବିଭକ୍ତ କୋରାପୁଟ ଜିଲ୍ଲାର ମାଲକାନଗିରି ଉପଖଣ୍ଡସ୍ଥିତ ବଣପାହାଡ଼ ଘେରା ତେନ୍ତୁଳୀଗୁମ୍ମା ଗ୍ରାମରେ ଲକ୍ଷ୍ମଣ ନାୟକ ଜନ୍ମଗ୍ରହଣ କରିଥିଲେ। ସମଗ୍ର ଆଦିବାସୀ ସମାଜର ଗୌରବ, ମାତୃଭୂମିର ପରମ ପୂଜକ, ବୀର ଓ ମହାତ୍ମା ଗାନ୍ଧୀଙ୍କ ପଟ୍ଟଶିଷ୍ୟ ଶହୀଦ ଲକ୍ଷ୍ମଣ ନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ଶନିବାର ବିଭିନ୍ନ ସ୍ଥାନରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ପୂର୍ବକ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## କିମ୍ସ ଜାତୀୟ ସମ୍ମିଳନୀ-୨୦୨୫

# ଡା. ଶିବାନନ୍ଦ ମହାନ୍ତିଙ୍କୁ ପ୍ରଥମ 'ହିରୋ' ପୁରସ୍କାର

**ଭୁବନେଶ୍ୱର, ୨୨।୧୧**
**ନ୍ୟୁଜ ବ୍ୟୁରୋ**

କିମ୍ସ ଜାତୀୟ କନକ୍ଲେଭର ଦ୍ୱିତୀୟ ସଂସ୍କରଣ ଶନିବାର ଅନୁଷ୍ଠିତ ହୋଇଯାଇଛି । ଦିବସ ବ୍ୟାପୀ ଏହି କାର୍ଯ୍ୟକ୍ରମରେ ଚିକିତ୍ସା, ଜନସ୍ୱାସ୍ଥ୍ୟ, ଜୈବଚିକିତ୍ସା ନବସର୍ଜନା, ସ୍ୱାସ୍ଥ୍ୟସେବା ନୀତି ଏବଂ ଚିକିତ୍ସା ଶିକ୍ଷା ଆଦି କ୍ଷେତ୍ରରୁ ଭାରତର ବହୁ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ଓ ବିଶେଷଜ୍ଞ ଯୋଗ ହୋଇଥିଲେ। ଚଳିତବର୍ଷ ସମ୍ମିଳନୀର ବିଷୟବସ୍ତୁ ଥିଲା- 'ନିଉଅର ହରିଜନ୍ସ, ନିଉଅର କନ୍‌ସେପ୍ଟସ, ନିଉଅର ଇନୋଭେସନ୍ସ'। ଏହି କାର୍ଯ୍ୟକ୍ରମରେ ୫ଶହରୁ ଊର୍ଦ୍ଧ୍ୱ ଡାକ୍ତରୀ ଓ ସ୍ୱାସ୍ଥ୍ୟସେବାର ଅନ୍ୟାନ୍ୟ କ୍ଷେତ୍ରର ଛାତ୍ରଛାତ୍ରୀ, ଅଧ୍ୟାପକମାନେ ଯୋଗ ଦେଇଥିଲେ। ସମସ୍ତଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା, ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା, ସ୍ଥାନୀୟ ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ଗବେଷଣା, ଗବେଷଣା ଲବ୍ଧ ଜ୍ଞାନକୁ କିପରି ଲୋକଙ୍କ ଉପକାରରେ ଲଗାଯାଇପାରିବ,



ସ୍ଥାନୀୟ ସମ୍ବଳ ଏବଂ କମ୍ ଖର୍ଚ୍ଚରେ କିପରି ଗବେଷଣା କରାଯାଇପାରିବ, ସାଧାରଣ ଲୋକଙ୍କୁ କମ୍ ଖର୍ଚ୍ଚରେ ସୁବିଧାରେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଆଦି ଯୋଗାଇ ଦେବା ବିଷୟରେ ବିଶେଷଜ୍ଞମାନେ ସେମାନଙ୍କ ମତ ପ୍ରଦାନ କରିଥିଲେ। ଏହା ବ୍ୟତୀତ ଚିକିତ୍ସା କ୍ଷେତ୍ରରେ ନବସର୍ଜନା, କୋଷୀୟ ବିଜ୍ଞାନ ଏବଂ କ୍ଲିନିକାଲ୍ ବିଜ୍ଞାନକୁ ଗବେଷଣା ମାଧ୍ୟମରେ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣିବା ଦିଗରେ ଏକତ୍ରିତ ହୋଇପାରିବ ସେ ନେଇ ମଧ ଆଲୋଚନା ହୋଇଥିଲା। ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ମୁକାବିଲା ଓ ମାତୃ ଯତ୍ନକୁ ସୁଦୃଢ଼ କରିବାରେ ଉଲ୍ଲେଖନୀୟ ପ୍ରୟାସ ପାଇଁ ଡା ଶିବାନନ୍ଦ ମହାନ୍ତିଙ୍କୁ କିମ୍ସ ପକ୍ଷରୁ ପ୍ରଥମ 'ହେଲ୍‌ଥ ଏମ୍‌ପାୱାରମେଣ୍ଟ ଇନ୍ ରୁରାଲ୍ ଓଡ଼ିଶା' (ହିରୋ) ପୁରସ୍କାର ପ୍ରଦାନ କରାଯାଇଥିଲା। ଡା. ମହାନ୍ତିଙ୍କ ନିରନ୍ତର କ୍ଷେତ୍ର ସମ୍ପର୍କ, ଜନକେନ୍ଦ୍ରିତ ହସ୍ତକ୍ଷେପ ଓ ଦୀର୍ଘକାଳୀନ ପ୍ରତିବଦ୍ଧତା ଓଡ଼ିଶାର ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାରେ ଉଲ୍ଲେଖନୀୟ ଉନ୍ନତି ଆଣିବାରେ ସହାୟକ ହୋଇପାରିଛି। ଏହି କାର୍ଯ୍ୟକ୍ରମରେ ଆଇସିଏମ୍‌ଆରର ମହାନିର୍ଦ୍ଦେଶକ ତଥା ସ୍ୱାସ୍ଥ୍ୟ ଗବେଷଣା ବିଭାଗ ସଚିବ ଡା ରାଜୀବ ବାହାଲ, ସ୍ୱାସ୍ଥ୍ୟସେବାର ଭବିଷ୍ୟତ, ଗ୍ରାମୀଣ ସ୍ୱାସ୍ଥ୍ୟ ସଶକ୍ତିକରଣ ଓ ଗବେଷଣା ଜନିତ କ୍ଲିନିକାଲ୍ ଅଭ୍ୟାସର ଭବିଷ୍ୟତ ଉପରେ ମତ ରଖିଥିଲେ । କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଲେ, କିମ୍ସ ମୁଖ୍ୟତଃ ଗରିବ ଲୋକଙ୍କ ସେବା ପାଇଁ କାମ କରୁଛି। ଓଡ଼ିଶାର ଗ୍ରାମାଞ୍ଚଳ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟରେ କିମ୍ସ ତା'ର ପ୍ରୟାସ ଜାରି ରଖିଛି ବୋଲି ଡ. ସାମନ୍ତ କହିଥିଲେ।

ସେହିପରି କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ତଥା ବିଶିଷ୍ଟ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ପ୍ରଫେସର ସୁବ୍ରତ ଆଚାର୍ଯ୍ୟ ଚିକିତ୍ସା ଗବେଷଣା କିମ୍ସ ମିଶନର କେନ୍ଦ୍ରବିନ୍ଦୁ ବୋଲି କହିଥିଲେ। ଗବେଷଣା ଲବ୍ଧ ଜ୍ଞାନ କିପରି ଲୋକଙ୍କ ନିକଟରେ ପହଞ୍ଚି ପାରିବ ତାହା ଆମର ଦାୟିତ୍ୱ। କେବଳ ଚିକିତ୍ସା କରିବା ନୁହେଁ ବରଂ ଏହି ଜ୍ଞାନକୁ ଉପଯୋଗ କରି ସ୍ୱାସ୍ଥ୍ୟସେବାକୁ ଆହୁରି ଉନ୍ନତ କରାଯାଇପାରିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆପୋଲୋ କର୍କଟ କେନ୍ଦ୍ର ହେମାଟୋ-ଅଙ୍କୋଲୋଜି ଏବଂ ଅସ୍ଥି ମଜ୍ଜା ପ୍ରତିରୋପଣ ବିଭାଗୀୟ ମୁଖ୍ୟ ଡା ଭେଲୁ ନାୟାର, ଚେନ୍ନାଇସ୍ଥିତ ଏମଜିଏମ ସ୍ୱାସ୍ଥ୍ୟ ସେବାର ହୃଦ୍ ଏବଂ ଫୁସଫୁସ୍ ପ୍ରତିରୋପଣ ପ୍ରତିଷ୍ଠାନର ଅଧକ୍ଷ ଡା. କେ. ଆର. ବାଲକୃଷ୍ଣନ୍, ମୋହନ ଫାଉଣ୍ଡେସନର ପ୍ରତିଷ୍ଠାତା ଡା ସୁନୀଲ ଶ୍ରଫ, ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଲିଭର ଆଣ୍ଡ ଡାଇଜେଷ୍ଟିଭ୍ ସାଇନ୍ସେସ୍‌ର ପ୍ରଫେସର ଅଭିଜିତ ଚୌଧୁରୀ, ପବ୍ଲିକ୍ ହେଲ୍‌ଥ ଫାଉଣ୍ଡେସନ୍ ଅଫ୍ ଇଣ୍ଡିଆର ପ୍ରତିଷ୍ଠାତା ସଭାପତି ଡା. କେ. ଶ୍ରୀନାଥ ରେଡ୍ଡୀ, ସେଣ୍ଟର ଫର ବାୟୋମେଡିକାଲ୍ ରିସର୍ଚ୍ଚର ନିର୍ଦ୍ଦେଶକ ପ୍ରଫେସର ଆଲୋକ ଧାୱନ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ସିବିକେ ମହାନ୍ତି, କିମ୍ସ ମହାନିର୍ଦ୍ଦେଶକ ଡା. ଅଜିତ ମହାନ୍ତି, କିମ୍ସ ମେଡିକାଲ ଅଧକ୍ଷ ପ୍ରଫେସର ଆର ସି ଦାସ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ସେବାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ।

# କୋଣାର୍କ ସୂର୍ଯ୍ୟ ମନ୍ଦିର ବୁଲି ଦେଖିଲେ ବ୍ରାଜିଲ ମୁଖ୍ୟ ବିଚାରପତି

**କୋଣାର୍କ, ୨୨/୧୧ ନ୍ୟୁଜ ବ୍ୟୁରୋ**

ଶନିବାର ପୂର୍ବାହ୍ନରେ ବ୍ରାଜିଲର ମୁଖ୍ୟ ବିଚାରପତି କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଭ୍ରମଣ କରିଥିବା ଜଣାପଡିଛି। ମୁଖ୍ୟ ବିଚାରପତି ଆଣ୍ଟୋନିଅ ହରମାନ ବୋଞ୍ଜାମିନ କୋଣାର୍କରେ ପହଞ୍ଚିବାପରେ ଗାଇଡ ବିଶେଶ୍ୱର ଦାଶ ସୂର୍ଯ୍ୟମନ୍ଦିରର ଐତିହାସିକ ତଥ୍ୟ ବୁଝାଇବା ସହ ମନ୍ଦିରର ସୂକ୍ଷ୍ମ କଳାକୃତୀକୁ ଦେଖାଇଥିଲେ। କୋଣାର୍କ ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ସେ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଥିଲେ। ତାଙ୍କର ଏହି ଗସ୍ତ ସମୟରେ ଅତିରିକ୍ତ ଜିଲ୍ଲାପାଳ ଶରତ ବେହେରା, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। କୋଣାର୍କ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରାଯାଇଥିଲା। ସୂର୍ଯ୍ୟମନ୍ଦିର ପରିଦର୍ଶନ କରି ସେ ପୁରୀ ଅଭିମୁଖେ ଯାତ୍ରା କରିଥିଲେ।



# ଦେଶୀ ଧାନ ଗବେଷଣା କେନ୍ଦ୍ରରେ ମୁଖ୍ୟ ଶାସନ ସଚିବ, ଗୋଷ୍ଠୀ ଦେଶୀ ବିହନ ବ୍ୟାଙ୍କକୁ କଲେ ଉଦ୍‌ଘାଟନ

**ନିଆଳି, ୨୨/୧୧**
**ନ୍ୟୁଜ ବ୍ୟୁରୋ**

କଟକ ଜିଲ୍ଲା ନିଆଳି ସ୍ଥିତ ପୂର୍ବଖଣ୍ଡ ମୌଜାରେ ରାଜେନ୍ଦ୍ର ଦେଶୀ ଧାନ ଗବେଷଣା କେନ୍ଦ୍ରକୁ ପରିଦର୍ଶନ କରି ଗୋଷ୍ଠୀ ଦେଶୀ ବିହନ ବ୍ୟାଙ୍କକୁ ଉଦ୍‌ଘାଟନ କରିଛନ୍ତି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା। ଗ୍ରାମାଞ୍ଚଳରେ ଦେଶୀ ଧାନ ଗବେଷଣା କେନ୍ଦ୍ର ଦେଖି ଖୁସି ପ୍ରକାଶ କରିବା ସହିତ ଜୈବିକ ପଦ୍ଧତି ଧାନ ଚାଷ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଦେଶୀ ଧାନ ଚାଉଳ ବିକ୍ରି ପାଇଁ ଓରମାସକୁ ସାମିଲ କରାଯିବ ବୋଲି କହିଛନ୍ତି ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା। ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା କହିଛନ୍ତି, 'ପ୍ରଧାନମନ୍ତ୍ରୀ ପ୍ରାକୃତିକ କ୍ଷତି ଉପରେ ଜୋର ଦେଉଛନ୍ତି। ଭାରତ ସରକାର ପ୍ରାକୃତିକ କ୍ଷତି ନେଇ ଏକ ଯୋଜନା ଆରମ୍ଭ କରିଛନ୍ତି ମଧ। ନଟବର ଷଡ଼ଙ୍ଗୀଙ୍କ ଉଦ୍ୟମରେ ନିଆଳି ବ୍ଲକ ପୂର୍ବଖଣ୍ଡ ମୌଜାରେ ରାଜେନ୍ଦ୍ର ଧାନ ଗବେଷଣା କେନ୍ଦ୍ର ସେହି ଉପରେ ଆଧାରିତ। ଭାରତରେ ଏବେ ଯେଉଁ ଧାନ ଉତ୍ପାଦନ କରାଯାଉଛି ସେଥିରେ ବହୁ ପରିମାଣରେ ରସାୟନିକ ସାର ବ୍ୟବହାର ହେଉଛି । ଅଧିକ ରସାୟନିକ ସାର ବ୍ୟବହାର ଦ୍ୱାରା ଏହାର କୁପ୍ରଭାବ ପଡୁଛି । ପୁରୁଣା ପ୍ରଣାଳୀ ମାଧ୍ୟମରେ ଯେଉଁ ଉଦ୍ୟମ ହୋଇଛି ଏହା ପ୍ରଶଂସନୀୟ। ରସାୟନିକ ସାରକୁ ବାଦ ଦେଇ ଜୈବିକ ପଦ୍ଧତିରେ କ'ଣ ସବୁ ବ୍ୟବହାର ହୋଇପାରିବ ରାଜେନ୍ଦ୍ର ଗବେଷଣା



କେନ୍ଦ୍ର ଠାରୁ ଶିଖି ହେବ । ଦେଶୀ ଧାନ ଚାଷ ସମ୍ବନ୍ଧୀୟ ସମସ୍ତ ଜ୍ଞାନକୌଶଳ ଏଠାରେ ଉପଲବ୍ଧ ରହିଛି। ଏହାକୁ ବଢାଇବାକୁ ପଡିବ। ବିହନ ରଖି ପାରିବେ ଏବଂ ଚାଷୀମାନେ ଏଠାରେ ସମସ୍ତ ଚାଷ ସମ୍ପର୍କରେ ତାଲିମ ନେଇ ପାରିବେ । 'ଅଧିକ ଅମଳ ଆଶାରେ ରସାୟନିକ ସାର ବ୍ୟବହାର ଚାଷ କରିବା ଦ୍ୱାରା କୁପ୍ରଭାବ ପଡୁଛି, କିନ୍ତୁ ଦେଶୀ ଧାନ ଚାଷ କଲେ ସମୟ ଲାଗିବ ପରବର୍ତ୍ତୀ ସମୟରେ ଉତ୍ପାଦନ ବଢିବ। ଚାଷୀ ଓ ଲୋକ ମାନେ ସଚେତନ ହୋଇଗଲେ ଏହା ସମ୍ଭବ ହୋଇପାରିବ। ଏଠାରେ ଏକ ହଜାରରୁ ଅଧିକ ଚାଷୀ ସାମିଲ ଅଛନ୍ତି ଏବଂ ଜୈବିକ ପଦ୍ଧତିରେ ଦେଶୀ ଧାନ ଚାଷ କରୁଛନ୍ତି। ଆଗାମୀ ଦିନରେ 'ଓରମାସ'କୁ ନେଇ ଦେଶୀ ଧାନର ଚାଉଳକୁ ବ୍ରାଣ୍ଡିଂ କରି ବଜାରରେ ବିକ୍ରି ଉପରେ ଗୁରୁତ୍ୱ ଦେଇଛନ୍ତି । ଆଗାମୀ ଦିନରେ ଦେଶୀ ଧାନ ଅଧିକ ଦାମରେ ବିକ୍ରି ହୋଇପାରିବ। ରାଜେନ୍ଦ୍ର ଦେଶୀଧାନ ଗବେଷଣା କେନ୍ଦ୍ରରେ ପାଞ୍ଚ ଶହରୁ ଅଧିକ ଦେଶୀ ଧାନ ବିହନ ମୁଁ ଦେଖିବା ପାଇଁ ପାଇଛି ବୋଲି କହିଛନ୍ତି ମୁଖ୍ୟ ଶାସନ ସଚିବ । ରାଜେନ୍ଦ୍ର ଦେଶୀଧାନ ଗବେଷଣା କେନ୍ଦ୍ର ସହାୟକ ଯୁବରାଜ ସ୍ୱାଇଁ କହିଛନ୍ତି,' ଆମ ରାଜେନ୍ଦ୍ର ଦେଶୀ ଧାନ ଗବେଷଣା କେନ୍ଦ୍ର ପକ୍ଷରୁ ନିର୍ମିତ ସିଡି ବ୍ୟାଙ୍କ (ଦେଶୀ ବିହନ ବ୍ୟାଙ୍କ)ରେ ସବୁ ଦେଶୀ ଧାନ ସଂରକ୍ଷଣ ହେବ । ଆମର ପାଞ୍ଚ ଦେଶୀ ଧାନ ବିହନ ସଂରକ୍ଷଣ ରହିବା ସହିତ ଏକ କମ୍ୟୁନିଷ୍ଟ ସିଡି ବ୍ୟାଙ୍କ ଭାବରେ ବାଲିଘାଟ ଓ ନିଆଳି ବ୍ଲକର ଦେଶୀ ଧାନ ଚାଷୀମାନେ ସେମାନେ ସେମାନଙ୍କ ଦେଶୀ ଧାନ ବିହନ ରଖି ପାରିବେ ଏବଂ ପରବର୍ତ୍ତୀ ସମୟରେ ସେମାନେ ନେଇ ତାଙ୍କ ଧାନ ଜମିରେ ପ୍ରୟୋଗ କରିପାରିବେ। ଆମ ସହିତ ଦେଢ ହଜାରରୁ ଊର୍ଦ୍ଧ୍ୱ ଚାଷୀ ସାମିଲ ଅଛନ୍ତି ଏବଂ ଜୈବିକ ପଦ୍ଧତିରେ ଧାନ ଚାଷ କରୁଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପରିଦର୍ଶନ କରିବା ସହିତ ସିଡି ବ୍ୟାଙ୍କକୁ ଦେଶୀ ଧାନ ଚାଷୀମାନଙ୍କର ଉଦ୍ଦେଶ୍ୟରେ ଉଦ୍‌ଘାଟନ କରି ଖୁସି ବ୍ୟକ୍ତି କରିଛନ୍ତି। ନିଆଳି ପଞ୍ଚାୟତ ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସିଂ ଓ ବାଲିପାଟଣା ବ୍ଲକ ଜିଲ୍ଲାପରିଷଦ ସଭ୍ୟ ପବିତ୍ର ମୋହନ ପଟେଲ ମୁଖ୍ୟ ଶାସନ ସଚିବଙ୍କ ଦେଶୀ ଧାନ ଚାଷ ଓ ଗବେଷଣା କେନ୍ଦ୍ର ପରିଦର୍ଶନ ସମୟରେ ଉପସ୍ଥିତ ରହି ପ୍ରତ୍ୟେକ କାର୍ଯ୍ୟକୁ ସମ୍ପାଦନ କରିଥିଲେ।

## କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

# ଓଡ଼ିଶାରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ନେଇ କଲେ ଆଲୋଚନା



**ଭୁବନେଶ୍ୱର,୨୨।୧୧ ନ୍ୟୁଜ ବ୍ୟୁରୋ**

ବିଜେପି ରାଷ୍ଟ୍ରୀୟ ଅଧକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କୁ ନୂଆଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭେଟିଛନ୍ତି। ଓଡ଼ିଶାରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି ଓ ଭବିଷ୍ୟତର କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଶ୍ରୀ ନଡ୍ଡାଙ୍କ ଦୂରଦୃଷ୍ଟି ସମ୍ପନ୍ନ ମାର୍ଗଦର୍ଶନ ଅଧିକ ଉତ୍ସାହ ସହ କାର୍ଯ୍ୟ କରିବା ପାଇଁ ଆମକୁ ପ୍ରେରଣା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏକ୍ସରେ ଉଲ୍ଲେଖ କରିଛନ୍ତି ।

# ଜାନୁଆରୀରେ ବିକ୍ରି ହେବ ଏକାମ୍ର ରେସିଡେନ୍ସି : ଛାତ ଉପରେ ସ୍ୱିମିଂ ପୁଲ୍, କ୍ୟାମ୍ପସ୍‌ରେ ମଲ୍

**ଭୁବନେଶ୍ୱର, ୨୨/୧୧**
**ନ୍ୟୁଜ ବ୍ୟୁରୋ**

ସୁବୁଦ୍ଧିପୁରର ୭.୩୬ ଏକରରେ ବିଡିଏ ତିଆରି କରିଛି ନଭଶ୍ଚୁମ୍ବୀ ଟାୱାର । ଛାତ ଉପରେ ସ୍ୱିମିଂ ପୁଲ୍, ଫିଟ୍‌ନେସ୍ ସେଣ୍ଟର, ମଲ୍ ଓ ଅନ୍ୟାନ୍ୟ ବ୍ୟବସାୟିକ ସ୍ଥାନ, ବିସ୍ତୃତ ସବୁଜିମା ଭରା ଖୋଲା ସ୍ଥାନ ଭଳି ଖଞ୍ଜାଯାଇଛି ଅନେକ ସୁବିଧା। ୧୪ ମହଲାର ଏହି ସୁଦୃଶ୍ୟ 'ଏକାମ୍ର ରେସିଡେନ୍ସି'କୁ ବିକ୍ରି ପାଇଁ କସରତ ଆରମ୍ଭ କରିଛି ବିଡିଏ। ଜାନୁଆରୀ ସୁଦ୍ଧା ଏହାର ଫ୍ଲାଟ ଆବଣ୍ଟନ କରି ରାଜଧାନୀବାସୀଙ୍କୁ ଉପହାର ଦେବାକୁ ଯୋଜନା ହୋଇଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ୧୫୧ତମ କର୍ତ୍ତୃପକ୍ଷ ବୈଠକ ବସିଥିଲା । ବିଡିଏ ଅଧକ୍ଷ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ




ଅଧକ୍ଷତାରେ ବସିଥିବା ଏହି ବୈଠକରେ ଏକାମ୍ର ରେସିଡେନ୍ସି ଆବାସ ପ୍ରକଳ୍ପ ଆବଣ୍ଟନ ନେଇ ଆଲୋଚନା ହୋଇଛି। ଉଚ୍ଚ ଆୟ ବର୍ଗକୁ ଆଖି ଆଗରେ ରଖି ସୁବୁଦ୍ଧିପୁରରେ ଏହି ଆବାସିକ ପ୍ରକଳ୍ପ ତିଆରି ହୋଇଛି। ଏଥିରେ ୩ଟି ଟାୱାର ରହିଛି । ବେସମେଣ୍ଟ ଓ ତଳ ମହଲାକୁ ଛାଡ଼ି ମୋଟ ୧୨ ମହଲା ବିଶିଷ୍ଟ ଟାୱାରରେ ୪୧୬ଟି ୨- ବିଏଚକେ ଓ ୨୮୮ଟି ୩-ବିଏଚକେ ଫ୍ଲାଟ୍ ରହିଛି । ଏବେସୁଦ୍ଧା ଫ୍ଲାଟର ମୂଲ୍ୟ ନିର୍ଦ୍ଧାରିତ ହୋଇନି । ଏହାର ମୂଲ୍ୟ ୫୦ଲକ୍ଷରୁ ନେଇ ୭୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିପାରେ । ପ୍ରକଳ୍ପ ଭିତରେ କମ୍ୟୁନିଟି ହଲ, ୱାକିଂ ଟ୍ରାକ୍ ବା ପାଦଚଲା ରାସ୍ତା, ବାଣିଜ୍ୟିକ ଅଞ୍ଚଳ, ଶିଶୁଙ୍କ ପାଇଁ ଖେଳପଡ଼ିଆ, ଫିଟନେସ୍ ସେଣ୍ଟର, ସବୁଜ ଶକ୍ତିର ଉପଯୋଗ ପାଇଁ ସୌର ପ୍ୟାନେଲ ଜୋନ୍, ଲ୍ୟାଣ୍ଡସ୍କେପିଂ ଓ ପର୍ଯ୍ୟାପ୍ତ ଖୋଲା ସ୍ଥାନ ରଖାଯାଇଛି। ଏକାମ୍ର ରେସିଡେନ୍ସିକୁ ୧୦୦ ଫୁଟ୍ ଚଉଡ଼ାର ଆପ୍ରୋଚ୍ ରୋଡ୍‌ରେ ଯୋଡ଼ା ଯାଇଛି। ଅଧିକ ସଂଖ୍ୟାରେ ଗାଡ଼ି ପାର୍କିଂ ପାଇଁ ବେସମେଣ୍ଟରେ ସୁବିଧା ରହିଛି। ତେବେ ଏହି ଘରଗୁଡ଼ିକୁ କେଉଁ ପ୍ରକ୍ରିୟାରେ ଆବଣ୍ଟନ କରାଯିବ ତାହା ନିଷ୍ପତ୍ତି ହୋଇନି। ଏହାକୁ ବିଡ୍ ମାଧ୍ୟମରେ ବା ଲଟେରୀ ମାଧ୍ୟମରେ ବିକ୍ରି କରାଯିବ, ତାହା ଖୁବ୍‌ଶୀଘ୍ର ଚୂଡ଼ାନ୍ତ ହେବ। ଲଟେରୀ ମାଧ୍ୟମରେ ଏହାକୁ ଆବଣ୍ଟନ କରାଯିବ ବୋଲି ସୂଚନା ମିଳିଛି। ପ୍ରକଳ୍ପରେ ଗୃହ ନିର୍ମାଣ କାମ ସରିଛି। ରାଜଧାନୀରେ ନିଜର ଘର ରଖିବାକୁ ଚାହୁଁଥିବା ଲୋକଙ୍କ ସ୍ୱପ୍ନ ପୂରା ହେବ ବୋଲି ମନ୍ତ୍ରୀ କହିଛନ୍ତି । କର୍ତ୍ତୃପକ୍ଷ ବୈଠକରେ ବିଡିଏର ଅନ୍ୟ ଯୋଜନା ବିଷୟରେ ମଧ ଆଲୋଚନା ହୋଇଥିଲା। ନିଳାଦ୍ରୀ ବିହାରର ଶନି ମନ୍ଦିରରୁ ଶୈଳଶ୍ରୀ ବିହାରର ଡିଏଭି ସ୍କୁଲ ଯାଏ ସିଡିପି ଅନୁସାରେ ରାସ୍ତା ନିର୍ମାଣ, ଗୁରୁ କେଳୁଚରଣ ପାର୍କ ଛକରୁ ପଟିଆ ରେଳ ଷ୍ଟେସନ ଯାଏ ୪୫ ମିଟର ଚଉଡା ସିଡିପି ରାସ୍ତା, ନୂଆଗାଁକାଟେଣୀ ରାସ୍ତାକୁ ଟିପି-୮ ଦେଇ ଯାଉଥିବା ରାସ୍ତା ସହ ଯୋଡ଼ିବାକୁ ଆଲୋଚନା ହୋଇଛି । ବିଏମସି ମେୟର ସୁଲୋଚନା ଦାସ, ଜଟଣୀ ପୌର ପରିଷଦ ଅଧକ୍ଷ ଅନନ୍ତ ବେହେରା, ଖୋର୍ଦ୍ଧା ପୌର ପରିଷଦ ଅଧକ୍ଷ ଲକ୍ଷ୍ମୀ ମହାନ୍ତି, ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ, କେନ୍ଦ୍ରୀୟ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାର, ବିଡିଏ ଉପାଧକ୍ଷ ଚଞ୍ଚଳ ରାଣା, ବିଡିଏ ସଚିବ ମାନସ ରଞ୍ଜନ ପାଢୀଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ ।

